


◀ ଆଜିର 'ସକାଳ'
ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-99 ♦SUNDAY ♦5 OCTOBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୯୯ ♦ରବିବାର ♦୫ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)

## ପୁଲିସ ଚାକିରି ବେପାର

## ୧୧୮ ଗିରଫ; ଚେର ଖୋଜୁଛି କ୍ରାଇମ୍‌ବ୍ରାଞ୍ଚ୍

# ବଡ଼ବଡ଼ିଆଙ୍କୁ ହାତ ପାଉନି

- ସମସ୍ତ ୯୩୩ ପଦ ବିକ୍ରି ପାଇଁ କରାଯାଇଥିଲା ଯୋଜନା
- ସିଲିକନ୍ ଟେକ୍‌ଲାବ୍ ଓ ପଞ୍ଚସଫ୍ଟ ମଧ୍ୟରେ ତଦନ୍ତ ସୀମିତ
- ବାରମ୍ବାର ପରୀକ୍ଷା ପରିଚାଳନା ସବ୍‌ଲେଟ୍ ସନ୍ଦେହଘେରରେ
- କିଏ ଦେଇଥିଲା ପରୀକ୍ଷା ପରିଚାଳନା ସଂସ୍ଥା ପରିବର୍ତ୍ତନ ଅନୁମତି
- ଆସନ୍ତା ୬ ତାରିଖରେ ପ୍ରତିବାଦ ଶୋଭାଯାତ୍ରା କରିବ ବିଜେଡି

■ **ଭୁବନେଶ୍ୱର/ବ୍ରହ୍ମପୁର, ୪।୧୦ (ସମିସ):** ଓଡ଼ିଶା ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣାରେ ୧୧୪ ଜଣ ପରୀକ୍ଷାର୍ଥୀ ଓ ୪ ଜଣ ଦଲାଲଙ୍କୁ ମିଶାଇ ମୋଟ ୧୧୮ ଜଣ ଗିରଫ ହୋଇଛନ୍ତି। ମାତ୍ର ଘଟଣାକୁ ୫ଦିନ ବିତିଥିଲେ ମଧ୍ୟ ପ୍ରକୃତ ମାଷ୍ଟରମାଇଣ୍ଡ ପାଖରେ ପୁଲିସ୍ ପହଞ୍ଚି ପାରିନାହିଁ। ପରୀକ୍ଷା ପରିଚାଳନା କରିବା ପାଇଁ ଟେଣ୍ଡର ପାଇଥିବା କେନ୍ଦ୍ରୀୟ ପିଏସ୍‌ୟୁ ଆଇଟିଆଇ ଲିମିଟେଡ୍‌ର କୌଣସି ଅଧିକାରୀଙ୍କୁ ଜେରା କରାଯାଇ ନାହିଁ। ସେହି କମ୍ପାନୀଠାରୁ ସବ୍ ଟେଣ୍ଡର ପାଇଥିବା ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ସିଲିକନ୍‌ଠାରୁ ସବ୍ ଟେଣ୍ଡର ନେଇଥିବା ପଞ୍ଚସଫ୍ଟ ଟେକ୍ନୋଲୋଜି ମଧ୍ୟରେ ହିଁ ତଦନ୍ତ ସୀମିତ ରହିଛି।

ଅପରପକ୍ଷରେ ପୂର୍ବତନ ଜେଲ୍ ଡିଆଇଜି କୁଳମଣି ବେହେରାଙ୍କ ପୁଅ ମଧ୍ୟ ଏହି ମାମଲାରେ ଗିରଫ ହୋଇଛନ୍ତି। ଏସ୍‌ଆଇ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି)ର ଅଧ୍ୟକ୍ଷ ଜେଲ୍ ବିଭାଗର ଡିଜି ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କର ସମ୍ପୃକ୍ତିକୁ ନେଇ ମଧ୍ୟ ଅଭିଯୋଗ ହୋଇଛି। ପରୀକ୍ଷା ପରିଚାଳନା ପାଇଁ ଆଇଟିଆଇ ▶ପୃଷ୍ଠା-୭

## ବାରଙ୍ଗରୁ ଆଉ ଜଣେ ଦଲାଲ ଗିରଫ


ବିଶ୍ୱରଞ୍ଜନ ବେହେରା

**ମୁନ୍ନା ମହାନ୍ତି, ଶଙ୍କର ପୃଷ୍ଟି ନିଖୋଜ**

■ **ଭୁବନେଶ୍ୱର, ୪।୧୦ (ସମିସ):** ପୁଲିସ ଏସ୍‌ଆଇ ଚାକିର ବିକ୍ରି ରାକେଟ୍‌ର ଦୁଇ ପ୍ରମୁଖ ଅଭିଯୁକ୍ତ ମୁନା ମହାନ୍ତି ଓ ଶଙ୍କର ପୃଷ୍ଟିଙ୍କ ପତ୍ତା ପାଉନାହିଁ ପୁଲିସ। ଦୁହିଁଙ୍କୁ ଧରିବାକୁ ପୁଲିସ ତନାଘନା ଚଳାଇଥିଲେ ବି ସେମାନେ ଫେରାର ଅଛନ୍ତି। ତେବେ କ୍ରାଇମବ୍ରାଞ୍ଚ ଟିମ୍ ଭୁବନେଶ୍ୱର ବାରଙ୍ଗ ଅଞ୍ଚଳରୁ ଅନ୍ୟ ଜଣେ ଦଲାଲକୁ ଗିରଫ କରିଛି। ଗିରଫ ଦଲାଲ ହେଲେ ବାରଙ୍ଗ ଥାନା ବିଦ୍ୟାଧରପୁର ଗ୍ରାମର ବିଶ୍ୱରଞ୍ଜନ ବେହେରା। ଅଭିଯୁକ୍ତ ବିଶ୍ୱରଞ୍ଜନ ଏହି ଘଟଣାରେ ଜଣେ ମଧ୍ୟସ୍ଥ ଭାବରେ କାର୍ଯ୍ୟ କରୁଥିଲେ। ଏହି ସିଣ୍ଡିକେଟର ମୁଖ୍ୟଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଶ୍ୱରଞ୍ଜନ ଆଶାୟୀ ପ୍ରାର୍ଥୀଙ୍କ ସହିତ ନିୟମିତ ଯୋଗାଯୋଗ କରୁଥିଲେ। ଆଶାୟୀ ପ୍ରାର୍ଥୀଙ୍କଠାରୁ ସେମାନଙ୍କ ଅରିଜିନାଲ ଶିକ୍ଷାଗତ ପ୍ରମାଣପତ୍ର ଏବଂ ବ୍ଲାଙ୍କ୍ ଚେକ୍ ସଂଗ୍ରହ କରିଥିଲେ। ପରବର୍ତ୍ତୀ ସମୟରେ ଏହି କାଗଜପତ୍ର ଗୁଡିକୁ ସିଣ୍ଡିକେଟ୍‌ର ଅନ୍ୟ ଜଣେ ସଦସ୍ୟଙ୍କୁ ସେ ହସ୍ତାନ୍ତର କରିଥିଲେ।

## ମୁଖ୍ୟ ସଚିବଙ୍କ ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର, ୪।୧୦ (ସମିସ):** ପୁଲିସ ସବଇନ୍ସପେକ୍ଟର ପରୀକ୍ଷା କେଳେଙ୍କାରୀକୁ ନେଇ ଶନିବାର ସନ୍ଧ୍ୟାରେ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୃହ ସଚିବ ସତ୍ୟବ୍ରତ ସାହୁଙ୍କ ସହ ଓପିଆରବି (ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ) ଅଧ୍ୟକ୍ଷ ସୁଶାନ୍ତ ନାଥ, ଓପିଆରବି ସଦସ୍ୟ ଆଇପିଏସ ଅବିନାଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।ସୂଚନା ଅନୁଯାୟୀ ବୈଠକରେ ମୁଖ୍ୟ ସଚିବ ଏସଆଇ କେଳେଙ୍କାରୀ ସମ୍ପର୍କରେ ବିସ୍ତୃତ ତଥ୍ୟ ପଚାରି ବୁଝିଛନ୍ତି। ଏପରି ଦୁର୍ନୀତି କିପରି ହେଲା, ଦୁର୍ନୀତିର ମୂଳ ଖିଅ ଖୋଜିବା ପାଇଁ ତଦନ୍ତ କେତେବାଟ ଯାଇଛି, ପରୀକ୍ଷା ପରିଚାଳନାରେ ମୂଳ ତ୍ରୁଟି କେଉଁଠି ରହିବା ସେନେଇ ବୈଠକରେ ବ୍ୟାପକ ବିଚାର ବିମର୍ଶ କରାଯାଇଛି। ସେହିପରି ଏପର୍ଯ୍ୟନ୍ତ ହୋଇଥି ତଦନ୍ତ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିବା ନେଇ ମଧ୍ୟ ସୂଚନା ହସ୍ତଗତ ହୋଇଛି। ଏ ସମ୍ପର୍କରେ ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ ନାଥ କହିଛନ୍ତି, ଯାହା ଘଟଣା ଘଟିଛି କ୍ରାଇମ୍‌ବ୍ରାଞ୍ଚକୁ ଲିଖିତ ଭାବେ ଜଣାଇଛୁ। ତଦନ୍ତ ରିପୋର୍ଟକୁ ଅପେକ୍ଷା କରିଛୁ। ରିପୋର୍ଟ ଆସିବା ପରେ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ନିଆଯିବ। ସଠିକ୍ ସମୟରେ ସ୍ୱଚ୍ଛ ଭାବେ ପରୀକ୍ଷା ହେବ ବୋଲି ଶ୍ରୀ ନାଥ କହିଛନ୍ତି।

## ପଞ୍ଚସଫ୍ଟର ୩ଟି ଅଫିସ ସିଲ୍

ଚାକିରି ବେପାର ଘଟଣାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ ଚଳାଇଥିବାବେଳେ ଏସ୍‌ପି ଅନୀଲ ବେହୁରିଆ ଏହାର ତତ୍ତ୍ୱାବଧାନ କରୁଛନ୍ତି। ତେବେ ଏହାର ତଦନ୍ତ ଦାୟିତ୍ୱ ଡିଏସ୍‌ପି ରତ୍ନପ୍ରଭା ଶପଥୀଙ୍କୁ ପ୍ରଦାନ କରାଯାଇଛି। ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଓପିଆରବିଠୁ କାମ ନେଇଥିବା ସଂସ୍ଥା ସିଲିକନ୍ ମାଲିକ ସମେତ ୫ଜଣକୁ ପଚରାଉଚରା କରିଛି ଆଜି କ୍ରାଇମ୍‌ବ୍ରାଞ୍ଚ ଜେରା କରିଛି। ଏହା ସହ ବ୍ରହ୍ମପୁର ଏବଂ ଭୁବନେଶ୍ୱରରେ ଥିବା ପଞ୍ଚସଫ୍ଟ ସହ ଅନ୍ୟ ୩ ଅଫିସ ସିଲ କରିଛି କ୍ରାଇମ୍‌ବ୍ରାଞ୍ଚ। ଫେରାର ଥିବା ଶଙ୍କର ପୃଷ୍ଟି ବ୍ରହ୍ମପୁରସ୍ଥିତ ପଞ୍ଚସଫ୍ଟ ସଂସ୍ଥାର ମୁଖ୍ୟ ବୋଲି କୁହାଯାଉଛି। ଶଙ୍କର ଘର ଗଞ୍ଜାମ ଶେରଗଡ଼ ଅଞ୍ଚଳରେ ବୋଲି ସୂଚନା ମିଳିଛି।

## ଦୁର୍ନୀତି ଗନ୍ଧ ବାରି ଇସ୍ତଫା ଦେଇଥିଲେ ଓପିଆର୍‌ବି ଅଧ୍ୟକ୍ଷ

■ **ଭୁବନେଶ୍ୱର, ୪।୧୦ (ସମିସ):** ଏସ୍‌ଆଇ ପରୀକ୍ଷା ନିଯୁକ୍ତିରେ ବ୍ୟାପକ ଦୁର୍ନୀତି ହେଉଥିବା ଗନ୍ଧ ବାରିଥିଲେ ପୂର୍ବତନ ଓପିଆରବି ଅଧ୍ୟକ୍ଷ ସନ୍ତୋଷ ଉପାଧ୍ୟାୟ। ୨୦୨୪ରେ ପୁଲିସ ଏସଆଇ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିବା ପରେ ପ୍ରକ୍ରିୟାର ଦାୟିତ୍ୱ ନେଇଥିଲା ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ ବା ଓପିଆରବି। ସେତେବେଳେ ଓପିଆରବିର ଅଧ୍ୟକ୍ଷ ଥିଲେ ଆଇପିଏସ୍ ସନ୍ତୋଷ ଉପାଧ୍ୟାୟ। ପରୀକ୍ଷା ପରିଚାଳନା ପାଇଁ ଓପିଆରବି ଦାୟିତ୍ୱ ଦେଇଥିଲା କେନ୍ଦ୍ର ସରକାରଙ୍କ ପିଏସୟୁ ଗୁଜୁରାଟର ଆଇଟିଆଇ ସଂସ୍ଥାକୁ। ଆଇଟିଆଇ ଗୁଜୁରାଟର ଆଉ ଏକ ସଂସ୍ଥା ରିଚ୍ ମାଇନସ ଡ଼ିଜିଟାଲକୁ ଏହି ଦାୟିତ୍ୱ ଦେଲା। ଏଥିରେ ଦୁର୍ନୀତି ଆଶଙ୍କା କରି ନିଜଆଡୁ ସେ ଗତ ଏପ୍ରିଲ ମାସରେ ଇସ୍ତଫା ଦେଇଥିଲେ। ଓପିଆରବି ଅଧ୍ୟକ୍ଷ ପଦରୁ ସନ୍ତୋଷ ଉପାଧ୍ୟାୟ ଇସ୍ତଫା ଦେବା ପରେ ସୁଶାନ୍ତ ନାଥ ଅଧ୍ୟକ୍ଷ ଦାୟିତ୍ୱ ସମ୍ଭାଳିଲେ। ଏହା ପରେ ବଦଳିଗଲା ଓପିଆରବି ଅଧୀନରେ ପୁଲିସ ଏସ୍‌ଆଇ ପରୀକ୍ଷା ଦାୟିତ୍ୱରେ ଥିବା ସଂସ୍ଥା।

## ସିଲିକନ୍ ଟେକ୍‌ଲାବ୍‌ରେ ୧୬ ଅଂଶୀଦାର

### ୩ ଜଣଙ୍କ ନିକଟରେ ୭୭.୩୧ ପ୍ରତିଶତ ଅଂଶ

■ **ଭୁବନେଶ୍ୱର, ୪।୧୦ (ସମିସ):** ଚାକରି ବେପାର ଘଟଣାରେ ବିବାଦୀୟ ସିଲିକନ୍ ଟେକ୍‌ଲାବ୍ ସମ୍ପର୍କରେ ଯେତେ ଖୋଳତାଡ଼ ହେଉଛି, ସେତିକି ନୂଆ ନୂଆ ତଥ୍ୟ ପଦାକୁ ଆସୁଛି। ପରୀକ୍ଷା ପରିଚାଳନାର ସାମାନ୍ୟ ଅଭିଜ୍ଞତା ନ ଥିବା ଏହି ସଂସ୍ଥା ଓପିଆର୍‌ବି ଠାରୁ ଦାୟିତ୍ୱ ପାଇଥିବା ରାଷ୍ଟ୍ରାୟତ୍ତ ସଂସ୍ଥା ଆଇଟିଆଇଠାରୁ ଏସ୍‌ଆଇ ପରୀକ୍ଷା ପରିଚାଳନା ଭାର ଗ୍ରହଣ କରିଥିଲା ଓଡିଶାରେ ପୁଲିସ ଏସଆଇ ପରୀକ୍ଷା ପରିଚାଳନା ପାଇଁ କେନ୍ଦ୍ରୀୟ ଉଦ୍ୟୋଗ ଆଇଟିଆଇର ପ୍ରଥମ ସହଯୋଗୀ ସଂସ୍ଥା ଥିଲା ଗୁଜୁରାଟର ଘରୋଇ ସଂସ୍ଥା ରିଚ୍ ମାଇଣ୍ଡସ। ସେତେବେଳେ ବି ଅନୁରୂପ ଅନିୟମିତା ଅଭିଯୋଗ ହୋଇଥିଲା ଓ ଏହି ସଂସ୍ଥାକୁ ପରୀକ୍ଷା ପରିଚାଳନାରୁ ଅବ୍ୟାହତି ଦିଆଯାଇଥିଲା। ଏହାପରେ ଓଡ଼ିଶାର ଘରୋଇ ସଂସ୍ଥା ସିଲିକନ୍ ଟେକଲାବ୍ ପରୀକ୍ଷା ପରିଚାଳନା ଦାୟିତ୍ୱ ପାଇଥିଲା। ସେତେବେଳେ ସିଲିକନ୍ ସଂସ୍ଥାର ଅଭିଜ୍ଞତା ଓ ବିଶ୍ୱସନୀୟତାକୁ କିଏ ଯାଞ୍ଚ କରିଥିଲା ତାର କୌଣସି ତଥ୍ୟ ନାହିଁ। ପୁନଶ୍ଚ ଏହି ସଂସ୍ଥା ପୁଣି ପଞ୍ଚସଫ୍ଟ ଟେକନୋଲୋଜିକୁ ସହଯୋଗୀ ସଂସ୍ଥା ଭାବେ ପରୀକ୍ଷା ପରିଚାଳନା ପାଇଁ ବାଛିବା ପଛରେ କାହାର ହାତ ଥିଲା ତାହା ଏବେ ମଧ୍ୟ ସନ୍ଦେହରେ। କମ୍ପାନୀ ରେକର୍ଡ ଅନୁସାରେ ଏହି ସଂସ୍ଥାରେ ୧୬ଜଣ ଅଂଶୀଦାର ଥିଲେ ହେଁ ସୁରେଶ ଚନ୍ଦ୍ର ନାୟକ, ସଂଗ୍ରାମ କେଶରୀ ମହାନ୍ତି, ସମୀର ରଥ, ଶାଶ୍ୱତୀ ମିଶ୍ର ଏବଂ ଏସ ଭି ଏରାଙ୍କି ପ୍ରମୁଖ ୫ ଜଣ ନିର୍ଦ୍ଦେଶକ ରହିଥିଲେ। ମାତ୍ର କୌତୂହଳର କଥା ହେଉଛି ଏହାର ୧୬ ଅଂଶୀଦାରଙ୍କ ନିକଟରେ ମାତ୍ର ୨୨.୬୯% ଅଂଶ ରହିଥିବାବେଳେ ୩ଜଣଙ୍କ ନିକଟରେ ଥିଲା ୭୭.୩୧ ଅଂଶ। ନିର୍ଦ୍ଦେଶକ ସୁରେଶ ନାୟକଙ୍କ ନିକଟରେ ୩୦.୭%, ସଞ୍ଜୀବ ନାୟକଙ୍କ ନିକଟରେ ୨୧.୩୬% ଓ ଏସ୍‌ଟିପିଏଲ୍ ନାମକ ଏକ ସଂସ୍ଥା ନିକଟରେ ୨୫.୨୫% ଅଂଶ ଥିବା ସୂଚନା ମିଳିଛି। ତେଣୁ ଚାକିରି ବେପାରରେ ଅନ୍ୟ ଅଂଶୀଦାରଙ୍କ ଭୂମିକା କ'ଣ ରହିଛି ତାହାର ଅନୁସନ୍ଧାନ ହେବାର ଆବଶ୍ୟକ ରହିଛି ବୋଲି ଦାବି ହୋଇଛି।

## ଅଧିନାୟକ ପଦରୁ ବିଦାହେଲେ ରୋହିତ

# ଗିଲ୍‌ଙ୍କୁ ଦିନିକିଆ ନେତୃତ୍ୱ




■ **ମୁମ୍ବଇ, ୪।୧୦ (ଏଜେନ୍ସି):** ଭାରତୀୟ ଦିନିକିଆ ଦଳର ଅଧିନାୟକ ପଦରୁ ରୋହିତ ଶର୍ମାଙ୍କୁ ହଟାଇ ଦିଆଯାଇଛି। ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ତାଙ୍କ ସ୍ଥାନରେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ଲାଗି ଦଳର ନେତୃତ୍ୱ ଦିଆଯାଇଛି। ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ ରୋହିତଙ୍କ ସ୍ଥାନରେ ମଧ୍ୟ ଗିଲ୍‌ଙ୍କୁ ନେତୃତ୍ୱ ନେବା ଲାଗି ଚୟନ କରାଯାଇଥିଲା। ଅଷ୍ଟ୍ରେଲିଆରେ ଅକ୍ଟୋବର ୧୯, ୨୩ ଓ ୨୫ରେ ଖେଳାଯିବାକୁ ଥିବା ଦିନିକିଆ ସିରିଜ୍ ଲାଗି ଟେଷ୍ଟ ଓ ଟି-୨୦ କ୍ରିକେଟରୁ ଅବସର ନେଇଥିବା ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ସାମିଲ କରାଯାଇଛି। ଶ୍ରେୟସ ଆୟରଙ୍କୁ ଦଳର ଉପ-ଅଧିନାୟକ ମନୋନୀତ କରାଯାଇଥିଲା ବେଳେ ଯଶପ୍ରୀତ୍ ବୁମ୍‌ରାଙ୍କୁ ଏହି ସିରିଜ୍ ଲାଗି ବିଶ୍ରାମ ଦିଆଯାଇଛି। (ବିବରଣୀ: ଖେଳ ପୃଷ୍ଠାରେ...)

## ଭାଇଚାରାର ସହରରେ ରକ୍ତର ଛିଟା

# ଭସାଣିରେ ଗୋଷ୍ଠୀ ସଂଘର୍ଷ: ୬ ଗୁରୁତର, ଆଇସିୟୁରେ ୨

■ **କଟକ, ୪।୧୦ (ସମିସ):** ଭାଇଚାରାରେ ରକ୍ତଛିଟା। ଐତିହାସିକ କଟକ ଦୁର୍ଗାପୂଜା ଭସାଣିରେ ଗତକାଲି ବିଳମ୍ବିତ ରାତିରେ କଟକ ଦରଘାବଜାର ଥାନା ଅଞ୍ଚଳରେ ରକ୍ତାକ୍ତ ଗୋଷ୍ଠୀ ସଂଘର୍ଷ ଘଟିଛି। ୨ ଗୋଷ୍ଠୀ ମଧ୍ୟରେ ଢେଲା ଓ କାଚ ବୋତଲ ମାଡ଼ ହୋଇଥିବା ବେଳେ ଏଥିରେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଛି। ଦୁହିଁଙ୍କୁ ଚିକିତ୍ସା ନିମନ୍ତେ ଏସ୍‌ସିବି ଟ୍ରମା ଆଇସିୟୁରେ ଭର୍ତ୍ତି କରାଯାଇଛି। ଏହି ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ୬ ଆକ୍ରମଣକାରୀଙ୍କୁ

**ଡିସିପିଙ୍କ ସମେତ ୩ ପୁଲିସ କନେଷ୍ଟବଲ ଆହତ**

**ସୋମବାର ଭିଏଚ୍‌ପିର 'କଟକ ବନ୍ଦ' ଡାକରା**

ଦରଘାବଜାର ପୁଲିସ ଗିରଫ କରିଛି। ଅନ୍ୟପଟେ ସିସି କ୍ୟାମେରା, ନିୟୋଜିତ ଡ୍ରୋନ୍ ଫୁଟେଜ୍ ଏବଂ ପୁଲିସ ପକ୍ଷରୁ ସୁଟିଂ ହୋଇଥିବା ଭିଡିଓ ଫୁଟେଜ୍‌ରୁ ଆକ୍ରମଣକାରୀ ଚିହ୍ନଟ ପ୍ରକ୍ରିୟା ଚାଲିଛି। ସର୍ଚ୍ଚ ଅପରେସନ୍‌କୁ ମଧ୍ୟ ପୁଲିସ ଜୋରଦାର୍ କରିଛି।

ଗତକାଲି ବିଳମ୍ବିତ ରାତିରେ ଦରଘାବଜାର ଥାନା ଅଞ୍ଚଳରେ ଗଣ୍ଡଗୋଳ ପରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହା ପରେ ଉଭୟ ଗୋଷ୍ଠୀ ଢେଲା ଓ କାଚ ବୋତଲ ମାଡ଼ କରିଥିଲେ। ଏଥିରେ ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ ମଧ୍ୟ ଆହତ ହୋଇଛନ୍ତି। ପଥର ମାଡ଼ରେ ତାଙ୍କ ଆଖିପତା ଫାଟି ଯାଇଛି। ସେହିପରି ▶ପୃଷ୍ଠା-୭

## ନିନ୍ଦାକଲେ ନବୀନ

**ଶାନ୍ତିପ୍ରିୟ ଓଡ଼ିଶାରେ ଏ ଅଶାନ୍ତିର ବାତାବରଣ କଦାପି ଗ୍ରହଣୀୟ ନୁହେଁ**


**ଆଇନଶୃଙ୍ଖଳାକୁ ବିଗାଡ଼ିଦେଉଛି ପୁଲିସ ଉପରେ ଚାପ**



■ **ଭୁବନେଶ୍ୱର, ୪।୧୦ (ସମିସ):** ଦୁର୍ଗାପୂଜା ଭସାଣି ସମୟରେ କଟକ ଦରଘା ବଜାରରେ ଘଟିଥିବା ଗୋଷ୍ଠୀ ସଂଘର୍ଷକୁ ଦୃଢ଼ ନିନ୍ଦା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏ ସଂପର୍କରେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ଭାଇଚାରାର ସହର କଟକରେ ଏପରି ଅପ୍ରୀତିକର ସ୍ଥିତି ବେଶ୍ ଚିନ୍ତାଜନକ। ଭସାଣି ସମୟରେ ଢେଲା-ପଥର, ବୋତଲ ମାଡ଼ ପରି ଘଟଣା ଏକ ବଡ଼ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରୁଛି। ଶାନ୍ତିପ୍ରିୟ ଓଡ଼ିଶାରେ ଏ ଅଶାନ୍ତିର ବାତାବରଣ କଦାପି ଗ୍ରହଣୀୟ ନୁହେଁ। ଏପରି ସ୍ଥିତିକୁ ନିୟନ୍ତ୍ରଣ କରିବା ଆଗରେ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ଅସହାୟ ମନେ ହେଉଛି। ବିଜେପି ସରକାରରେ ପୁଲିସ ଉପରେ ରହୁଥିବା ଚାପ ରାଜ୍ୟରେ ଆଇନଶୃଙ୍ଖଳାକୁ ବିଗାଡ଼ି ଦେଉଛି। ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ଓ ସଦ୍‌ଭାବନା ବଜାୟ ରଖିବା ଆମ ସମସ୍ତଙ୍କ ପ୍ରଥମ ଲକ୍ଷ୍ୟ ଏବଂ କର୍ତ୍ତବ୍ୟ ହେଉ। ସମାଜରେ ଶାନ୍ତି ଓ ମୈତ୍ରୀ ବଜାୟ ରହୁ ବୋଲି ନବୀନ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

## ବିମାନବନ୍ଦରରୁ ପୁଣି ଜବତ ହେଲା ୩ କୋଟିର ମାରିଜୁଆନା

■ **ଭୁବନେଶ୍ୱର, ୪।୧୦ (ସମିସ):** ନିଶା ଚାଲାଣର ସହଜ ବାଟପାଲଟିଛି ବିଜୁ ପଟ୍ଟନାୟକ ବିମାନ ବନ୍ଦର। ଏଠାରେ ଯାଞ୍ଚ କଡ଼ାକଡ଼ି ନଥିବାରୁ ନିଶା ମାଫିଆଙ୍କ ଆଖି ଏହି ବିମାନ ବନ୍ଦର ଉପରେ। ଗତ କିଛି ମାସ ହେବ ନିୟମିତ ଭାବେ ବିଜୁ ପଟ୍ଟନାୟକ ବିମାନ ବନ୍ଦର ଦେଇ ନିଶା ଚାଲାଣ ହେଉଛି। ଯେତେ ଧରାପଡୁଥିଲେ ମଧ୍ୟ ନିଶା ଚାଲାଣ ଥମୁନି। ଦେଢ଼ମାସ ପୂରିନି ପୁଣି ଥରେ ଜବତ ହୋଇଛି ମାରିଜୁଆନା। ବିମାନବନ୍ଦରରୁ ୩ କୋଟି ଟଙ୍କାର ମାରିଜୁଆନା ଜବତ କରାଯାଇଛି। ମାରିଜୁଆନା ଆଣିଥିବା କେରଳର ଯାତ୍ରୀଙ୍କୁ କଷ୍ଟମ ବିଭାଗ ଅଟକ ରଖି ପଚରାଉଚରା କରୁଛି। ଏହି ଯାତ୍ରୀ ଜଣକ ହେଉଛନ୍ତି ମହମ୍ମଦ। ବ୍ୟାଙ୍କକରୁ ମାରିଜୁଆନା ଆଣି ଏୟାରଇଣ୍ଡିଆ ବିମାନରେ ଭୁବନେଶ୍ୱର ଆସିଥିଲେ। ଏହି ଯାତ୍ରୀଙ୍କ ଚାଲିଚଳନରେ ସନ୍ଦେହ ହେବାରୁ ବିମାନ ବନ୍ଦରରେ



**ବ୍ୟାଙ୍କକରୁ ଆସୁଥିଲା, ଯାତ୍ରୀଙ୍କୁ ଅଟକ ରଖି ପଚରାଉଚରା**

**ଭୁବନେଶ୍ୱରକୁ ନିଶା ହବ୍ କରିବାକୁ ଅନ୍ତର୍ଜାତୀୟ ଚକ୍ରାନ୍ତ**

ଅଟକାଇ ଲଗେଜ ବ୍ୟାଗର ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ୩.୨ କିଲୋ ମାରିଜୁଆନ ମିଳିଥିଲା।

ସୂଚନାଯୋଗ୍ୟ ଯେ ଭୁବନେଶ୍ୱର ଦେଇ ବିଦେଶରୁ ବ୍ୟାପକ ପରିମାଣରେ ▶ପୃଷ୍ଠା-୭

## ସିନେଟ୍‌ରେ ଅଟକିଛି ଅର୍ଥ ବିଲ୍

# ୪ ଦିନ ହେଲା ଆମେରିକା ସଟ୍‌ଡାଉନ୍

### ନାସା ବି ବନ୍ଦ ■ ଛୁଟିରେ ଗଲେ ୭ ଲକ୍ଷ ୫୦ ହଜାର କର୍ମଚାରୀ

■ **ୱାଶିଂଟନ, ୪।୧୦ (ଏଜେନ୍ସି):** ସିନେଟ୍‌ରେ ଅର୍ଥ ବିଲ୍ ଅନୁମୋଦନକୁ ନେଇ ଅଚଳାବସ୍ଥା ଲାଗି ରହିଥିବାରୁ ଗତ ୪ ଦିନ ଧରି ଆମେରିକା ଅଚଳ (ସଟ୍‌ଡାଉନ୍) ହୋଇଯାଇଛି। କେବଳ କିଛି ଅତ୍ୟାବଶ୍ୟକ ସେବାକୁ ଛାଡ଼ିଦେଲେ ଅନ୍ୟ ସେବା ଗୁଡ଼ିକୁ ବନ୍ଦ କରି ଦିଆଯାଇଛି। ଏପରିକି ଆମେରିକାର ମହାକାଶ ସଂସ୍ଥା 'ନାସା' ମଧ୍ୟ ବନ୍ଦ ହୋଇଯାଇଛି। ଦେଶର ସାଢ଼େ ସାତ ଲକ୍ଷ କର୍ମଚାରୀଙ୍କ ଭବିଷ୍ୟତ ଏବେ ବିପଦ ମୁହଁକୁ ଠେଲି ହୋଇଯାଇଛି। ସାତ ଲକ୍ଷ କର୍ମଚାରୀଙ୍କୁ ଛୁଟିରେ ପଠାଇ ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଲକ୍ଷ କର୍ମଚାରୀ ଛଟେଇ ହେବାର ଆଶଙ୍କା ରହିଛି। ଏହାଛଡ଼ା ଅନେକ କର୍ମଚାରୀଙ୍କୁ ଏବେ ବିନା ବେତନରେ କାମ କରିବାକୁ ପଡ଼ିବ। ଗତ ୭ ବର୍ଷ ମଧ୍ୟରେ ପ୍ରଥମ ଥର ଲାଗି ଆମେରିକାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏଥିଲାଗି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଦାୟୀ କରାଯାଇଛି।

**ଜିଦ୍‌ରେ ଅଟଳ ଡେମୋକ୍ରାଟ୍ ସଦସ୍ୟ; ଅଡୁଆରେ ଟ୍ରମ୍ପ**

ନିୟମ ଅନୁଯାୟୀ ଆମେରିକାର ବିଭିନ୍ନ ବିଭାଗ ପାଇଁ ସଂସଦ ପ୍ରତିବର୍ଷ ଅକଟୋବର ପହିଲା ତାରିଖ ସୁଦ୍ଧା ଅର୍ଥ ମଞ୍ଜୁର କରିଥାଏ। ମଞ୍ଜୁରୀ ମିଳିବା ପେରେ ୧ ତାରିଖରୁ ବିଭାଗଗୁଡ଼ିକ ବଜେଟ ଖର୍ଚ୍ଚ ଆବଣ୍ଟନ କରାଯାଏ। କିନ୍ତୁ ଏଥର ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ଏବଂ ବିରୋଧୀ ଦଳ ଡେମୋକ୍ରାଟିକ ପାର୍ଟି ମଧ୍ୟରେ ମତଭେଦ ଯୋଗୁଁ



ଏହା ସମ୍ଭବ ହୋଇପାରି ନାହିଁ। ସ୍ୱାସ୍ଥ୍ୟ ସେବାକୁ ମିଳୁଥିବା ସବସିଡିକୁ କାଟିବା ଲାଗି ଟ୍ରମ୍ପ ପ୍ରଶାସନ ଜିଦ୍ ଧରିଥିବା ବେଳେ ଡେମୋକ୍ରାଟିକ ପାର୍ଟି ଏହାର ବିରୋଧ କରୁଛି। ଯେଉଁ ପର୍ଯ୍ୟନ୍ତ ଏହି ସବସିଡି ବ୍ୟବସ୍ଥା ଅବ୍ୟାହତ ରଖାନଯାଇଛି, ସେପର୍ଯ୍ୟନ୍ତ ଡେମୋକ୍ରାଟ୍ ସାଂସଦ ଅର୍ଥ ବିଲକୁ ସମର୍ଥନ କରିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ସୂଚନାଯୋଗ୍ୟ ଯେ ଆମେରିକା ସଂସଦ ବା କଂଗ୍ରେସର ନିମ୍ନ ସଦନ (ହାଉସ ଅଫ୍ ରିପ୍ରେଜେଣ୍ଟେଟିଭ୍)ରେ ଟ୍ରମ୍ପଙ୍କ ପାର୍ଟିର ସଂଖ୍ୟାଗରିଷ୍ଠତା ଥିବା ବେଳେ ଉଚ୍ଚ ସଦନ (ସିନେଟ)ରେ ବିରୋଧୀ ଡେମୋକ୍ରାଟିକ୍ ପାର୍ଟିର ଅଧିକ ସାଂସଦ ରହିଛନ୍ତି। ତେଣୁ ସିନେଟରେ ବିଲ୍ ପାସ୍ କରିବାକୁ ହେଲେ ଡେମୋକ୍ରାଟ୍ ପାର୍ଟିର ସମର୍ଥନ ଜରୁରୀ। ଫଳାରେ ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଛି। ଅର୍ଥ ମଞ୍ଜୁର ହୋଇନଥିବାରୁ ଜାତୀୟ ଅର୍ଥନୀତି ▶ପୃଷ୍ଠା-୭





ସକାଳ
www.sakalaepaper.com


# ଆମେରିକାରେ ଭାରତୀୟ ଛାତ୍ରଙ୍କୁ ଗୁଳି କରି ହତ୍ୟା

ହାଇଦରାବାଦ,୪ ।୧୦(ଏଜେନ୍ସି): ଆମେରିକାର ଡଲାସ୍ ସହରରେ ଜଣେ ଭାରତୀୟ ଦନ୍ତ ଚିକିତ୍ସା ଛାତ୍ରଙ୍କୁ ଗୁଳି କରି ହତ୍ୟା କରାଯାଇଛି । ହାଇଦରାବାଦ୍‌ରୁ ୨୭ ବର୍ଷୀୟ ଚନ୍ଦ୍ରଶେଖର ପୋଲ୍ ଡଲାସର ଏକ ଗ୍ୟାସ ଷ୍ଟେସନରେ ପାର୍ଟ ଟାଇମ୍ ଚାକିରି କରୁଥିଲେ । ସେ ହାଇଦରାବାଦ୍‌ରେ ଡେଣ୍ଟାଲ ସର୍ଜରୀରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ୨୦୨୩ରେ ଉଚ୍ଚଶିକ୍ଷା ପାଇଁ ଆମେରିକା ଯାଇଥିଲେ । ତେବେ ଗତ ରାତିରେ କେତେଜଣ ଅଜଣା ବନ୍ଧୁକଧାରୀ ତାଙ୍କୁ ଗୁଳି କରି ହତ୍ୟା କରିଛନ୍ତି । ୬ ମାସ ତଳେ ସେ ଆମେରିକାରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ । ସେ ଫୁଲ୍ ଟାଇମ୍ ଚାକିରି ପାଇଁ ଚେଷ୍ଟା କରୁଥିଲେ । ଆମେରିକାରୁ ପୁଅର ମୃତଦେହ ଆଣିବାକୁ ଚନ୍ଦ୍ରଶେଖରଙ୍କ ପରିବାର ଭାରତ ସରକାରଙ୍କୁ ନିବେଦନ କରିଛନ୍ତି । ତେବେ କେଉଁ କାରଣରୁ ଚନ୍ଦ୍ରଶେଖରଙ୍କୁ ହତ୍ୟା କରାଯାଇଛି ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ । ବିଆରଏସ୍ ବିଧାୟକ ଟି ହରିସ ରାଓ ମୃତଦେହ ଫେରାଇ ଆଣିବାକୁ ଆବଶ୍ୟକ ପଦକ୍ଷେପ ଯଥାଶୀଘ୍ର ଗ୍ରହଣ କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି ।

# ବେଲୁଚିସ୍ତାନରେ ବନ୍ଦର ନିର୍ମାଣ କରିବ ଆମେରିକା

ଇସ୍‌ଲାମାବାଦ୍,୪ ।୧୦(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟରେ ଏକ ବନ୍ଦର ନିର୍ମାଣ କରିବାକୁ ଆମେରିକାକୁ ପ୍ରସ୍ତାବ ଦିଆଯାଇଛି । ଏହି ପ୍ରସ୍ତାବ ଦେଇଛନ୍ତି ପାକିସ୍ତାନ ସେନା ମୁଖ୍ୟ ହାସିମ ମୁନୀରଙ୍କ ଉପଦେଷ୍ଟା । ଏ ନେଇ ପ୍ରମୁଖ ନ୍ୟୁଜି ଏଜେନ୍ସି ରଏଟର୍ସ । ବେଲୁଚିସ୍ତାନର ପସନୀ ସହରରେ ଆରବ ସାଗର ଉପକୂଳରେ ଏକ ନୂଆ ବନ୍ଦର ନିର୍ମାଣ କରିବା ସହ ଏହାକୁ ଚଳାଇବାକୁ ପାକିସ୍ତାନ ଆନୁଷ୍ଠାନିକ ଭାବେ ଆମେରିକାକୁ ପ୍ରସ୍ତାବ ଦେଇଛି । ତେବେ ଏହି ବନ୍ଦର କେବଳ ବ୍ୟବସାୟ ଓ ଖଣିଜ ସମ୍ପଦର ନେବା ଆଣିବା ପାଇଁ ନିର୍ମାଣ ହେବ ବୋଲି କୁହାଯାଇଛି । ଆମେରିକାକୁ ପ୍ରସ୍ତାବିତ ବନ୍ଦରରେ କୌଣସି ସୈନ୍ୟ ଠିକଣା ନିର୍ମାଣ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ପାକିସ୍ତାନ ତରଫରୁ ସ୍ପଷ୍ଟ କରାଯାଇଛି । ପସନୀ ଚୀନ ନିର୍ମିତ ବନ୍ଦର ଗ୍ୱାଦର ବନ୍ଦରଠାରୁ ମାତ୍ର ୧୧୨ କିମି ଦୂରରେ ଅବସ୍ଥିତ । ଏହି ବନ୍ଦର ମାଧ୍ୟମରେ ପାକିସ୍ତାନରୁ ତମ୍ବା ଓ ଆଣ୍ଟିମନୀ ଭଳି ଖଣିଜ ପଦାର୍ଥ ଆମେରିକାକୁ ସହଜରେ ପଠାଯାଇପାରିବ । ଏହି ବନ୍ଦରକୁ ଦେଶର ପଶ୍ଚିମାଞ୍ଚଳ ସହ ଯୋଗାଯୋଗ ପାଇଁ ୧୧ ହଜାର କୋଟି ଟଙ୍କା ବିନିମୟରେ ନୂଆ ରେଳ ଲାଇନ୍ ବିଛା ଯିବ । ମୁନୀର କିଛିଦିନ ତଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ରେଳ ଖଣିଜ ସମ୍ପଦର ବ୍ରିଫକେସ୍ ଦେଖାଇଥିଲେ ଓ ଏହାକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଥିଲା । ଭାରତର ଅପରେସନ ସିନ୍ଦୂର ପରେ ଆମେରିକା ଓ ପାକିସ୍ତାନ ନିକଟତର ହୋଇଛନ୍ତି ।

# ଡଲାର ମୁଦ୍ରାରେ ଟ୍ରମ୍ପଙ୍କ ଚିତ୍ର ଖୋଦିତ

ୱାଶିଂଟନ,୪ ।୧୦(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚିତ୍ର ଖୋଦିତ ଏକ ଡଲାର ବିଶିଷ୍ଟ ମୁଦ୍ରା ବା କଏନ ଜାରି ହେବା ପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ଆମେରିକାର ଟ୍ରେଜେରୀ ବିଭାଗ ଶୁକ୍ରବାର ଏହି ମୁଦ୍ରାର ଡ୍ରାଫ୍ଟ ଡିଜାଇନ୍ ଜାରି କରିଛି । ଏହି ମୁଦ୍ରା ୨୦୨୬ରେ ଆମେରିକାର ୨୫୦ତମ ସ୍ୱାଧୀନତା ଦିବସ ଅବସରରେ ଜାରି କରାଯିବ ବୋଲି ଟ୍ରେଜେରୀ ବିଭାଗ ତରଫରୁ କୁହାଯାଇଛି । ଏହି ମୁଦ୍ରାର ଗୋଟିଏ ପଟେ ଟ୍ରମ୍ପ




ନିଜ ମୁଠା ଉଠାଇଥିବାର ଦେଖାଯାଇଛି ଓ ଏହି ପଟେ ଫାଇଟ୍, ଫାଇଟ୍, ଫାଇଟ୍ ବୋଲି ଲେଖାଯାଇଛି । ଏହି ଶବ୍ଦ ଟ୍ରମ୍ପ ଗତବର୍ଷ ଏକ ଆକ୍ରମଣରୁ ବର୍ତ୍ତିବା ପରେ କହିଥିଲେ । ସେହିପରି ମୁଦ୍ରାର ଅନ୍ୟପଟେ ଟ୍ରମ୍ପଙ୍କ ଚିତ୍ର, ଲିବର୍ଟି ଓ ତାରିଖ (୧୯୭୭-୨୦୨୬) ଲେଖା ଯାଇଛି । ମୁଦ୍ରାର ଏହି ଡିଜାଇନ୍ ଦେଶର ଦୃଢ଼ ମାନସିକତାକୁ ଦର୍ଶାଉଛି ବୋଲି ଟ୍ରେଜେରୀ ତରଫରୁ କୁହାଯାଇଛି । ମୁଦ୍ରାର ଅନ୍ତିମ ଡିଜାଇନ୍ ଏପର୍ଯ୍ୟନ୍ତ ଚୟନ ହୋଇନାହିଁ ବୋଲି କୁହାଯାଇଛି । ଉଲ୍ଲେଖଥାଉ କି, ୧୯୭୬ରେ ଆମେରିକାର ୨୦୦ତମ ସ୍ୱାଧୀନତା ଦିବସ ଅବସରରେ ଲିବର୍ଟି ବେଲ୍ ଓ ଚନ୍ଦ୍ରକୁ ନେଇ ମୁଦ୍ରା ପ୍ରସ୍ତୁତ କରାଯାଇଥିଲା । ଏଥିରେ ପୂର୍ବତନ ରାଷ୍ଟ୍ରପତି ଏଇସେନହାୱାରଙ୍କ ଚିତ୍ର ଥିଲା । ଟ୍ରମ୍ପଙ୍କୁ ଏହି ମୁଦ୍ରାର ଡିଜାଇନ ପସନ୍ଦ ଆସିବ ବୋଲି ହ୍ୱାଇଟ୍‌ହାଉସ୍ ମୁଖପାତ୍ର କାରାଲିନ ଲେବିଟ କହିଛନ୍ତି ।


# ତଳ କୋର୍ଟର ଦୁଇ ବିଚାରପତିଙ୍କୁ ହଟାଇଲେ ବମ୍ବେ ହାଇକୋର୍ଟ

ମୁମ୍ବାଇ,୪ ।୧୦(ଏଜେନ୍ସି): ବମ୍ବେ ହାଇକୋର୍ଟ ଶୁକ୍ରବାର ତଳ କୋର୍ଟର ଦୁଇଜଣ ବିଚାରପତିଙ୍କୁ ପଦରୁ ହଟାଇଛନ୍ତି ।



ଅନୁଚିତ ତଥା ଅଶୋଭନୀୟ ଅଚାରଣ ଓ ଦୁର୍ନୀତି ପାଇଁ ହାଇକୋର୍ଟ ଦୁଇ ବିଚାରପତି ସତାରାର ଅତିରିକ୍ତ ସେସନ ଜଜ୍ ଧନଞ୍ଜୟ ନିକମ ଓ ପାଲଘର ସିଭିଲ ଜଜ୍ (ସିନିଅର ଡିଭିଜନ) ଇର୍ଫାନ ଶେଖଙ୍କୁ ପଦରୁ ବହିଷ୍କାର କରିଛନ୍ତି । ଶୃଙ୍ଖଳାଗତ କମିଟିର ତଦନ୍ତ ପରେ ହାଇକୋର୍ଟ ଏହି ଦୃଷ୍ଟାନ୍ତମୂଳକ ନିଷ୍ପତ୍ତି ନେଇଛନ୍ତି । ଧନଞ୍ଜୟଙ୍କ ନାମରେ ଉତ୍କୋଚ ତଥା ଲାଞ୍ଚ ନେବାର ଅଭିଯୋଗ ଆସିଥିଲା । ସେହିପରି ଏକ ଶୁଣାଣି ଅବସରରେ ଇର୍ଫାନ ଦୁର୍ନୀତି କରିବାର ଅଭିଯୋଗ ହୋଇଥିଲା । ଇର୍ଫାନ ଜବତ ହୋଇଥିବା ନିଶାଦ୍ରବ ସେବନ କରିବାର ଅଭିଯୋଗ ହୋଇଥିଲା ଓ ଏ ନେଇ ବମ୍ବେ ହାଇକୋର୍ଟରେ ପିଟିସନ ଦାଖଲ କରାଯାଇଥିଲା । ତେବେ ଆମେ ନିର୍ଦ୍ଦୋଶ ବୋଲି ବହିଷ୍କୃତ ହୋଇଥିବା ଏହି ଦୁଇ ବିଚାରପତି କହିଛନ୍ତି । ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ପରେ ମୁମ୍ବାଇ ନ୍ୟାୟିକ ବ୍ୟବସ୍ଥାରେ ହଇଚଇ ସୃଷ୍ଟି ହୋଇଛି ।

# ଜୁବିନଙ୍କୁ ବିଷ ଦେଇଛନ୍ତି ମ୍ୟାନେଜର!



ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି): ଜଣାଶୁଣା ବଲିଉଡ ଓ ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁକୁ ନେଇ ନୂଆ ନୂଆ କଥା ସାମନାକୁ ଆସିବାରେ ଲାଗିଛି । ଜୁବିନଙ୍କୁ ହତ୍ୟା କରିବା ଲାଗି ବଡ଼ ଧରଣର ଷଡ଼ଯନ୍ତ୍ର ହୋଇଥିଲା । ଏହାକୁ କାର୍ଯ୍ୟକାରୀ କରିବା ଲାଗି ସିଙ୍ଗାପୁରର ପାନ୍ ପେସିଫିକ୍ ହୋଟେଲକୁ ଚୟନ କରାଯାଇଥିଲା । କେବଳ ଏତିକି ନୁହେଁ, ତାଙ୍କୁ ପାଣିରେ ବୁଡ଼ାଇ ମାରିବା ଲାଗି ବିଷ ଦିଆଯାଇଥିଲା । ଏଭଳି ଷଡ଼ଯନ୍ତ୍ର କରି ଜୁବିନଙ୍କୁ ବିଷ ଦେଇଛନ୍ତି ତାଙ୍କର ମ୍ୟାନେଜର ସିଦ୍ଧାର୍ଥ ଶର୍ମା ଓ ଇଭେଣ୍ଟ ଆୟୋଜକ ଶ୍ୟାମକାନୁ ମହନ୍ତ । ଏଭଳି ଅଭିଯୋଗ ଆଣିଛନ୍ତି ଜୁବିନଙ୍କ ବ୍ୟାଣ୍ଡମେଟ୍ ତଥା ସାଥି ଗାୟକ ଶେଖର ଜ୍ୟୋତି ଗୋସ୍ୱାମୀ ।

ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ ବା ଏସ୍‌ଆଇଟି ଅଧିକାରୀଙ୍କ ସାମନାରେ ଶେଖର ଏହି ବୟାନ ଦେଇ କହିଛନ୍ତି ଯେ ଏହି ଦୁଇଜଣ ହତ୍ୟାକୁ ଦୁର୍ଘଟଣାର ରୂପ ଦେବାକୁ ଷଡ଼ଯନ୍ତ୍ର କରିଥିଲେ । ସିଙ୍ଗାପୁରର ପାନ୍ ପେସିଫିକ୍ ହୋଟେଲରେ ମ୍ୟାନେଜର

**ହତ୍ୟାକୁ ଦୁର୍ଘଟଣାର ରୂପ ଦେବାକୁ ହୋଇଛି ଷଡ଼ଯନ୍ତ୍ର**

ସିଦ୍ଧାର୍ଥ ସେମାନଙ୍କ ସହ ରହୁଥିଲେ । ଜୁବିନଙ୍କ ମୃତ୍ୟୁ ପୂର୍ବରୁ ତାଙ୍କ ଆଚରଣ ସନ୍ଦେହଜନକ ଥିଲା । ସିଦ୍ଧାର୍ଥ ସମୁଦ୍ର ମଝିରେ ବୋଟ୍‌ର ଚାଳକଙ୍କୁ ହଟାଇ ନିୟନ୍ତ୍ରଣ ହାତକୁ ନେଇଥିଲେ । ଜୁବିନ ସମୁଦ୍ରକୁ ଭିତରକୁ ଯିବା ପରେ ଅଣନିଶ୍ୱାସୀ ହେବା ଭଳି ଲାଗୁଥିଲା । ଏହାସତ୍ତ୍ୱେ ସିଦ୍ଧାର୍ଥ ଜୁବିନଙ୍କୁ ଯିବାକୁ ଦିଅ, ଯିବାକୁ ଦିଅ ବୋଲି କହିଥିଲେ । ତେଣୁ ଏହା ଆଦୌ ଦୁର୍ଘଟଣା ନଥିଲା ବୋଲି ସେ କହିଛନ୍ତି ।

ଉଲ୍ଲେଖଥାଉ କି, ସିଙ୍ଗାପୁରରେ ସେପ୍ଟେମ୍ବର ୧୯ରେ ଜୁବିନ ସ୍କୁବା ଡାଇଭିଂ କରିବା ବେଳେ ମୃତ୍ୟୁବରଣ କରିଥିଲେ । ୨୦ ତାରିଖରେ ସିଙ୍ଗାପୁରରେ ହେବାକୁ ଥିବା ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ ସଂଗୀତ ପରିବେଷଣ କରିଥାନ୍ତେ । କିନ୍ତୁ ଜୁବିନ ଇଭେଣ୍ଟ ପୂର୍ବରୁ ୱାଟର ଆଡଭାନଚର ଆକ୍ଟିଭିଟିରେ ଭାଗ ନେଇଥିଲେ । ଜୁବିନଙ୍କୁ ଭଲଭାବେ ପହଁରା ଜଣାଥିଲା । ତେଣୁ ସେ ପାଣିରେ ବୁଡ଼ି ମୃତ୍ୟୁବରଣ କରିନାହାନ୍ତି ବୋଲି ଶେଖର ଦାବି କରିଛନ୍ତି । ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୪ ଜଣଙ୍କୁ ଗିରଫ କରି ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

# ଗାଜାରେ ଶାନ୍ତି ପାଇଁ ବାଟ ଫିଟୁଛି

ୱାସିଂଟନ,୪ ।୧୦(ଏଜେନ୍ସି):

ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଧମକର ୬ ଘଣ୍ଟା ପରେ ହମାସ ଅସ୍ତ୍ରବିରତି ପାଇଁ ରାଜି ହୋଇଛି । ହମାସ ଶୁକ୍ରବାର ରାତିରେ ଏ ନେଇ ଘୋଷଣା କରିଛି । ଟ୍ରମ୍ପଙ୍କ ଦ୍ୱାରା ଦିଆଯାଇଥିବା ଯୋଜନା ଅନୁଯାୟୀ ବଞ୍ଚିଥିବା ଓ ମୃତ୍ୟୁବରଣ କରିଥିବା ସବୁ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ହମାସ ପ୍ରସ୍ତୁତ ଅଛି ବୋଲି କହିଛି । ଏଥିସହ ଗାଜା ଉପରୁ ନିୟନ୍ତ୍ରଣ ଛାଡ଼ିବାକୁ ହମାସ ମଧ୍ୟ ରାଜି ହୋଇଛି । ତେବେ ଟ୍ରମ୍ପ ଦେଇଥିବା ୨୦ ସୂତ୍ରୀ ଶାନ୍ତି ପ୍ରସ୍ତାବରେ କେତୋଟି ସ୍ଥାନରେ ଆଲୋଚନା କରିବାର ଆବଶ୍ୟକତା ଅଛି ବୋଲି ହମାସ କହିଛି । ହମାସ ଅସ୍ତ୍ର ଛାଡ଼ିବ କି ନାହିଁ ସେ ନେଇ କିଛି କୁହାଯାଇନାହିଁ । ହମାସର ଏହି ଘୋଷଣା ପରେ ଗାଜା ଉପରେ ଆକ୍ରମଣ ନ କରିବାକୁ ଟ୍ରମ୍ପ ଇସ୍ରାଏଲକୁ ନିର୍ଦ୍ଦେଶ ଦେଇଛନ୍ତି । ଇସ୍ରାଏଲ ମଧ୍ୟ ଟ୍ରମ୍ପଙ୍କ ଗାଜା ଯୋଜନା ଉପରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ବୋଲି କହିଛି । ଟ୍ରମ୍ପଙ୍କ ଏହି ଯୋଜନାର ପ୍ରଥମ ପର୍ଯ୍ୟାୟ ଲାଗୁ କରିବାକୁ ପ୍ରସ୍ତୁତ ଅଛୁ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଛି ।

ଯୁଦ୍ଧ ଶେଷ କରିବା ପାଇଁ ଟ୍ରମ୍ପ ଓ ନେତାନ୍ୟାହୁଙ୍କ ଟିମ୍ ସାଥିହୋଇ କାର୍ଯ୍ୟ କରିବେ । ଗାଜାରେ ଆକ୍ରମଣ ରୋକିବାକୁ ଇସ୍ରାଏଲ ପ୍ରସ୍ତୁତ ବୋଲି କହିଛି । ତେବେ ଅତି ଆବଶ୍ୟକ ପଡିଲେ କାର୍ଯ୍ୟାନୁଷ୍ଠାନ କରିବାକୁ ଇସ୍ରାଏଲ କହିଛି ।



**ନିୟନ୍ତ୍ରଣ ଛାଡ଼ିବ ହମାସ**

**ମୁକ୍ତ ହେବେ ପଣବନ୍ଦୀ**

**ଇସ୍ରାଏଲର ପୁଣି ଆକ୍ରମଣ, ୬ ମୃତ**

ଉଲ୍ଲେଖଥାଉ କି, ହମାସ ପାଖରେ ୪୮ ଜଣ ଇସ୍ରାଏଲ ପଣବନ୍ଦୀ ରହିଛନ୍ତି । ଏମାନଙ୍କ ମଧ୍ୟରୁ ଏବେ ୨୦ ଜଣ ବଞ୍ଚିଛନ୍ତି । ଅସ୍ତ୍ରବିରତି ଘୋଷଣା ହେବାର ୭୨ ଘଣ୍ଟା ମଧ୍ୟରେ ଇସ୍ରାଏଲ ମଧ୍ୟ ୨,୦୦୦ରୁ ଅଧିକ ପାଲେଷ୍ଟାଇନ୍ ସୁରକ୍ଷାକର୍ମୀ ଓ ମୃତାହତ ହୋଇଥିବା ଗାଜା ବାସୀଙ୍କ ମୃତଦେହ ଫେରାଇବାକୁ କୁହାଯାଇଛି । ଇସ୍ରାଏଲ ଓ ହମାସର ଏଭଳି ଆଚରଣ ଗାଜାରେ ଶାନ୍ତି ପାଇଁ ବାଟ ଫିଟାଇଛଇ ବୋଲି କୁହାଯାଉଛି ।

ଶାନ୍ତି ତଥା ଅସ୍ତ୍ରବିରତି ପାଇଁ କ୍ଷେତ୍ର ପ୍ରସ୍ତୁତ ହେଉଥିବା ବେଳେ ଇସ୍ରାଏଲ ଗାଜା ଉପରେ ପୁଣି ଶନିବାର ଆକ୍ରମଣ କରିଛି । ଫଳରେ ସ୍ଥିତି ବିଗିଡ଼ିବାର ସମ୍ଭାବନା ସୃଷ୍ଟି ହୋଇଛି । ଏହି ଆକ୍ରମଣରେ ଗାଜା ଷ୍ଟ୍ରିପ୍‌ରେ ୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଗୋଟିଏ ଆକ୍ରମଣରେ ଗାଜା ସିଟିର ଏକ ଘରେ ରହୁଥିବା ୪ ଜଣ ପ୍ରାଣ ହରାଇଥିଲେ । ସେହିପରି ଦକ୍ଷିଣ ଗାଜାର ଖାନ୍ ୟୁନିସ୍‌ରେ ଆଉ ଏକ ଆକ୍ରମଣରେ ଦୁଇଜଣ ମୃତ୍ୟୁବରଣ କରିଛନ୍ତି ବୋଲି ସ୍ୱାସ୍ଥ୍ୟକର୍ମୀ ଓ ସ୍ଥାନୀୟ କର୍ତ୍ତୃପକ୍ଷ କହିଛନ୍ତି । ପୂର୍ବରୁ ଗାଜା ଉପରେ ଆକ୍ରମଣକୁ ତୁରନ୍ତ ବନ୍ଦ କରିବାକୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ନିର୍ଦ୍ଦେଶ ଦେଇଥିଲେ । ୨୦୨୩ ଅକ୍ଟୋବର ୭ ପରେ ହମାସର ଆତଙ୍କବାଦୀ ଆକ୍ରମଣ ପରେ ଇସ୍ରାଏଲ୍ ଗାଜାରେ ଆକ୍ରମଣ ଜାରି ରଖିଛି । ହମାସର ଏହି ଆକ୍ରମଣରେ ୧୨୦୦ ଲୋକ ମୃତ୍ୟୁବରଣ କରିଥିଲେ । ଏଥିସହ ହମାସ୍ ୨୫୧ଜଣଙ୍କୁ ପଣବନ୍ଦୀ ରଖିଥିଲା ଗାଜାରେ ଇସ୍ରାଏଲ ଏହି ସେନା ଅଭିଯାନରେ ଏପର୍ଯ୍ୟନ୍ତ ୬୬,୦୦୦ ଲୋକ ପ୍ରାଣ ହରାଇଲେଣି ।

# ଭାରତ ରୁଷ୍‌ଠାରୁ ଆହୁରି ଅଧିକ ଏସ୍-୪୦୦ କିଣିବ



ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି): ଭାରତ ରୁଷିଆଠାରୁ ଆହୁରି ଅଧିକ ଏସ୍-୪୦୦ କ୍ରୟ କରିପାରେ । ପୂର୍ବରୁ ୫ଟି ଏସ୍-୪୦୦ କ୍ରୟ ନେଇ ଚୁକ୍ତି ହୋଇସାରିଛି । ଭାରତ ମଧ୍ୟ ୩ଟି ଏସ୍-୪୦୦ ପାଇ ସାରିଛି । ଏବେ ଆଉ କିଛି ସିଷ୍ଟମ ପାଇଁ ଚୁକ୍ତି ହେବ । ଆଗାମୀ ଡିସେମ୍ବରରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଭାରତ ଗସ୍ତରେ ଆସିବେ । ଏହି ଗସ୍ତ ଅବସରରେ ଚୁକ୍ତି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଅପରେସନ ସିନ୍ଦୂରରେ ଏସ୍-୪୦୦ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ପାକିସ୍ତାନକୁ ଚକ୍ମା ଦେବାରେ ସଫଳ ହୋଇଥିଲା । ପାକିସ୍ତାନ ତରଫରୁ ଆସିଥିବା ସବୁ ଡ୍ରୋନ୍ ଓ ମିସାଇଲକୁ ଏସ୍-୪୦୦ ନିଷ୍କ୍ରିୟ କରିଥିଲା । ଭାରତ ୨୦୧୮ ଅକ୍ଟୋବର ୫୦୦ କୋଟି ଡଲାର ବିନିମୟରେ ଏସ୍-୪୦୦ କ୍ରୟ କରିବାକୁ ଚୁକ୍ତି କରିଥିଲା । ସେତେବେଳେ ଆମେରିକା ଏ ନେଇ ଚେତାବନୀ ମଧ୍ୟ ଦେଇଥିଲା । ଏବେ ଭାରତ ଏସ୍-୫୦୦ ମିସାଇଲ ସିଷ୍ଟମ କ୍ରୟ କରିବା ନେଇ ବିଚାର କରୁଛି । ଏସ୍-୪୦୦ ଓ ଏସ୍- ୫୦୦ ଦୁଇଟି ଯାକ ଅତ୍ୟାଧୁନିକ ସିଷ୍ଟମ ଭାବେ ପରିଗଣିତ ହେଉଛି । ଆକାଶମାର୍ଗରୁ ଶତ୍ରୁର ଆକ୍ରମଣକୁ ପଣ୍ଡ କରିବା ପାଇଁ ଏହି ସିଷ୍ଟମର ବ୍ୟବହୃତ ହୋଇଥାଏ । ଆବଶ୍ୟକତା ଅନୁଯାୟୀ ଭାରତ ଏସ୍-୪୦୦ ଓ ଅନ୍ୟ ଡିଫେନ୍ସ ସିଷ୍ଟମ କ୍ରୟ କରିବ ବୋଲି ଏୟାର ଚିଫ୍ ମାର୍ଶାଲ ଏପି ସିଂ ପୂର୍ବରୁ କହି ସାରିଛନ୍ତି ।

**ଏସ୍-୫୦୦ କ୍ରୟ ନେଇ ବିଚାର କରାଯାଇ ପାରେ**

**ଡିସେମ୍ବରରେ ପୁଟିନଙ୍କ ଭାରତ ଗସ୍ତରେ ଚୁକ୍ତି ହୋଇପାରେ**

# ପିଲାଙ୍କ ପାଇଁ କାଳ କଫ୍ ସିରପ୍



ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି): ତାମିଲନାଡୁ ପରେ ମଧ୍ୟପ୍ରଦେଶରେ କଫ୍ ସିରପକୁ ନିଷେଧ କରାଯାଇଛି । କଫ୍ ସିରପ ସେବନ କରି ଏପର୍ଯ୍ୟନ୍ତ ରାଜସ୍ଥାନରେ ୩ ଓ ମଧ୍ୟପ୍ରଦେଶରେ ୯ଜଣ ପିଲା ମୃତ୍ୟୁବରଣ କରିଛନ୍ତି । ଫଳରେ ଏହି ଦୁଇ ରାଜ୍ୟରେ କଫ୍ ସିରପକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି । ମଧ୍ୟପ୍ରଦେଶରେ ଶନିବାରଠାରୁ କୋଲ୍ଡରିଫ୍ ସିରପ ଓ ନେକ୍ସଟ୍ରୋ-ଡିଏସ୍ ବିକ୍ରି କରିବାକୁ ନିଷେଧ କରାଯାଇଛି । ଏହି ଦୁଇ କଫ୍ ସିରପ ତାମିଲନାଡୁର କାଞ୍ଚିପୁରମ୍‌ରେ ତିଆରି କରାଯାଉଥିଲା । ପିଲାଙ୍କ ମୃତ୍ୟୁପରେ ତାମିଲନାଡୁ ସରକାର ଏହି ଔଷଧଗୁଡିକର ତିଆରି ଓ ବିକ୍ରି ଉପରେ ନିଷେଧାଦେଶ ଜାରି କରିଛନ୍ତି । ସେପେଟେ ରାଜସ୍ଥାନରେ ଡେକ୍ସଟ୍ରୋମେଥେରୋଫାନ ହାଇଡ୍ରୋବ୍ରୋମାଇଡ୍ କଫ୍ ସିରପ୍‌ର ଉତ୍ପାଦନକାରୀ କମ୍ପାନୀ କସନ ଫାର୍ମାକୁ ମଧ୍ୟ ବ୍ୟାନ କରାଯାଇଛି । ଏହି କମ୍ପାନୀର ପ୍ଲାଣ୍ଟ ରାଜସ୍ଥାନର ଜୟପୁରରେ ମଧ୍ୟ

- **୧୨ ପିଲାଙ୍କ ମୃତ୍ୟୁ ପରେ କାର୍ଯ୍ୟାନୁଷ୍ଠାନ**
- **ତାମିଲନାଡୁ ପରେ ମଧ୍ୟପ୍ରଦେଶରେ ନିଷିଦ୍ଧ**
- **ରାଜସ୍ଥାନରେ ଡ୍ରଗ୍ସ କଣ୍ଟ୍ରୋଲର ସସ୍‌ପେଣ୍ଡ**

ରହିଛି । ଏଥିପାଇଁ ରାଜସ୍ଥାନର ଜଣେ ଡ୍ରଗ୍ସ କଣ୍ଟ୍ରୋଲରଙ୍କୁ ସସ୍‌ପେଣ୍ଡ କରାଯାଇଛି ।

ଉଲ୍ଲେଖଥାଉ କି, କୋଲ୍ଡରିଫ୍ ଓ ନେକ୍ସଟ୍ରୋ ଡିଏସ୍ ସେବନ କାରଣରୁ ମଧ୍ୟ ପ୍ରଦେଶରେ




ଗତ ୨୬ ଦିନ ମଧ୍ୟରେ ୯ ଜଣ ପିଲା ମୃତ୍ୟୁବରଣ କରିଛନ୍ତି । ସେହିପରି ରାଜସ୍ଥାନର ଭରତପୁର ଓ ସିକାରରେ ମଧ୍ୟ ସମକାରଣ ଯୋଗୁ ତିନିଜଣ ପିଲା ମୃତ୍ୟୁବରଣ କରିଥିଲେ । ମଧ୍ୟପ୍ରଦେଶ ଏ ନେଇ ଚିଠି ଦେବା ପରେ ୪୮ ଘଣ୍ଟା ମଧ୍ୟରେ ତାମିଲନାଡୁରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ସେପଟେ ଦୁଇବର୍ଷରୁ କମ୍ ବୟସ୍କ ପିଲାଙ୍କୁ କଫ୍ ସିରପ ନ ଦେବାକୁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ମହାରାଷ୍ଟ୍ରକୁ ବିପଦ 'ଶକ୍ତି'

ମୁମ୍ବାଇ,୪ ।୧୦(ଏଜେନ୍ସି):

ଗୁଜରାଟର କଚ୍ଛ ନିକଟରେ ଆରବ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ବାତ୍ୟାର ରୂପ ନେଇଛି । ଶ୍ରୀଲଙ୍କା ଏହି ବାତ୍ୟାର ନାମ 'ଶକ୍ତି' ରଖିଛି । ମହାରାଷ୍ଟ୍ରରେ ୩ରୁ ୭ ଅକ୍ଟୋବର ମଧ୍ୟରେ ବାତ୍ୟା ଶକ୍ତିକୁ ନେଇ ସତର୍କତା ଜାରି କରାଯାଇଛି । ମୁମ୍ବାଇ, ଥାନେ, ପାଲଘର, ରାଇଗଡ଼, ରତ୍ନଗିରି ଓ ସିନ୍ଧୁଦୁର୍ଗ ଜିଲ୍ଲାରେ



ଶକ୍ତିର ପ୍ରଭାବ ଦେଖିବାକୁ ମିଳିବ ଓ ୪୫ରୁ ୫୫ କିମି ବେଗରେ ପବନ ବହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି । ପବନର ବେଗ ୬୫ କିମିରେ ମଧ୍ୟ ପହଞ୍ଚିବ ବୋଲି ଆଶଙ୍କା କରାଯାଉଛି । ଅକ୍ଟୋବର ୫ରେ ମହାରାଷ୍ଟ୍ର ଉପକୂଳରେ ସମୁଦ୍ରରୁ ବଡ଼ ବଡ଼ ଜୁଆର ଆସିବ ବୋଲି ଅନୁମାନ କରାଯାଉଛି । ମୌସୁମୀର ଲେଉଟାଣି ପରେ ଶକ୍ତି ପ୍ରଥମ ବାତ୍ୟା ଭାବେ ଆରବ ସାଗରରେ ସୃଷ୍ଟି ହୋଇଛି । ଶକ୍ତି କିନ୍ତୁ ଭାରତରେ ଲ୍ୟାଣ୍ଡଫଲ କରିବ ନାହିଁ । ଅକ୍ଟୋବର ୭ ସୁଦ୍ଧା ସମୁଦ୍ରରୁ ବଡ଼ ବଡ଼ ଜୁଆର ଆସିବ, ଜୋରରେ ପବନ ବହିବା ସାଙ୍ଗକୁ ଗୁଜରାଟ ଓ ଉତ୍ତର ମହାରାଷ୍ଟ୍ରରେ ପ୍ରବଳ ବର୍ଷା ହେବ ବୋଲି ଆଶଙ୍କା କରାଯାଉଛି । ବଙ୍ଗୋପ ସାଗରରେ ଗଭୀର ଅବପାତ କାରଣରୁ

**୬୫ କିମି ବେଗରେ ପବନ ବହିବ**

ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାର କୋତୋଟି ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି । ବର୍ଷା କାରଣରୁ ଆନ୍ଧ୍ରରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଓଡ଼ିଶାର ଗଜପତି ଜିଲ୍ଲାରେ ୨ ଜଣ ଲୋକ ପ୍ରାଣ ହରାଇଛନ୍ତି । ସମୁଦ୍ରରେ ଏବେ ୧୦୦ କିମିରୁ ଅଧିକ ବେଗରେ ପବନ ବହୁଛି । ଅକ୍ଟୋବର ୬ ବେଳକୁ ଶକ୍ତି ଦୁର୍ବଳ ହେବ । ସମୁଦ୍ର ଭିତରକୁ ନ ଯିବା ପାଇଁ ମାଛ ଧରାଳିଙ୍କୁ ସତର୍କ କରି ଦିଆଯାଇଛି । ମହାରାଷ୍ଟ୍ରର ବିଭିନ୍ନ ଜିଲ୍ଲାରେ ଧନଜୀବନ ହାନିକୁ ଦୃଷ୍ଟିରେ ରଖି ଅଧିକାରୀମାନଙ୍କୁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ସାର୍ କ୍ରିକ୍ ପାଇଁ ଭାରତ-ପାକିସ୍ତାନ ମୁହାଁମୁହିଁ

ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି): ସାର କ୍ରିକ୍‌କୁ ନେଇ ପୁଣିଥରେ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହୋଇଛନ୍ତି । ଗୁଜରାଟର କଚ୍ଛ ଜିଲ୍ଲା ଓ ପାକିସ୍ତାନର ସିନ୍ଧ ରାଜ୍ୟର ସୀମାକୁ ଏକ ୯୬ କିମି ଦୀର୍ଘର ଜୁଆରିଆ ମୁହାଣ ନିର୍ଦ୍ଧାରିତ କରୁଛି । ଏହି ମୁହାଣ ସିଧା ଆରବ ସାଗରକୁ ସଂଯୋଗ କରୁଛି । ଜୁଆର ଓ ଭଟ୍ଟା ଅନୁସାରେ ଏହି ସାର କ୍ରିକ୍‌ର ଜଳ ପତନ ବୃଦ୍ଧି ଓ ହ୍ରାସ ହୋଇଥାଏ । ଦୁଇ ଦେଶ ଏହି ସାମୁଦ୍ରିକ ସୀମାକୁ ନେଇ ଭିନ୍ନ ଭିନ୍ନ ମତ ଓ ତର୍କ ଦେଇ ଆସୁଛନ୍ତି । ଏହି ଅଞ୍ଚଳ ଐତିହାସିକ, ଭୌଗଳିକ, ଆର୍ଥନୈତିକ, ପରିବେଷ ଦୃଷ୍ଟିକୋଣରୁ ଦୁଇ ଦେଶ ପାଇଁ ଗୁରୁତ୍ୱ ବହନ କରୁଛି । ଏହାକୁ ପୂର୍ବେ 'ବନ ଗଙ୍ଗା' କୁହାଯାଉଥିଲା । କିନ୍ତୁ ଇଂରେଜ ଶାସନ ବେଳେ ବ୍ରିଟିଶ ଅଧିକାରୀ ସାର କ୍ରିକ୍‌ଙ୍କ ଅନୁସାରେ ଏହାର ନୂଆ ନାମକରଣ ହୋଇଥିଲା । ଏବେ ଏହି ଅଞ୍ଚଳ ନେଇ ବିବାଦ ସୃଷ୍ଟି ହୋଇଛି । ଏହି ଅଞ୍ଚଳରେ ପାକିସ୍ତାନ ସେନା ତା'ର ଉପସ୍ଥିତି ଜାହିର କରୁଛି । ତେଣୁ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପାକିସ୍ତାନକୁ ଏଥିପାଇଁ କଡ଼ା ଚେତାବନୀ ଦେଇଛନ୍ତି । ଯଦି ଏହି ଅଞ୍ଚଳରେ ପାକିସ୍ତାନ କିଛି ଦୁଃସାହସ କରେ ତେବେ ତା' କଡ଼ା ଜବାବ ଦିଆଯିବ ଓ ଇତିହାସ ସମେତ ଭୂଗୋଳ ମଧ୍ୟ ବଦଳାଇ ଦିଆଯିବ ବୋଲି ରାଜନାଥ ଚେତାବନୀ ଦେଇଛନ୍ତି । ଏହି ଅଞ୍ଚଳରେ ପାକିସ୍ତାନ ତା'ର ସୈନ୍ୟ ଭିତ୍ତିଭୂମି ନିର୍ମାଣ କରୁଥିବାର ଖବର ଆସିବା ପରେ ରାଜନାଥ ପାକିସ୍ତାନକୁ ଏହି ସତର୍କବାଣୀ ଶୁଣାଇଛନ୍ତି । ପୂର୍ବରୁ ଏହି ସୀମା ବିବାଦକୁ ସମାଧାନ କରିବାକୁ ଏକାଧିକବାର ପ୍ରୟାସ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ଏହାର ସମାଧାନ ହୋଇନାହିଁ । କାରଣ ପାକିସ୍ତାନ ସମଗ୍ର ଅଞ୍ଚଳକୁ ନିଜର ବୋଲି ଦାବି କରୁଛି ।

# ଜାପାନରେ ପ୍ରଥମଥର ପାଇଁ ମହିଳା ହେବେ ପ୍ରଧାନମନ୍ତ୍ରୀ

ଟୋକିଓ,୪ ।୧୦(ଏଜେନ୍ସି): ପୂର୍ବ ଏସୀୟ ଦେଶ ଜାପାନରେ ପ୍ରଥମଥର ପାଇଁ ଜଣେ ମହିଳା ପ୍ରଧାନମନ୍ତ୍ରୀ ପଦରେ ଅଳଙ୍କୃତ ହେବେ । ସେ ହେଉଛନ୍ତି ୬୪ ବର୍ଷୀୟା କନଜରଭେଟିଭ୍ ରାଜନେତ୍ରୀ ସାନାଏ ତାକାଇଚି । ତାକାଇଚି ବ୍ରିଟେନ ପୂର୍ବତନ ପ୍ରଧାନମନ୍ତ୍ରୀ ମାର୍ଗାରେଟ ଥାଚରଙ୍କ ଜଣେ ପ୍ରଶଂସକ ଭାବେ ବେଶ୍ ଜଣାଶୁଣା । ଖୁବ୍‌ଶୀଘ୍ର ତାଙ୍କର ପ୍ରଧାନମନ୍ତ୍ରୀ ହେବାର ସ୍ୱପ୍ନ ପୂରଣ ହେବାକୁ ଯାଉଛି । ଜାପାନରେ ବହୁମତ ହାସଲ କରିଥିବା ପାର୍ଟିର ଅଧ୍ୟକ୍ଷ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାର ପରମ୍ପରା ରହିଆସିଛି । ତେଣୁ ତାକାଇଚି ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି । ତାଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ନିକଟତର ଓ ଚୀନ୍-ବରୋଧୀ ନେତା ବୋଲି ବିବେଚିନା କରାଯାଏ ।



ତାକାଚାଇ ଜାପାନରେ ପୁରୁଷ ରାଜା ଶାସନର ସମର୍ଥକ ଭାବେ ବେଶ୍ ଜଣାଶୁଣା । ଏଥିସହ ସେ ରାଣୀ ରାଷ୍ଟ୍ରମୁଖ୍ୟ ଭାବେ ଶାସନ ଭାର ସମ୍ଭାଳିବା ବିପକ୍ଷରେ ରହିଥାନ୍ତି । ତାକାଚାଇ ୨୦୦୪ରେ ସାଥି ସାଂସଦ ତାକୁ ୟମାମେଟୋଙ୍କୁ ବିବାହ କରିଥିଲେ । ତେବେ ୨୦୧୭ ଜୁଲାଇରେ ରାଜନୈତିକ ମତଭେଦ କାରଣରୁ ଦୁହେଁ ଅଲଗା ହୋଇଥିଲେ । କିନ୍ତୁ ୨୦୨୧ରେ ଦୁହେଁ ପୁଣି ଏକାଠି ହୋଇଥିଲେ ଓ ପୁଣିଥରେ ବିବାହ କରିଥିଲେ ।

# ଚାକିରି ବିକ୍ରି: ମେଧାବୀଙ୍କ ଆଖିରେ ଲୁହ

## ବଡ଼ ଆନ୍ଦୋଳନ ପାଇଁ ସଜବାଜ

ଭୁବନେଶ୍ୱର, ୪।୧୦(ସମିସ): ରାଜ୍ୟରେ ଚାକିରି ବିକ୍ରି ହେଉଛି। ଯାହା ପାଖରେ ଟଙ୍କା ଅଛି, ସେ ଲାଞ୍ଚ ଦେଇ ଚାକିରି ପାଉଛି। ଏପରିକି, ବଡ଼ବଡ଼ ପଦରେ ଥିବା ଅଧିକାରୀମାନେ ସେମାନଙ୍କ ପୁଅ-ଝିଅ ପାଇଁ ଚାକିରି କିଣି ଦେଉଛନ୍ତି। ଫଳରେ ପରୀକ୍ଷାରେ ଆଖି ଖୋସି ହୋଇଗଲା ପରି କଟ୍-ଅଫ୍ ଯାଉଛି। ଦୀର୍ଘ ବର୍ଷ ଧରି ଦିନରାତି ପାଠ ପଢୁଥିବା ଛାତ୍ରଛାତ୍ରୀମାନେ କଟ୍-ଅଫ୍ ଦେଖିଲା ପରେ ମୁଣ୍ଡରେ ହାତ ଦେଉଛନ୍ତି। ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ଘଟଣା ପଦାକୁ ଆସିବା ପରେ ମେଧାବୀଙ୍କ ଚିନ୍ତା ବହୁଗୁଣିତ ହୋଇଛି। ଖୁଲମ୍‌ଖୁଲା ଚାକିରି କିଣାବିକା ହେଉଥିବାରୁ କେମିତି ସରକାରୀ ଚାକିରି ଖଣ୍ଡେ ପାଇବେ ବୋଲି ଚିନ୍ତାରେ ପଡ଼ିଛନ୍ତି। ପାଠପଢ଼ା ଛାଡ଼ି ବିକଳ୍ପ ଚିନ୍ତା କରିବା ସହ ତୀବ୍ର ଆନ୍ଦୋଳନ ହିଁ ଏକମାତ୍ର ବିକଳ୍ପ ବୋଲି ବିଚାର କରୁଛନ୍ତି। ଭୁବନେଶ୍ୱର ଓ କଟକରେ ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ଖୁବଶୀଘ୍ର ରାଜ୍ୟର କୋଣ ଅନୁକୋଣରେ ଆନ୍ଦୋଳନ କରବା ପାଇଁ ସଜବାଜ ହେଉଛନ୍ତି।

ମୋଟ୍ ୯୩୩ଟି ପୁଲିସ ସବ୍-ଇନ୍ସପେକ୍ଟର୍ (ଏସ୍ଆଇ) ପଦ ମଧ୍ୟରୁ ପ୍ରାୟ ୪୨୦ଟି ପଦ ବିକ୍ରି କରିବା ପାଇଁ ଡିଲ୍ ହୋଇଥିଲା। କିଛି ଦଲାଲ୍ ଏନେଇ ଆଶାୟୀ ପ୍ରାର୍ଥୀଙ୍କୁ ହ୍ୱାଟସ୍-ଆପ୍ ମେସେଜ୍‌ରେ କହିଥିବାର ସ୍କ୍ରିନ୍‌ସଟ୍ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି। ଅର୍ଥାତ୍ ପ୍ରାୟ ୫୦% ସିଟ୍ ବିକ୍ରି ହେଉଥିବା ଏକପ୍ରକାର ସ୍ପଷ୍ଟ ଜଣାପଡୁଛି। ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ରୁ ୧୧୪ଜଣ ପରୀକ୍ଷାର୍ଥୀଙ୍କ ସମେତ ୩ଜଣ ଦଲାଲ୍ ଧରା ହେବା ଚାକିରି ବିକ୍ରି ଅଭିଯୋଗ ଉପରେ ମୋହର ମାରିଛି। ହେଲେ ଏହା ପୂର୍ବରୁ ମଧ୍ୟ ପ୍ରାୟ ୨ଶହ ଆଶାୟୀଙ୍କୁ ନିଆଯାଇଥିବା ମେଧାବୀମାନେ ଅଭିଯୋଗ କରିଛନ୍ତି। କିଛି ପରୀକ୍ଷାର୍ଥୀ ଧରାପଡ଼ିବା ପରେ ଅନ୍ୟମାନେ ଅଲଗା ଅଲଗା ହୋଇ ଟ୍ରେନ୍ ଓ ବିମାନ ଯୋଗେ ବିଭିନ୍ନ ସ୍ଥାନକୁ ପଳାଇଛନ୍ତି।

'ଟଙ୍କା ଦିଅ, ଚାକିରି ନିଅ' ନାମକ ଏକ ଅଘୋଷିତ ଯୋଜନା ଆରମ୍ଭ ହୋଇଥିବାରୁ ପ୍ରକୃତ ମେଧାବୀମାନେ ଚିନ୍ତା ଓ ଚାପରେ ପଡ଼ିଛନ୍ତି। ଗ୍ରାମାଞ୍ଚଳ ଓ ଗରିବ ପରିବାରରୁ ଆସି ୫ଟଙ୍କିଆ ଆହାର ଖାଇ ପଢୁଥିବା ପିଲାମାନେ ଚାକିରି କିପରି ପାଇବେ ବୋଲି ଭାବୁଛନ୍ତି। କାରଣ ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ଟଙ୍କା ନାହିଁ, ଯାହା ଦେଇ ଚାକିରି କିଣି ପାରିବେ। ପାଠ ପଢ଼ିଲେ ମଧ୍ୟ ଚାକିରି ପାଇବେ ନାହିଁ, କାରଣ ସେମାନେ ଲକ୍ଷ୍ୟ ରଖି ପଢୁଥିବା ପଦଗୁଡ଼ିକ ବିକ୍ରି ହୋଇ ଯାଉଛି। ଟଙ୍କା ଦେଇ ପୂର୍ବରୁ ପ୍ରଶ୍ନପତ୍ର ପାଉଥିବାରୁ ୯୫%ରୁ ଅଧିକ କଟ୍-ଅଫ୍ ଯାଉଛି। ଏପରି ସ୍ଥିତିରେ ସରକାରୀ ଚାକିରି ଖଣ୍ଡେ ପାଇବା ଏକପ୍ରକାର ଅସମ୍ଭବ ହୋଇ ପଡୁଛି।

ମେଧା ଭିତ୍ତିରେ ଚାକିରି ପାଇବାକୁ ଆଶାୟୀମାନେ ବିକଳ୍ପ ଚିନ୍ତା କରୁଛନ୍ତି। ଗତକାଲି ଅର୍ଥାତ ଶୁକ୍ରବାର ଭୁବନେଶ୍ୱରସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ସମ୍ମୁଖରେ ଆଶାୟୀମାନେ ଏକତ୍ରିତ ହେବା ସହ ଆନ୍ଦୋଳନ କରିଛନ୍ତି। ସରକାର ଚାକିରି ବିକ୍ରି ବନ୍ଦ କରିବାକୁ ଦାବି କରିବା ସହ ମାଷ୍ଟମାଇଣ୍ଡକୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଏହାର ଦିନକ ପରେ ଅର୍ଥାତ୍ ଶନିବାର କଟକସ୍ଥିତ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ଗ୍ରନ୍ଥାଗାର ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଘଟଣାର ୫ଦିନ ପରେ ମଧ୍ୟ ପୁଲିସ୍ ଅଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ଆନ୍ଦୋଳନକୁ ଅଧିକ ବ୍ୟାପକ କରିବାକୁ ଯୋଜନା କରୁଛନ୍ତି।

## ପୁଲିସ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ: ଗର୍ଜିଲା ବିଜେଡି

# ସିବିଆଇ ତଦନ୍ତ ଦାବି; ୬ରେ ପ୍ରତିବାଦ ଶୋଭାଯାତ୍ରା

ଭୁବନେଶ୍ୱର,୪।୧୦(ସମିସ): ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ଘଟଣାରେ ରାଜ୍ୟ ସରକାରଙ୍କର ପ୍ରଚ୍ଛନ୍ନ ହାତ ରହିଛି। ପୁଲିସ ବିଭାଗରେ ଏହି ଦୁର୍ନୀତି ହୋଇଥିବା ବେଳେ ବିଭାଗର ଏକ ଅଂଶ ଭାବେ ରହିଥିବା କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରିବା ଗ୍ରହଣୀୟ ନୁହେଁ। ତେଣୁ ଏପରି ସ୍ପର୍ଶକାତର ଘଟଣାର ସିବିଆଇ ତଦନ୍ତ ଦାବିରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ। ଆସନ୍ତା ସୋମବାର ଦିନ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ଧାରଣା ଦିଆଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ଶନିବାର ଶଙ୍ଖ ଭବନରେ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡେଇ ଓ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷାରେ ହୋଇଥିବା କେଳେଙ୍କାରୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି କହିଛନ୍ତି। ଶ୍ରୀ ଘଡେଇ କହିଛନ୍ତି ଯେ ଏହି ନିଯୁକ୍ତି ପରୀକ୍ଷାକୁ କରିବା ପାଇଁ ପ୍ରାଥମିକ ଭାବେ ଆଇଟିଆଇ ସଂସ୍ଥାକୁ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ଏହା ଦୁଇ ଦୁଇଟି ସଂସ୍ଥାକୁ ଆଉଟସୋର୍ସିଂ କରାଯାଇଥିଲା । ରାଜ୍ୟ ସରକାରଙ୍କ ଆଉଟସୋର୍ସିଂ ନୀତି ସ୍ପଷ୍ଟ ହେବା ଦରକାର। କାହା ନିର୍ଦ୍ଦେଶରେ ଏପରି ଏକ ଅନଭିଜ୍ଞ କମ୍ପାନୀକୁ ଆଉଟସୋର୍ସିଂ କରାଯାଇଥିଲା। ଏହି ଆଉଟସୋର୍ସିଂ ମାଧ୍ୟମରେ ଦୁର୍ନୀତି କରିବା ପାଇଁ ରାଜ୍ୟ ସରକାର ବାଟ ତିଆରି କରିଥିଲେ। ଏହି ଘଟଣାରେ ଓପିଆରବିର ଅଧ୍ୟକ୍ଷ ଓ ରାଜ୍ୟ ସରକାରଙ୍କ ଗୃହ ବିଭାଗର ସଚିବ ତଦନ୍ତ ପରିସରଭୁକ୍ତ ହେବା ଦରକାର । ରାଜ୍ୟର ହଜାର ହଜାର ଚାକିରୀ ଆଶାୟୀ ଯୁବକ ଆଜି ଏହି ଘଟଣାରେ ହତାଶ ହୋଇଛନ୍ତି। ବିଶେଷକରି ଏହି କେଳେଙ୍କାରୀରେ



ପୁଲିସ ଅଧିକାରୀ ଅଭିଯୁକ୍ତ ରହିଥିବା ବେଳେ କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତରେ ନ୍ୟାୟ ମିଳିବା ନେଇ ସନ୍ଦେହ ରହିଛି । ତେଣୁ ସିବିଆଇ ତଦନ୍ତ ଏକ ମାତ୍ର ବିକଳ୍ପ। ଯଦି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ଘଟଣାରେ ତାଙ୍କର ସ୍ୱଚ୍ଛତା ପ୍ରତିପାଦନ କରିବାକୁ ଚାହୁଁଛନ୍ତି, ତାହେଲେ ତୁରନ୍ତ ଏହି ଘଟଣାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରନ୍ତୁ ବୋଲି ଶ୍ରୀ ଘଡେଇ କହିଛନ୍ତି।

ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ଚାକିରୀ ବିକ୍ରି ଘଟଣା ହେଉଛି ରାଜ୍ୟ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ। ଚଳିତ ବର୍ଷ ମାର୍ଚ୍ଚ ୭ ଓ ୮ ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରି ଦିଆଯାଇଥିଲା। ଚାକିରୀ ବିକ୍ରି କରି ମୋଟା ଅଙ୍କର ଅର୍ଥ ଆଦାୟ କରିବା ଯୋଜନାର ମୂଳ ଉଦ୍ଦେଶ୍ୟ ଥିଲା। ନିଯୁକ୍ତି ପରୀକ୍ଷା ଆୟୋଜନ କରିବାରେ ତିଳେ ମାତ୍ର ଅଭିଜ୍ଞତା ନ ଥିବା ସଂସ୍ଥା ପଞ୍ଚସଫ୍ଟକୁ ଆଉଟସୋର୍ସିଂ କରାଯାଇଥିଲା। ଏହି କମ୍ପାନୀ ମାଧ୍ୟମରେ ଆଶାୟୀମାନଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଇଥିଲା। ପ୍ରତି ଆଶାୟୀଙ୍କ ଠାରୁ ଦଶ ଲକ୍ଷ ଟଙ୍କା ଅଗ୍ରୀମ ଆକାରରେ ଆଦାୟ ହୋଇ ସାରିଥିଲା ଓ ସର୍ତ୍ତ ଅନୁସାରେ ଚାକିରୀ ପାଇବା ପରେ ଆଉ ପନ୍ଦର ଲକ୍ଷ ଦେବାକୁ ବାକି ରହିଥିଲା। କିନ୍ତୁ ବ୍ରହ୍ମପୁରରେ ସେମାନଙ୍କୁ ଏକତ୍ରିତ କରି ଶ୍ରୀକାକୁଲମ ନେବା ପୂର୍ବରୁ ଆଶାୟୀମାନଙ୍କୁ ସେମାନଙ୍କ ଅରିଜିନାଲ ସାର୍ଟିଫିକେଟ ସଂସ୍ଥା ପାଖରେ ବନ୍ଧକ ରଖିବାକୁ କୁହାଯାଇଥିଲା । କିଛି ଆଶାୟୀ ଏହି ସର୍ତ୍ତରେ ରାଜି ହୋଇ ନଥିବାରୁ ଘଟଣା ବିଷୟରେ ପୁଲିସକୁ ଖବର ଯାଇଥିଲା ଓ ଶ୍ରୀକାକୁଲମ ଠାରେ ପୁଲିସ ଗିରଫ କରିଥିଲା। ତେଣୁ ଏହି ଘଟଣାରେ ସିବିଆଇ ତଦନ୍ତ ହେବାର ସର୍ବାଧିକ ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

# ୧୫ ମାସରେ ୧୫ ପରୀକ୍ଷା ମହାଦୁର୍ନୀତି: କଂଗ୍ରେସ

ଭୁବନେଶ୍ୱର,୪।୧୦(ସମିସ): ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷାରେ ଯେଉଁଭଳି ଦୁର୍ନୀତି ଓ ଅନିୟମିତତା ଦେଖା ଦେଇଛି, ତାହା ରାଜ୍ୟର ଯୁବଶକ୍ତିର ଆସ୍ଥାକୁ ଭଙ୍ଗି ଦେଇଛି। ବର୍ଷକୁ ବର୍ଷ ଧରି ପରିଶ୍ରମ କରୁଥିବା ଯୁବକମାନେ ଆଜି ହତାଶାରେ ଥିବାବେଳେ ଦୁର୍ନୀତିଖୋରମାନେ ଖୋଲା ଘୂରି ବୁଲୁଛନ୍ତି। ବିଜେପି ଅମଳରେ ଗତ ୧୫ ମାସରେ ୧୫ଟି ପରୀକ୍ଷା ଦୁର୍ନୀତି ହୋଇ ସାରିଲାଣି। ଏହା ଏକ ଅନ୍ତଃରାଜ୍ୟ ରାକେଟ୍ ହୋଇଥିବାରୁ ତଦନ୍ତ ଭାର ସିବିଆଇକୁ ଦିଆଯାଉ ବୋଲି ଦାବି କରିଛି କଂଗ୍ରେସ। ସେହିପରି ପରୀକ୍ଷାର୍ଥୀଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ପ୍ରଦାନ ସହ ମାସିକ ୨୦ ହଜାର ଭତ୍ତା ଦିଆଯାଉ ବୋଲି କଂଗ୍ରେସ ଦାବି କରିଛି।



ଅନ୍ତଃରାଜ୍ୟ ରାକେଟ୍‌ର ହେଉ ସିବିଆଇ ତଦନ୍ତ

କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳ ବରିଷ୍ଠ ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି ଯେ ଏହି ଦୁର୍ନୀତି ପଛରେ ୨୫ ଲକ୍ଷ ଟଙ୍କାର ଡିଲ ହୋଇଛି। ଖୋଦ୍ ପୁଲିସ ଏହା ସ୍ୱୀକାର କରିଛି। ଗରିବ ବାପା ମା ଓ ତାଙ୍କ ପିଲାର ଭବିଷ୍ୟତକୁ ଚାକିରି ଦଲାଲମାନେ ଅନ୍ଧକାର କରି ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ଅନ୍ୟତମ ବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ ଓଡ଼ିଶାର ଯୁବକ ମାନଙ୍କୁ ଦାଦନ ଖଟିବାକୁ ସରକାର ବାଧ୍ୟ କରୁଛନ୍ତି। ଗରିବ, ଶ୍ରମିକଙ୍କ ପିଲାଙ୍କୁ ଚାକିରି ଦେବା ନାଁରେ ସରକାର ହଜାର ହଜାର କୋଟି ଟଙ୍କା ଲୁଟୁଛନ୍ତି। ରାଜ୍ୟରେ ୧୫ ମାସର ସରକାରରେ ୧୫ ଥର ପ୍ରଶ୍ନ ପତ୍ର ଲିକ୍ ହୋଇଛି। ସରକାରୀ ମେଧାବୀ ଗରିବ ଯୁବକଙ୍କଠାରୁ ପରୀକ୍ଷା ଫିସ ବାବଦ କୋଟି କୋଟି ଟଙ୍କା ଆତ୍ମସାତ୍ ହୋଇଛି। ସରକାରଙ୍କ ପକ୍ଷରୁ ଯଦିଓ ଚାକିରି ପିଛା ୨୫ ଲକ୍ଷ ଟଙ୍କାର ପିସି କାରବାର ହୋଇଥିବା କୁହାଯାଉଛି, ବାସ୍ତବିକ୍ ଏଥିରେ ପାଖାପାଖି ୫୦ ଲକ୍ଷ ଟଙ୍କା ଅର୍ଥାତ୍ ସିଧାସଳଖ ୩୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ରାଜ୍ୟରେ ଗରିବ ପିଲାଙ୍କୁ ଲୁଟିବା ପାଇଁ ଏକ ଦୁର୍ନୀତିର ଚକ୍ରବ୍ୟୂହ ରଚନା କରାଗଲା। ପଞ୍ଚସଫ୍ଟର ମୁଖ୍ୟ ଶଙ୍କର ପୃଷ୍ଟିଙ୍କ ସମ୍ପର୍କ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ରହିଛି, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏହି ବ୍ୟକ୍ତିଙ୍କୁ ଦଳରେ ବିଧିବଦ୍ଧ ଭାବରେ ସାମିଲ କରିଥିଲେ। ଗରିବ ପିଲାଙ୍କୁ ଲୁଟି ଶଙ୍କର ପୃଷ୍ଟି ଜରିଆରେ ବିଜେପି ନେତାଙ୍କୁ ମାଲାମାଲ କରିବାକୁ ସୁଚିନ୍ତିତ ଷଡ଼ଯନ୍ତ୍ର ରଚାଯାଇଥିଲା। ଏହି ସ୍କାମ୍ ପଛରେ ଥିବା ବିଜେପିର ବଡ଼ ବଡ଼ ନେତା, ମନ୍ତ୍ରୀ, ପୁଲିସ କମିଶନରଙ୍କୁ ଥରେ ହେଲେ ବି ପଚରା ଉଚରା କରାଗଲା ନାହିଁ। ସମଗ୍ର ଘଟଣାରେ ମୁଖ୍ୟମନ୍ତ୍ରୀ ନିରବ କାହିଁକି ବୋଲି ଶ୍ରୀମତି ସାହୁ ପ୍ରଶ୍ନ କରିଛନ୍ତି। ସେହିପରି ବର୍ତ୍ତମାନ ଶାସନ ଯେଉଁ ରାବଣ ହାତରେ ରହିଛି ସେଥିରେ ଓଡ଼ିଶାର ଯୁବପିଢ଼ିଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲିହୋଇ ଯାଇଛି ବୋଲି ଅନ୍ୟତମ ମୁଖପାତ୍ର ଡ଼ ମନିଷା ଦାସ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି । ଛାତ୍ର ନେତା ତଥା ଅନ୍ୟତମ ମୁଖପାତ୍ର ବିଭୂତି ଭୂଷଣ ମହାପାତ୍ର ରାଜ୍ୟରେ ନିଯୁକ୍ତି ଦୁର୍ନୀତି ଏକ ବ୍ୟବସାୟ ହେଇଯାଇଛି ଓ ଏହି ବ୍ୟବସାୟୀ ମାନଙ୍କୁ ସରକାର ପ୍ରୋତ୍ସାହନ ଦେଉଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ।

# ଗିରଫଙ୍କ ମଧ୍ୟରେ ଅବସରପ୍ରାପ୍ତ ଜେଲ୍ ଡିଆଇଜିଙ୍କ ପୁଅ

ଭୁବନେଶ୍ୱର, ୪।୧୦ (ସମିସ): ପୁଲିସ ଏସ୍ଆଇ ଚାକିରି କିଣାବିକା ଘଟଣାରେ ବଡ଼ବଡ଼ିଆ ପୁଲିସ୍ ଅଧିକାରୀଙ୍କ ସମ୍ପୃକ୍ତି ନେଇ ସନ୍ଦେହ ଦୃଢ଼ୀଭୂତ ହୋଇଛି। ଗିରଫ ହୋଇଥିବା ଆଶାୟୀଙ୍କ ମଧ୍ୟରେ ପୂର୍ବତନ ଜେଲ୍ ଡିଆଇଜି କୁଳମଣି ବେହେରାଙ୍କ ପୁଅ ଅମୀୟ ବେହେରା (୨୮) ମଧ୍ୟ ରହିଛନ୍ତି। ଗତ ମାର୍ଚ୍ଚରେ ଜେଲ୍ ବିଭାଗରୁ ଏହି ବରିଷ୍ଠ ଅଧିକାରୀ ଅବସର ନେଇଥିବାବେଳେ ସେହି ଜେଲ୍ ବିଭାଗର ଡିଜି ମଧ୍ୟ ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି)ର ଅଧ୍ୟକ୍ଷ ଅଛନ୍ତି। ଏଣୁ ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ଘଟଣାରେ ବହୁ ବଡ଼ବଡ଼ିଆଙ୍କ ସମେତ ଖୋଦ୍ ଓପିଆର୍‌ବି ଅଧ୍ୟକ୍ଷ ସମ୍ପୃକ୍ତ ରହିଥିବା ଷ୍ଟୁଡେଣ୍ଟ ଏଗେନେଷ୍ଟ କରପସନର ଆବାହକ ବିଭୂତି ଭୂଷଣ ମହାପାତ୍ର ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ ଓପିଆର୍‌ବି ଅଧ୍ୟକ୍ଷ ଦାୟିତ୍ୱରେ ଥିବା ସୁଶାନ୍ତ କୁମାର ନାଥ ଜେଲ୍ ବିଭାଗର ଡିଜି ଭାବେ ମଧ୍ୟ କାର୍ଯ୍ୟରତ ଅଛନ୍ତି। ସେହି ବିଭାଗରେ ଡିଆଇଜି ଭାବେ କାର୍ଯ୍ୟ କରିଥିବାରୁ ଶ୍ରୀ ବେହେରାଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଛି। ଏଣୁ କ୍ଷମତାର ଅପବ୍ୟବହାର କରି ତାଙ୍କ ପୁଅକୁ ଏସ୍ଆଇ କରିବାକୁ ପ୍ରୟାସ କରୁଥିଲେ। ଚାକିରି ବିକ୍ରି ରାକେଟ୍ ସମ୍ପର୍କରେ ଅବଗତ ଥାଇ ମଧ୍ୟ କୌଣସି ପଦକ୍ଷେପ ନେଇ ନାହାନ୍ତି। ଏଣୁ ଶ୍ରୀ ବେହେରାଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବାକୁ ଶ୍ରୀ ମହାପାତ୍ର ଦାବି କରିଛନ୍ତି। ଆହୁରି ବଡ଼ ପୁଲିସ୍ ଅଧିକାରୀ ଚାକିରି ବିକ୍ରି ରାକେଟ୍‌ରେ ସାମିଲ୍ ଥିବା ସେ ଆଶଙ୍କା କରିଛନ୍ତି। ବଡ଼ବଡ଼ ଅଧିକାରୀଙ୍କ ଉପରେ ସେମାନଙ୍କ ଅଧସ୍ତନ କର୍ମଚାରୀମାନେ କିପରି ତଦନ୍ତ କରିବେ ବୋଲି ପ୍ରଶ୍ନ ଉଠାଇଛନ୍ତି। ଏଣୁ ରାଜ୍ୟର ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳୁଥିବା ବଡ଼ବଡ଼ିଆଙ୍କୁ ଧରିବାକୁ ରାଜ୍ୟ ସରକାର ଏହି ଦୁର୍ନୀତିର ତଦନ୍ତ ଭାର ତୁରନ୍ତ ସିବିଆଇକୁ ଦିଅନ୍ତୁ, ଅନ୍ୟଥା ହାଇକୋର୍ଟରେ କାର୍ଯ୍ୟରତ ବିଚାରପତିଙ୍କ ତତ୍ତ୍ୱାବଧାନରେ ତଦନ୍ତ ପାଇଁ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ମେଧାବୀଙ୍କ ପ୍ରତି ହୋଇଥିବା ଅନ୍ୟାୟ ସମ୍ପର୍କରେ ସରକାର ନୀରବତା ଭାଙ୍ଗନ୍ତୁ, ନହେଲେ ରାଜ୍ୟର କୋଣଅନୁକୋଣରେ ମେଧାବୀମାନେ ରାସ୍ତାକୁ ଓହ୍ଲାଇବେ ବୋଲି ସେ ଚେତାବନୀ ଦେଇଛନ୍ତି।

# ୯ ବେଳକୁ ଆଉ ଏକ ଲଘୁଚାପ

ଭୁବନେଶ୍ୱର,୪।୧୦(ସମିସ): ଗଭୀର ଅବପାତ କାରଣରୁ ଦଶହରା ଶେଷାର୍ଦ୍ଧ ଫିକା ପଡ଼ିଥିବା ବେଳେ ଆସନ୍ତା ୯ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏନେଇ ଭାରତୀୟ ପାଣିପାଗ ବିଭାଗର ବିଭିନ୍ନ ମଡେଲ ପୂର୍ବାନୁମାନ କରିଛି। ଆଇଏମଡିର ଜିଏସ୍ଏଫ୍ ମଡେଲ ଆକଳନ ଅନୁଯାୟୀ ୫ ତାରିଖ ବେଳକୁ ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ଉତ୍ତର-ଉତ୍ତର ପଶ୍ଚିମ ଦିଗରେ ଗତି କରି କ୍ରମଶଃ ଉତ୍ତର ବଙ୍ଗୋପସାଗର ଆଡ଼କୁ ମୁହାଁଇବ। ୯ ତାରିଖ ସୁଦ୍ଧା ଏହା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ଜିଏସ୍ଏଫ୍ ଆକଳନ କରିଛି। ସେହିପରି ଏନ୍‌ସିଇପି-ଜିଏସଏଫ ମଡେଲ ମଧ୍ୟ ସମାନ ପୂର୍ବାନୁମାନ ଦୋହରାଇଛି। ଅପରପକ୍ଷେ ରବିବାର ରାଜ୍ୟରେ ଅଧିକାଂଶ ଜିଲ୍ଲାରେ ବର୍ଷା, ବିଜୁଳି ସହ ୩୦ରୁ ୪୦ କିମି ବେଗରେ ପବନ ବହିବା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ରବିବାର ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଆଜି ଅଧିକାଂଶ ଜିଲ୍ଲାରେ ବର୍ଷା, ପବନ

# ଚୌଦ୍ୱାର ଜେଲ୍‌ରୁ ୨ କୁଖ୍ୟାତ ବିହାରୀ କଏଦୀ ଚମ୍ପଟ

ଚୌଦ୍ୱାର, ୪।୧୦ (ସମିସ): ଚୌଦ୍ୱାର ସର୍କଲ ଜେଲ୍‌ରୁ ୨ କୁଖ୍ୟାତ ବିହାରୀ କଏଦୀ ଗୁରୁବାର ବିଳମ୍ବିତ ରାତିରେ ଫେରାର୍ ହୋଇଯିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ରାଜ୍ୟର ସର୍ବବୃହତ୍ ଜେଲ ଭାବେ ପରିଗଣିତ ଏହି ଜେଲର କଡ଼ା ସୁରକ୍ଷା

- ଜୁଏଲାରୀ ଦୋକାନରୁ ଲୁଟ୍ ଓ ୨ଜଣଙ୍କୁ ଗୁଳି କରି ହତ୍ୟା କରିଥିଲେ
- ତଦନ୍ତ ଆରମ୍ଭ, ୨ ୱାର୍ଡର୍ ନିଲମ୍ବିତ
- ସୂଚନାଦାତାଙ୍କୁ ୫୦ ହଜାର ପୁରସ୍କାର ଘୋଷଣା
- ରଡ୍ କାଟିବାକୁ ଆରି ଆଣିଲେ କେଉଁଠୁ?

ବ୍ୟବସ୍ଥା ସତ୍ତ୍ୱେ ଏହାର ସୁଉଚ୍ଚ ପାଚେରୀ ଡେଇଁ ୨ଜଣ କଏଦୀ ଫେରାର୍ ହୋଇଯିବା ଘଟଣା ଜେଲ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମିଳିଥିବା ସୂଚନା ଅନୁଯାୟୀ, ବିହାର ରାଜ୍ୟର ମୁଫସିଲ ଥାନା ଅଧୀନ ଲୋହିଆ ନଗରର ରାଜା ସାହାଣୀ ଓ ଗୌର ଥାନା ରାମପୁର ଗ୍ରାମର ମଧୁକାନ୍ତ କୁମାର ନାମକ ୨ଜଣ କଏଦୀ ଗତ ୮ ମାସ ହେବ ଚୌଦ୍ୱାର ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ଥିଲେ। ବହୁଚର୍ଚ୍ଚିତ ଯାଜପୁର ଜିଲ୍ଲା ପାଣିକୋଇଲି ଅଞ୍ଚଳର ପଣ୍ଡା ସୁନା ଅଳଙ୍କାର ଦୋକାନରୁ ଲୁଟ୍ ଓ ସର୍ବସାଧାରଣରେ ୨ ଜଣଙ୍କୁ ଗୁଳି କରି ହତ୍ୟା କରିବା ଭଳି ସଂଗିନ୍ ଅପରାଧରେ ସେମାନେ ସାମିଲ ଥିଲେ। ଅଧିକ ସୁରକ୍ଷା ଦୃଷ୍ଟିରୁ ୮ ମାସ ତଳେ ଦୁହିଁଙ୍କୁ ଯାଜପୁର ରଗଡ଼ି ଜେଲ୍‌ରୁ ଚୌଦ୍ୱାର ଜେଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଏଠାକୁ ଆସିବା ପରଠାରୁ ସେମାନେ ଜେଲ୍‌ରୁ ଫେରାର୍ ହେବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। କିଛି ମାସ ତଳେ ଏହି ୨ ଅପରାଧୀ ଫେରାର୍ ହେବା ପାଇଁ ଜେଲ ପରିସରରେ ସିନ୍ଧି କରିବା ପାଇଁ ଯୋଜନା କରୁଥିବା ବେଳେ ପୂର୍ବତନ ଅଧୀକ୍ଷକଙ୍କ ହାତରେ ଧରାପଡ଼ିଥିଲେ। କିନ୍ତୁ ଏହି ଗୋଟିଏ ବିଫଳତାରେ ସେମାନେ ଅଟକି ଯାଇନଥିଲେ। ଜେଲ୍ ଭିତରେ ସେମାନଙ୍କୁ



ଦିଆଯାଇଥିବା କମ୍ବଳ ଓ ପିନ୍ଧାବସ୍ତ୍ରକୁ କାଟି ସେଥିରୁ ଦଉଡ଼ି ତିଆରି କରିଥିଲେ। ଦଶହରା ରାତିରେ ଜେଲ୍ ଭିତରେ ସମସ୍ତେ ଭୋଜିଭାତରେ ମସଗୁଲ୍ ରହିଥିବା ବେଳେ ଏହାର ସୁଯୋଗ ନେଇ ଅପରାଧୀଦ୍ୱୟ ସେମାନେ ରହୁଥିବା ସେଲର ସ୍ପେଶାଲ ଗ୍ରିଲକୁ କାଟି ଦେଇଥିଲେ। ପୂର୍ବରୁ ତିଆରି କରିଥିବା ଦଉଡ଼ି ଓ ବାଉଁଶ ସାହାଯ୍ୟରେ ଜେଲର ସୁଉଚ୍ଚ ପାଚେରି ଡେଇଁ ସେମାନେ ଫେରାର୍ ହୋଇଯାଇଥିଲେ।

ଏହି ଘଟଣା ଜଣାପଡ଼ିବା ପରେ ତୁରନ୍ତ ୨ଜଣ ୱାର୍ଡରଙ୍କୁ ନିଲମ୍ବନ କରାଯାଇଛି। ଜେଲର ସିସିଟିଭିକୁ ଯାଞ୍ଚ କରାଯିବା ସହ କାର୍ଯ୍ୟରେ ଅବହେଳା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜେଲ ଡିଜି ସୁଶାନ୍ତ କୁମାର ନାଥ ପ୍ରକାଶ କରିଛନ୍ତି। ଏହାବ୍ୟତୀତ ଫେରାର୍ ଦୁଇ ଅପରାଧୀଙ୍କ ସମ୍ପର୍କରେ ସଠିକ ସୂଚନା ଦେବା ବ୍ୟକ୍ତିବିଶେଷଙ୍କୁ ୫୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କମିସନରେଟ୍ ପୁଲିସ ତରଫରୁ ଘୋଷଣା କରାଯାଇଛି। ଜେଲ ଭିତରେ ରଡ୍ କାଟିବା ପାଇଁ ସେମାନେ ଆରି ବା ଅସ୍ତ୍ର ପାଇଲେ କିପରି, ତାହା ଏବେ ବି ପ୍ରଶ୍ନବାଚୀ ହୋଇ ରହିଛି।

# ଅକ୍ଟୋବର ୯ରୁ ବିଜେଡିର ଜନସମ୍ପର୍କ ଅଭିଯାନ

## ଗାନ୍ଧୀ ମୂର୍ତ୍ତି ତଳେ ସଂକଳ୍ପନେଲେ ନେତା, କର୍ମୀ

ଭୁବନେଶ୍ୱର, ୪।୧୦(ସମିସ): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପବିତ୍ର ଜୟନ୍ତୀ ଅବସରରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗୁରବାର ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଜନସମ୍ପର୍କ ଅଭିଯାନ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉତ୍ତର

- ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀରେ ଦଳ ଜଣାଇଲା ଶ୍ରଦ୍ଧାଞ୍ଜଳି
- ନଭେମ୍ବର ୯ ପର୍ଯ୍ୟନ୍ତ ଚାଲିବ ପଦଯାତ୍ରା
- ପୂର୍ବ ସରକାରଙ୍କ ସଫଳତା, ଏବେର ସରକାରଙ୍କ ବିଫଳତା ସମ୍ପର୍କରେ ସଚେତନ କରିବେ



ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜନତା ମଇଦାନ ଗାନ୍ଧୀ ପାର୍କରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଜିଲ୍ଲା ବିଜେଡି ସଭାପତି ଅଶୋକ ପଣ୍ଡାଙ୍କ ଆବାହକତ୍ୱରେ ଜନସମ୍ପର୍କ ଅଭିଯାନର ସଂକଳ୍ପ ନିଆଯାଇଛି। ଏହି ଅବସରରେ ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ଜନସମ୍ପର୍କ ଅଭିଯାନର ସଂକଳ୍ପ ପାଠ କରାଇଥିଲେ।

ମହାତ୍ମା ଗାନ୍ଧୀ ଅହିଂସାର ପ୍ରତୀକ। ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦକୁ ସ୍ଥାନ ଦେବାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସବୁବେଳେ ଦାବି କରି ଆସୁଛନ୍ତି। ଅହିଂସା ଶବ୍ଦକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନ ଦେବା ପାଇଁ ବିଜେଡି ସଂଗ୍ରାମ ଜାରି ରଖିବ ବୋଲି ସଂକଳ୍ପ ନିଆଯାଇଛି। ଆସନ୍ତା ୯ ତାରିଖ ଗୋପବନ୍ଧୁ ଜୟନ୍ତୀରୁ ଆରମ୍ଭ ହେବାକୁ ଥିବା ପଦଯାତ୍ରାରେ ଘରକୁ ଘର ବୁଲି ନବୀନ ପଟ୍ଟନାୟକ ସରକାରଙ୍କ ସଫଳତା ଓ ବର୍ତ୍ତମାନର ବିଜେପି ସରକାରଙ୍କ ବିଫଳତା ନେଇ ବିଜେଡି ସଚେତନତା ସୃଷ୍ଟି କରିବ। ଏହା ନଭେମ୍ବର ୯ ଯାଏଁ ମାସେ ବ୍ୟାପୀ ପ୍ରତି ୱାର୍ଡ, ବ୍ଲକ, ପଞ୍ଚାୟତ, ଜିଲ୍ଲା ପରିଷଦ, ପୌରାଞ୍ଚଳ ଓ ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ ହେବ। ବିଶେଷକରି ଏହି ପଦଯାତ୍ରା ସମୟରେ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ନିଆଯାଇଥିବା ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକର ଅବତାରଣା କରାଯିବା ସହ ବର୍ତ୍ତମାନର ସରକାର ଦେଇଥିବା ପ୍ରତିଶ୍ରୁତି ପାଳନରେ ବିଫଳତା, ମହିଳାମାନଙ୍କୁ ପ୍ରତାରଣା ଓ ନିର୍ଯାତନା, ଆଇନଶୃଙ୍ଖଳାର ଅଧୋଗତି, ପଞ୍ଚାୟତରେ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ଅଭିସନ୍ଧି, ଚାଷୀମାନଙ୍କ ସମସ୍ୟା ପ୍ରତି ବିମୁଖତା, ଯୁବସମାଜ ଓ ଛାତ୍ରଛାତ୍ରୀଙ୍କ ସମସ୍ୟା, ଦରଦାମ ବୃଦ୍ଧି, ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁଙ୍କୁ ଉପେକ୍ଷା ଆଦି ବିଭିନ୍ନ ପ୍ରସଙ୍ଗ ସଂପର୍କରେ ଲୋକଙ୍କୁ ସଚେତନ କରାଯିବ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

ଜନସମ୍ପର୍କ ଅଭିଯାନ ସଂକଳ୍ପ ଅବସରରେ ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସ ବର୍ମା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଯୁବ ସଭାପତି ଚିନ୍ମୟ ସାହୁ, ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ, ସାଧାରଣ ସମ୍ପାଦକ ବିଜୟ ନାୟକ, ସୁମିତ୍ରା ଜେନା, ମିନତି ବେହେରା, ସ୍ଥାନୀୟ କର୍ପୋରେଟର୍ ଓ ଦଳର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ଚାଷ ଓ ଚାଷୀ, ନିଯୁକ୍ତି ଓ ବେକାରୀ ଏବଂ ବିପର୍ଯ୍ୟୟ ପରିଚାଳନାରେ ସରକାର ଫେଲ୍



ବ୍ରହ୍ମପୁର,୪ ।୧୦(ସମିସ)

ରାଜ୍ୟବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଡବଲ ଇଂଜିନ ସରକାର ସବୁ କ୍ଷେତ୍ରରେ ଫେଲ୍ ହୋଇଛି। ଚାଷୀଙ୍କୁ ସାର ଯୋଗାରେ ବିଫଳ ହୋଇଥିବାବେଳେ ସାର ପାଇଁ ଚାଷୀ ଏବେ ରାସ୍ତାରେ। ପ୍ରଚୁର ସାର ମହଜୁଦ ଥିବା ସରକାର ଡିଣ୍ଡିମ ପିଟୁଥିବାବେଳେ ସାରର ମୂଲ୍ୟ ୨୫୦ ଟଙ୍କାରୁ ୧ ହଜାରରେ ପହଞ୍ଚି କଳାବଜାରୀ ଜାରି ରହିଛି। ଏହାକୁ ନିୟନ୍ତ୍ରଣ କରିବାରେ ସରକାର ଅସହାୟତା ପ୍ରକାଶ କରୁଛନ୍ତି। ନବୀନ ପଟ୍ଟନାୟକ ସରକାର ଅମଳରେ କ୍ରମାଗତ ଭାବେ ଓଡ଼ିଶା କେନ୍ଦ୍ର ସରକାରଙ୍କଠାରୁ ୭ଥର କୃଷିକର୍ମଣ ପୁରସ୍କାର ପାଇଥିଲା। ବର୍ତ୍ତମାନ ସରକାରଙ୍କର ଚାଷ ଓ ଚାଷୀଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ନଥିବାରୁ ସବୁକିଛି ଦିଗହରା ହୋଇପଡିଛି ବୋଲି ବିଜେଡି ଅଭିଯୋଗ କରିଛି। ବର୍ତ୍ତମାନ ମଧ୍ୟ ସମୟ ଅଛି, ତୁରନ୍ତ ଚାଷୀଙ୍କୁ ସାର ସୁଲଭ ମୂଲ୍ୟରେ ସରକାର ଦିଅନ୍ତୁ ନଚେତ ଚାଷୀଙ୍କ ସ୍ୱାର୍ଥ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି ଛତ୍ରପୁରର ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା।

ସେହିଭଳି ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ବିଫଳ ଯୋଗୁ ବେକାରୀ ସମସ୍ୟା ଉତ୍କଟ ହେଲାଣି। ଫଳରେ ଦାଦନ ଶ୍ରମିକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଏଭଳି ସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୧୫ମାସରେ ୧୭ଟି ନିଯୁକ୍ତି ସଂକ୍ରାନ୍ତୀୟ ପରୀକ୍ଷାରେ ଜାଲିଆତି ଯୋଗୁ ବାତିଲ କରିବାକୁ ପଡ଼ିଛି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ସଦ୍ୟ ବାତିଲ ହୋଇଥିବା ପୁଲିସ ଏସ୍ଆଇ ପରୀକ୍ଷା। ଏଥିରେ ସମ୍ପୃକ୍ତ ୪ଜଣ ଦଲାଲଙ୍କ ସମେତ ମୋଟ ୧୧୪ଜଣ ଆଶାୟୀଙ୍କୁ ଗିରଫ କରାଯାଇଛି। ତେବେ ନିଯୁକ୍ତି ଜାଲିଆତିର ମାଷ୍ଟର ମାଇଣ୍ଡ ଫେରାର ଶଙ୍କର ପୃଷ୍ଟି ସହିତ ସରକାରରେ ଥିବା ବିଭିନ୍ନ ମନ୍ତ୍ରୀ ଓ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଭାଇରାଲ୍ ଘଟଣାକୁ ଅଧିକ ଚର୍ଚ୍ଚିତ କରିଛି। ଜାଲିଆତି ଘଟଣାରେ ସମ୍ପୃକ୍ତ ରାଜନେତା ଓ ମାଷ୍ଟର ମାଇଣ୍ଡ ଠାରୁ ଉପହାର ସ୍ୱରୁପ ନେଇଥିବା ମୂଲ୍ୟବାନ କାର ଓ ଅନ୍ୟାନ୍ୟ ସାମଗ୍ରୀ ବର୍ତ୍ତମାନ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାର ସିବିଆଇ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ ତଥା ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡା।

ସେପଟେ କୃଷି ଓ ନିଯୁକ୍ତି ଭଳି ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ମଧ୍ୟ ରାଜ୍ୟ ସରକାର ଫେଲ୍ ମାରିଥିବା କହିଛନ୍ତି ଚିକିଟି ଯୁବରାଜ ତଥା ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୁପ ଦେବ। ଖଣିମନ୍ତ୍ରୀ ଗଞ୍ଜାମ ଜିଲ୍ଲାର ତଥା ପଡୋଶୀ ଗୋପାଳପୁରରୁ ପ୍ରତିନିଧିତ୍ୱ କରୁଥିବା ବେଳେ ଚିକିଟି, ଦିଗପହଣ୍ଡି ଆଦି ବିଭିନ୍ନ ଅଞ୍ଚଳରେ ବ୍ୟାପକ ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣ ହେଉଛି। ଗତ ୧୮ ତାରିଖରେ ବିଜେଡି ପକ୍ଷରୁ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳଙ୍କୁ ବାହୁଦା ନଦୀରୁ ହେଉଥିବା ବାଲି ଚୋରାଚାଲାଣ ସମ୍ପର୍କରେ ବିଜେଡି ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା।

ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ସେଠାରେ ବୁଡ଼ି ୩ ଜଣଙ୍କର ମୃତ୍ୟୁ ଘଟିଛି। ଗତ ୧ତାରିଖରେ କଳିଙ୍ଗଦୋଳା ଠାରେ ଗୋଟିଏ ପରିବାରର ମା, ଝିଅ ଓ ନାତୁଣୀଙ୍କ ସଳିଳ ସମାଧି ଘଟିଛି। ଘଟଣା ସ୍ଥଳରୁ ଜେସିବି ଜରିଆରେ ବାଲି ଉଠାଣ ଯୋଗୁ ଏଭଳି ଘଟିଛି ଓ ଏହା ପ୍ରାକୃତିକ ବିପର୍ଯ୍ୟୟ ନୁହେଁ ବରଂ ମାଫିଆଙ୍କ ଦ୍ୱାରା ଓ ମନୁଷ୍ୟକୃତ। ଘଟଣାରେ ଯଦିଓ ଜିଲ୍ଲାପାଳ ପ୍ରତ୍ୟେକଙ୍କୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି ତାହା ଯଥେଷ୍ଟ ନୁହେଁ। ଘଟଣାକୁ ୫ଦିନ ବିତି ଯାଇଥିବା ବେଳେ ଘଟଣାସ୍ଥଳରେ କେହି ତଦନ୍ତ କରିନଥିବା ସେ ଅଭିଯୋଗ କରିଛନ୍ତି। ଫଳରେ ଘଟଣାରେ ଖଣି ମନ୍ତ୍ରୀ ବିଭୂତି ଭୁଷଣ ଜେନାଙ୍କ ଇସ୍ତଫା ଦାବି କରିବା ସହିତ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳଙ୍କୁ ମଧ୍ୟ ଦାୟୀ କରିଛନ୍ତି ଶ୍ରୀରୁପ ଦେବ।

ଅନ୍ୟପକ୍ଷରେ ପାତ୍ରପୁର ବ୍ଲକର କେଲୁଆ ଛକରେ ଗତ ୧ତାରିଖରେ ଜଣେ ଭାସି ଯାଇଥିବା ବେଳେ ତାଙ୍କ ପରିବାରକୁ ଏପର୍ଯ୍ୟନ୍ତ ଟଙ୍କାଟିଏ ମଧ୍ୟ କ୍ଷତିପୂରଣ ଘୋଷଣା କରାନଯିବା ନିନ୍ଦନୀୟ ବୋଲି ଶ୍ରୀରୁପ କହିଛନ୍ତି। ଏହି ଅବସରରେ ରାଜ୍ୟ ବିଜେଡି ପକ୍ଷରୁ ବିଜେଡି ଆଇଟି ଓ ସୋସିଆଲ ମିଡିଆ ସେଲର ନବନିଯୁକ୍ତ ୫ଜଣ କର୍ମକର୍ତ୍ତାଙ୍କୁ ଜିଲ୍ଲା ବିଜେଡି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ କର୍ମକର୍ତ୍ତାଙ୍କ ମଧ୍ୟରେ ବିଜେଡି ଆଇଟି ସେଲର କାର୍ଯ୍ୟନ୍ୱୟନ କମିଟିର ସଦସ୍ୟ ଚିନ୍ମୟାନନ୍ଦ ଶ୍ରୀରୁପ ଦେବ, ରଂଜିତା ସାହୁ, ଜୋନାଲ ସଂଯୋଜକ ସୁରଜ ରେଡ୍ଡୀ, ଗଞ୍ଜାମ ଜିଲ୍ଲା ଆଇଟି କୋର୍ଡିନେଟର ତଥା ଯୁବ ଆଇନଜୀବୀ ଅସିତ ସାବତ ଓ ଗଞ୍ଜାମ ଜିଲ୍ଲା ସୋସିଆଲ ମିଡିଆ କୋର୍ଡିନେଟର ଦୁର୍ଗା ପ୍ରସାଦ ପଣ୍ଡାଙ୍କୁ ଜିଲ୍ଲା ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ସମେତ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସୁବାସ ଚନ୍ଦ୍ର ବେହେରା, କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ସୁବାଷ ମହାରଣା, ଯୁବ ନେତା ଅଜୟ ମହାରଣା, ପୂର୍ବତନ ବିଡିଏ ଅଧ୍ୟକ୍ଷ କୈଳାଶ ରଣା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଜେଶ୍ୱରୀ ଦୋରା, ଯୁବ ନେତା ନଚିକେତା ସ୍ୱାଇଁ, ଜଗନ୍ନାଥ ସାବତ, କର୍ପୋରେଟର ଦୁର୍ଗା ଲାୟକ, ସୋନାଲି ଗନ୍ତାୟତ, ସମୀର କୁମାର ମିଶ୍ର, ଯୁବ ନେତା ଅଜିତ ଦାଶ, ଜ୍ୟୋତି ରଂଜନ ସାହୁ, ଅଜିତ ପଣ୍ଡା, ଶୋଭନ ନାୟକ ପ୍ରମୁଖଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

- ବିଜେଡି ଆଇଟି ଓ ସୋସିଆଲ ମିଡିଆ ସେଲ୍‌ର ନବନିଯୁକ୍ତ ୫ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା
- ସାର ଅଭାବ, ଏସ୍ଆଇ ନିଯୁକ୍ତି ଜାଲିଆତି ଓ ବାଲି ଚୋରାଚାଲାଣ ନେଇ ବର୍ଷିଲା ବିଜେଡି
- କଳିଙ୍ଗଦୋଳାରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟଣା ମନୁଷ୍ୟକୃତ- ଶ୍ରୀରୁପ



ବିଜୁ ଜନତା ଦଳ ପକ୍ଷରୁ ଗାନ୍ଧୀ ଜୟନ୍ତୀ

## ସୋରଡ଼ାରେ ବନ୍ୟା ବିପ୍ୟାତ



ସୋରଡ଼ା,୪ ।୧୦(ସମିସ): ଏହି ବ୍ଲକର ବିଭିନ୍ନ ସ୍ଥାନରେ ଲଘୁଚାପ ଜନିତ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି। ବହୁ ସ୍ଥାନରେ ଗଛ ପଡ଼ି ରାସ୍ତା ବନ୍ଦ ହୋଇଛି। ଆଉ କେଉଁ ସ୍ଥାନରେ ଛେଳି ଭାସି ପଳାଇଛନ୍ତି। ବଡ଼ଗଡ଼ ବନ ବିଭାଗ ଦ୍ୱାରା ନୂତନ ଭାବେ ପ୍ରସ୍ତୁତ ହେଉଥିବା ରୋଳା ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ମାତ୍ର କେଇଟା ଦିନ ତଳେ ବଡଗଡ ବନ ବିଭାଗ ତରଫରୁ ବଡଗଡକୁ ରୋଳା ଗ୍ରାମକୁ ସଂଯୋଗ ପାଇଁ ଏକ ବ୍ରିଜର ନିର୍ମାଣ କରାଯାଇଥିଲା। ଏହି ବର୍ଷାରେ ବ୍ରିଜ ପାଶ୍ୱର୍ରେ ଥିବା ମାଟି ଅତଡ଼ା ଖସି ଭାସିଯାଇଛି। ସେହିଭଳି ଏହି ବ୍ଲକର କିଛି ଗ୍ରାମବାସୀ ଜଳବନ୍ଦୀରେ ରହିଥିଲେ। ଋଷିକୁଲ୍ୟ, ଜରାଉ, ପଦ୍ମା ନଦୀରେ ମାତ୍ରାଧିକ ପାଣି ଆସିବାରୁ କେତେକ ଚାଷଜମି ସଂପୂର୍ଣ୍ଣ ନଷ୍ଟ ହୋଇଥିବା ଜଣାପଡ଼ିଛି। ଦୁଇଜଣ ଛେଳି ଚରାଳି ପଦ୍ମା ନଦୀ କୂଳରେ ଛେଳି ଚରାଉଥିବା ବେଳେ ହଠାତ୍ ନଦୀରେ ପାଣି ଆସିବାରୁ ଅନେକ ଛେଳି ଭାସି ଯାଇଥିଲେ।

## ବନ୍ୟା ଜଳରୁ ଯୁବତୀ ଉଦ୍ଧାର

ଗଞ୍ଜାମ,୪ ।୧୦(ସମିସ): ଘୋଡାହାଡ଼ ଡ୍ୟାମ୍‌ରୁ ପାଣି ଛଡ଼ା ଯାଇଥିବା ବେଳେ ଋଷିକୁଲ୍ୟା ନଦୀ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ଖରଖରୀ ନାଳ ଓ ଋଷିକୁଲ୍ୟା ନଦୀର ମିଳନ ସ୍ଥଳରେ ଜଣେ ଯୁବତୀ ସ୍ନାନ କରୁଥିବା ବେଳେ ଭାସି ଯାଇଥିଲେ। ଯୁବତୀ ଜଣକ ହେଲେ ଗଞ୍ଜାମ ବ୍ଲକ ଅନ୍ତର୍ଗତ ଉମୁରୀ ଗ୍ରାମର ମୋହିନି ଗୌଡ଼ (୨୪)। ଶନିବାର ସକାଳେ ଯୁବତୀ ଜଣଙ୍କ ଋଷିକୁଲ୍ୟା ନଦୀକୁ ଗାଧୋଇବାକୁ ଯାଇ ପ୍ରବଳ ସ୍ରୋତରେ ଭାସି ଯାଉଥିବାବେଳେ ତଳ ମୁଣ୍ଡରେ ଗାଧୋଉଥିବା ଜଣେ ଯୁବକ ତାଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ।






## ୩୦ ଏକର ଜମିରେ ବାଲିଚର; ବ୍ୟାପକ ଫସଲ ନଷ୍ଟ



ଧରାକୋଟ,୪ ।୧୦(ସମିସ): ଉପର ମୁଣ୍ଡରେ ପ୍ରବଳ ବର୍ଷା ଫଳରେ ଋଷିକୁଲ୍ୟା ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ଧରାକୋଟ ବ୍ଲକର ଜାହାଡ଼ା ପଞ୍ଚାୟତର କୁଶପଡା ନିକଟରେ ନଦୀ ହିଡ଼ ଭାଙ୍ଗି ବ୍ୟାପକ ଚାଷ ଜମିରେ ବାଲି ମାଡ଼ିଯାଇଛି। ପ୍ରାୟ ୩୦ ଏକରରୁ ଅଧିକ ଚାଷଜମି ବାଲିଚର ହୋଇଯାଇଥିଲା। ଫଳରେ ବ୍ୟାପକ ଧାନ, ସାରୁ ସମେତ ଅନ୍ୟାନ୍ୟ ପରିବା ଫସଲ ନଷ୍ଟ ହୋଇଯାଇଥିଲା। ସକାଳୁ ସକାଳୁ ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳକୁ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି ଓ ଥାନା ଅଧିକାରି ଚନ୍ଦ୍ରିକା ସ୍ୱାଇଁ ପରିଦର୍ଶନରେ ଯାଇଥିବା ବେଳେ ଚାଷୀ କ୍ଷତିପୂରଣ ଦାବି କରି ତହସିଲଦାର ଓ ଥାନା ଅଧିକାରୀଙ୍କୁ ଘେରି ପ୍ରବଳ ପାଟିତୁଣ୍ଡ କରିଥିଲେ।

ଗତ ଏକବର୍ଷ ପୂର୍ବେ ଭଞ୍ଜନଗର ଜଳସେଚନ ବିଭାଗ ତରଫରୁ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ବରଡବିଲି, କହିରାପଲ୍ଲୀ, କୁଶପଡା ସମେତ ଜାନିବିଲ୍ଲି ଆନିକଟ ପର୍ଯ୍ୟନ୍ତ ନୂତନ ନଦୀ ହିଡ଼ ନିର୍ମାଣ କରାଯାଇଥିଲା। କିନ୍ତୁ ଜାହାଡା ବାଲି ଲିଜ୍ ନେଇଥିବା ଲିଜଧାରୀ ବେଆଇନ ଭାବେ କୁଶପଡା ଗ୍ରାମ ନିକଟରୁ ନଦୀବନ୍ଧକୁ କାଟି ବାଲି ଚାଲାଣ କରୁଥିବାରୁ ଏହି ରାସ୍ତାଦେଇ ବନ୍ୟାଜଳ ଧାନ ଓ ବିଭିନ୍ନ ପରିବା କ୍ଷେତରେ ପଶି ବାଲି ମାଡ଼ି ଯାଇଥିବା କୁଶପଡ଼ା ଗ୍ରାମବାସୀ କହିଛନ୍ତି। ଘଟଣା ସମ୍ପର୍କରେ ତହସିଲଦର୍ ଲମ୍ବୋଦର ମାରାଣ୍ଡିଙ୍କ ସହ ଯୋଗାଯୋଗ ବେଳେ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ଓ ଜଳସେଚନ ବିଭାଗ ତରଫରୁ ଖୁବ୍‌ଶୀଘ୍ର ନଦୀର ହିଡ଼ ନିର୍ମାଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଳସେଚନ ବିଭାଗର ପଦାଧିକାରୀ ଉପସ୍ଥିତ ରହି ନଦୀବନ୍ଧ ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବା ବେଳେ ଗ୍ରାମବାସୀଙ୍କ ଏକା ଜିଦ୍ କ୍ଷୟକ୍ଷତି ଆକଳନ କରି ତୁରନ୍ତ ସହାୟତା ପ୍ରଦାନ କରାଯାଉ।

### କ୍ଷୟକ୍ଷତି ଆକଳନ ପରେ କ୍ଷତିପୂରଣ- ଜିଲ୍ଲାପାଳ

ଛତ୍ରପୁର,୪।୧୦(ସମିସ): ଗଞ୍ଜାମ ଜିଲ୍ଲାରେ ଗତ ୨ଦିନ ଧରି ଲଗାଣ ବର୍ଷା ଫଳରେ ବିଭିନ୍ନ ଅଞ୍ଚଳରେ ହୋଇଥିବା କ୍ଷୟକ୍ଷତିର ଆକଳନ କରାଯିବ। ସରକାରୀ ଗାଇଡ୍‌ଲାଇନ ଅନୁଯାୟୀ ସହାୟତା ପ୍ରଦାନ କରାଯିବ ବୋଲି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗତ ଦୁଇ ଦିନ ଧରି ଲଘୁଚାପ ଯୋଗୁ ଗଞ୍ଜାମ ଜିଲ୍ଲାରେ ଲଗାଣ ବର୍ଷା ହୋଇଥିଲା। ଫଳରେ ନଦୀର ଜଳସ୍ତର ବୃଦ୍ଧି ପାଇଥିଲା। ଏବେ ବର୍ଷା କମିବା ସାଙ୍ଗକୁ କେତେକ ସ୍ଥାନରେ ପାଣିର ସ୍ତର ମଧ୍ୟ କମିଛି। ନଦୀ ପାଣି ବିଭିନ୍ନ ବିଲ ମଧ୍ୟରେ ପଶିଛି। ଯାହାକୁ ନେଇ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ସେହିଭଳି ଜିଲ୍ଲାର କେତେକ ସ୍ଥାନରେ ଆଜି ସକାଳେ ସ୍ୱଳ୍ପ ପରିମାଣର ବର୍ଷା ସାଙ୍ଗକୁ ବିଜୁଳି ଓ ଘଡଘଡି ହେଉଥିବା ଦେଖିବାକୁ ମିଳିଛି। ଏଣୁ ନଦୀ ପାଶ୍ୱର୍କୁ କେହି ନ ଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଗଞ୍ଜାମ ଜିଲ୍ଲା ୟେଲୋ ଜୋନରେ ରହିଛି। ବର୍ଷା ହେବାର ସମ୍ଭାବନା ମଧ୍ୟ ରହିଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ସମସ୍ତ ମୋବାଇଲକୁ ମେସେଜ ଦିଆଯାଉଛି। ସେଗୁଡିକୁ ଅନୁସରଣ କରିବା ସହିତ ପ୍ରଶାସନ ପକ୍ଷରୁ ଦିଆଯାଉଥିବା ନିୟମ ମାନିବା ପାଇଁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ସେହିପରି ଦିଗପହଣ୍ଡିରେ ଥିବା ଘୋଡାହାଡ ଡ୍ୟାମରେ ଜଳସ୍ତର କମିଛି। ପୂର୍ବରୁ ୪ଟା ଗେଟ ଖୋଲିବାକୁ ପଡୁଥିଲା। ଏବେ କିନ୍ତୁ ସେଗୁଡିକୁ ବନ୍ଦ କରାଯାଇଛି। ଗୋଟିଏ ଗେଟରେ ପାଣି ଛଡାଯାଉଛି। ଜିଲ୍ଲାରେ ଭୁସ୍ଖଳନ ଦେଖିବାକୁ ମିଳିଛି। ସୋରଡା ଅଂଚଳରେ କିଛି ବ୍ରିଜର ଆପ୍ରୋଚ ରୋଡ ଗୁଡିକ ଭାଙ୍ଗି ଯାଇଛି। ସେଗୁଡିକ ଲାଇନ ଡିପାର୍ଟମେଣ୍ଟ ପକ୍ଷରୁ ମରାମତି ଆରମ୍ଭ ହୋଇଯାଇଛି। ଖୁବ୍‌ଶୀଘ୍ର ସେଗୁଡିକର ମରାମତି ସରିଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।


















# ନାବାଳିକାକୁ ଅସଦାଚରଣ ଓ ମା'କୁ ଧମକ; ଯୁବକ ଗିରଫ

ବ୍ରହ୍ମପୁର,୪।୧୦(ସମିସ): ଜଣେ ନାବାଳିକାର ପିଛା କରି ଦୁର୍ବ୍ୟବହାର କରିବା ଓ ତାଙ୍କ ମା'ଙ୍କୁ ବିଭିନ୍ନ ଧମକ ଦେବା ଅଭିଯୋଗରେ ସଦର ଥାନା ପୁଲିସ କୁକୁଡ଼ାଖଣ୍ଡି ଅଞ୍ଚଳର ସୁନିଲ ସେଠୀ ଓରଫ ପୀୟାଲୀ(୩୨)କୁ ଗିରଫ କରି କୋର୍ଟଚାଲାଣ କରିଛି। କୁକୁଡ଼ାଖଣ୍ଡି ଅଞ୍ଚଳର ଜଣେ ନାବାଳିକା ସ୍କୁଲ ଓ ଟିୟୁସନ୍ ଯିବାବେଳେ ଅଭିଯୁକ୍ତ ସୁନିଲ ସମ୍ପୃକ୍ତ ନାବାଳିକାଙ୍କ ପିଛା କରି ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରୁଥିଲା। ନାବାଳିକାଙ୍କ ମା' ସୁନିଲକୁ ତାଗିତ କରିବା ସହ ଏଭଳି କାର୍ଯ୍ୟରୁ ନିର୍ବୃତ୍ତ ରହିବାକୁ କହିବାରୁ ସୁନିଲ ନାବାଳିକାକୁ ଅପହରଣ କରିବା ସହ ତାଙ୍କ



ପରିବାର ଲୋକଙ୍କୁ ଜୀବନରୁ ମାରିଦେବ ବୋଲି ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି।

## ଗଉଞ୍ଜୁ ଗ୍ରାମରେ ଗଣ୍ଡଗୋଳ; ୭ ଆହତ

ବ୍ରହ୍ମପୁର,୪।୧୦(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଗଉଞ୍ଜୁ ଗ୍ରାମରେ ଅନ୍ୟ ଗ୍ରାମର ଯୁବତୀକୁ ଏହି ଗ୍ରାମର ଜଣେ ଯୁବକ ଭଲପାଇବା ନେଇ ଆଲୋଚନା ଚାଲିଥିଲା। ଉଭୟ ପରିବାର ସଦସ୍ୟଙ୍କ ମଧ୍ୟରେ କଥା କଟାକଟି ସହ ଆକ୍ରମଣ ପ୍ରତି ଆକ୍ରମଣ ଘଟିଥିଲା। ଫଳରେ ଉଭୟ ପରିବାରର ୭ ଜଣ ଆହତ ହୋଇଥିବା ବେଳେ ୩ ଜଣ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ ଗତ ସେପ୍ଟେମ୍ବର ୨୯ ରେ ବଡ଼ ଜୁଗୁଡ଼ି ଗ୍ରାମର ଜଣେ ଯୁବତୀକୁ ଗଉଞ୍ଜୁ ଗ୍ରାମର ଜଣେ ଯୁବକ ଭଲପାଇ ନିଜ ଘରେ ରଖିଥିଲା। ଯୁବତୀଙ୍କ ପରିବାର ଲୋକେ ଏନେଇ ଜାଣିବା ପରେ ଯୁବକଙ୍କ ଘରେ ପହଞ୍ଚି କଥାବାର୍ତ୍ତା କରିବା ସହ ଯୁବତୀଙ୍କ ସହ ବିବାହ କରିବା ନେଇ ଆଲୋଚନା କରୁଥିଲେ। ଏହି ସମୟରେ ହଠାତ ଉଭୟ ପରିବାର ମଧ୍ୟରେ କଥା କଟାକଟି ହୋଇଥିଲା। ଯୁବକଙ୍କ ସମ୍ପର୍କୀୟ ବିଭିନ୍ନ ମାରଣାସ୍ତ୍ର ଧରି ଯୁବତୀଙ୍କ ପରିବାରକୁ ଆକ୍ରମଣ କରିଥିଲେ। ଫଳରେ ଯୁବତୀଙ୍କ ବାପାଙ୍କ ସମେତ ମା', ଭାଇ ଓ ମାଉସୀ ଆହତ ହୋଇଥିଲେ। ଏହାସହ ଯୁବକଙ୍କ ପରିବାରର ତିନିଜଣ ମଧ୍ୟ ପ୍ରତିଆକ୍ରମଣରେ ଆହତ ହୋଇଥିଲେ। ଗୋପାଳପୁର ପୁଲିସ ପହଞ୍ଚି ତଦନ୍ତ କରିବା ସହ ଯୁବତୀଙ୍କ ପରିବାର ସଦସ୍ୟଙ୍କୁ ଥାନାକୁ ଆଣି ପଚରାଉଚରା ଜାରି ରଖିଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି।

## ମହିଳାଙ୍କ ସୁନା ଲୁଟ୍ ଘଟଣା; ଲୁଟେରା ଗିରଫ

ବ୍ରହ୍ମପୁର,୪।୧୦(ସମିସ): ତୁଳସୀପତ୍ର ତୋଳୁଥିବା ବେଳେ ଜଣେ ମହିଳାଙ୍କ ବେକରୁ ସୁନା ଅଳଙ୍କାର ଲୁଟ ଅଭିଯୋଗରେ ସଦର ଥାନା ପୁଲିସ ଗଜପତି ନଗରର ସପ୍ତମ ଲାଇନର ସୁଜିତ କୁମାର ପାତ୍ରୀ(୪୬)କୁ ଗିରଫ କରିଛି। ତାଠାରୁ ପୁଲିସ ଲୁଟ୍ ସୁନା ଚେନ ଉଦ୍ଧାର କରିବା ସହ ଘଟଣାରେ ବ୍ୟବହାର ହୋଇଥିବା ବାଇକକୁ ଜବତ କରିଛି। କୁକୁଡ଼ାଖଣ୍ଡି ସୂର୍ଯ୍ୟନଗରର ବୃଦ୍ଧା ତାରାବତୀ କୋଠିଆ ଗତ ୨୫ତାରିଖ ଦିନ ନିଜ ଘର ନିକଟରେ ତୁଳସୀପତ୍ର ତୋଳୁଥିବାବେଳେ ବାଇକରେ ଆସି ଦୁର୍ବୃତ୍ତ ତାଙ୍କ ବେକରୁ ମଙ୍ଗଳସୂତ୍ର ଓ ଚେନ ଝାମ୍ପି ନେଇଥିଲା। ମଙ୍ଗଳସୂତ୍ରଟି ଛିଣ୍ଡି ତଳେ ପଡି ଯାଇଥିବା ବେଳେ ସୁନା ଚେନର କିଛି ଅଂଶ ଦୁର୍ବୃତ୍ତ ନେଇ ଫେରାର ହୋଇ ଯାଇଥିଲା।



ଘଟଣାସ୍ଥଳରୁ ସିସିଟିଭି ଫୁଟେଜ୍ ସଂଗ୍ରହ କରି ପୁଲିସ ତଦନ୍ତ କରି ଗତ ୨ ତାରିଖରେ ବାଇଗଣବାଡି ଛକରୁ ଗ୍ଲାମର ବାଇକ ସହିତ ଅଭିଯୁକ୍ତ ସୁଜିତକୁ ଗିରଫ କରିଥିଲା। ପଚରାଉଚୁରା ପରେ ସେ ସମ୍ପୃକ୍ତ ବୃଦ୍ଧାଙ୍କଠାରୁ ଗୋଟିଏ ସୁନା ଚେନ୍ ଛଡ଼ାଇ ନେଇଥିବା ସହ ଜୁନ୍ ମାସରେ ବ୍ରହ୍ମପୁରର ବାଳକୃଷ୍ଣ ସାହୁଙ୍କ ସହିତ ଗୁରୁନାଡି ଥାନା ଅଞ୍ଚଳର ଅଡାଗାଁରେ ଜଣେ ମହିଳାଙ୍କଠାରୁ ମଙ୍ଗଳସୂତ୍ର ଛଡ଼ାଇ ନେବା ଓ ଶ୍ରୀରାମ ନଗର ଅଞ୍ଚଳର ଏକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ପୁଲିସ ନିକଟରେ କହିଥିଲା। ଅଭିଯୁକ୍ତ ସୁଜିତଙ୍କ ନାମରେ ବିଏନପୁର, ବଡ଼ ବଜାର, ଗୋଳନ୍ଥରା, କେ ନୂଆଁ ଗାଁ, ଦିଗପହଣ୍ଡି, ଗୋପାଳପୁର, ଜରଡ଼ା ଓ ଗୁରାଣ୍ଡି ଥାନାରେ ହତ୍ୟା ଉଦ୍ୟମ, ଡକାୟତି, ଲୁଟ୍ ଓ ଆର୍ମସ ଆକ୍ଟ ଦଫା ଭଳି ୧୫ଟି ସଂଗୀନ ମାମଲା ରହିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ୍ ପ୍ରଧାନ ସୂଚନା ଦେଇଛନ୍ତି।

## ସ୍ୱାମୀକୁ ପନିକୀରେ ଆକ୍ରମଣ

ବ୍ରହ୍ମପୁର,୪।୧୦(ସମିସ): ବୈଦ୍ୟନାଥପୁର ଥାନା ଅଞ୍ଚଳରେ ପାରଳାଖେମୁଣ୍ଡି ନିବାସୀ ସନ୍ତୋଷ ପ୍ରଧାନଙ୍କୁ ତାଙ୍କ ସ୍ତ୍ରୀ ପନିକୀରେ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସନ୍ତୋଷ ଗତ ୩ ତାରିଖରେ ନିଜ ଝିଅକୁ ଦେଖା କରିବାକୁ ଆସିଥିଲେ। ଏହି ସମୟରେ ତାଙ୍କ ସ୍ତ୍ରୀ ଓ ଶାଳୀ ତାଙ୍କୁ ଗାଳିଗୁଲଜ କରିବା ସହ ପନିକୀରେ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ପରେ ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିଲେ।

'ଏମ୍ସ ପ୍ଲସ' ସ୍ୱପ୍ନ ଦେଖୁଥିବା ଏମ୍‌କେସିଜି ହସ୍ପିଟାଲର ଗୁମର କଥା

# ପୋକ କାମୁଡ଼ା ରୋଗୀକୁ ଛାତି ଏକ୍ସରେ ପରାମର୍ଶ !

● ଏକ୍ସରେ ରିପୋର୍ଟ ବାହାରିବା ପରେ 'କିଏ କହିଲା' ବୋଲି ପ୍ରଶ୍ନ କଲେ ଡାକ୍ତର

● ଡାକ୍ତରଙ୍କ ପ୍ରେସ୍କ୍ରିପ୍ସନକୁ ଭୁଲ୍ ଦର୍ଶାଉଛନ୍ତି ନିରାମୟ କେନ୍ଦ୍ରର ଫାର୍ମାସିଷ୍ଟ

ବ୍ରହ୍ମପୁର,୪।୧୦(ସମିସ)

ଦକ୍ଷିଣ ଓଡ଼ିଶାର ଏକମାତ୍ର ସରକାରୀ ରେଫେରାଲ ହସ୍ପିଟାଲ ହେଉଛି ବ୍ରହ୍ମପୁରର ଏମ୍‌କେସିଜି ହସ୍ପିଟାଲ ଓ ମେଡିକାଲ କଲେଜ। ମାଗଣାରେ ଉନ୍ନତ ଧରଣର ଚିକିତ୍ସା ସେବା ଆଶାରେ ଏହା ଉପରେ ଦୈନିକ ହଜାର ହଜାର ସଂଖ୍ୟାରେ ରୋଗୀ ନିର୍ଭର କରିଥାନ୍ତି। ତେବେ ଏଠାକାର ବ୍ୟବସ୍ଥା କଥା ନକହିବା ଭଲ। ବଡ଼ବଡ଼ିଆ ଗୁରୁତର ଅବସ୍ଥାରେ ଏଠାରେ ଚିକିତ୍ସା ନହୋଇ ରାଜ୍ୟ ବାହାରକୁ ଅଥବା ଭୁବନେଶ୍ୱର କିମ୍ବା କଟକ ପଳାଉଛନ୍ତି। ବିଭିନ୍ନ ସମୟରେ ବିଭିନ୍ନ ଘଟଣାକୁ ନେଇ ଏମ୍‌କେସିଜି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥାଏ। ସବୁ ସୁବିଧା ଥାଇ ସୁଦ୍ଧା ରୋଗୀଙ୍କୁ ଉନ୍ନତ ଚିକିତ୍ସା ସୁବିଧା ମିଳିବା ଯେମିତି ଏଠାରେ ସ୍ୱପ୍ନ। ଅପରପକ୍ଷେ ବିରଳ ତଥା ସଫଳ ଅସ୍ତ୍ରୋପଚାର କରି ମଧ୍ୟ କିଛି ହାତଗଣତି ଡାକ୍ତର ସୁନାମ ଅର୍ଜନ କରିଛନ୍ତି। ଏଭଳି ପରିସ୍ଥିତିରେ ଶହ ଶହ କୋଟି ଟଙ୍କା ବିନିଯୋଗ କରି ଏମ୍‌କେସିସଜି ମେଡିକାଲକୁ ଏମ୍ସ ପ୍ଲସ ମାନ୍ୟତା ଦେବାର ସ୍ୱପ୍ନ ଦେଖାଉଛନ୍ତି ରାଜ୍ୟ ସରକାର। ତୃଣମୂଳ ସ୍ତରରେ ଭିତ୍ତିଭୂମିର ଅଭାବକୁ ଦୂର ନକରି ଏମ୍ସ ପ୍ଲସ କରିବା ଯୋଜନା କେବଳ ପ୍ରଚାର ସର୍ବସ୍ୱ ବୋଲି ସାଧାରଣରେ ଆଲୋଚନା ହେଉଛି।

ଶୁକ୍ରବାର ଏମ୍‌କେସିଜି କାଜୁଆଲିଟିରେ ଏକ ଅଭାବନୀୟ ଘଟଣା ଘଟିଛି। ବ୍ରହ୍ମପୁର ଉପକଣ୍ଠ ଗୋଳାବନ୍ଧ ଗ୍ରାମର ଅଜୟ କୁମାର ବେଉରିଆ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ହଠାତ୍ ଏକ ପୋକ ଅଜୟଙ୍କ ହେଲ୍‌ମେଟ ଭିତରେ



ପଶି ସାର୍ଟ ଭିତରକୁ ଯାଇ ଛାତିକୁ କାମୁଡ଼ି ଦେଇଥିଲା। ଅସହ୍ୟ ଯନ୍ତ୍ରଣା ହେବାରୁ ତୁରନ୍ତ ସେ ଏମ୍‌କେସିଜି କାଜୁଆଲିଟିକୁ ଆସି ଉପସ୍ଥିତ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ଡାକ୍ତର କିଛି ନବୁଝି ନଶୁଣି ସିଧାସଳଖ ଛାତିର ଏକ୍ସରେ କରିବାକୁ ଲେଖିଦେଲେ। ଅୟଜ ଛାତିର ଏକ୍ସରେ କରି ରିପୋର୍ଟ ଆଣି ସମ୍ପୃକ୍ତ ଡାକ୍ତରଙ୍କୁ ଦେଖାଇଥିଲେ। ସେତେବେଳେ ଡାକ୍ତର ଜଣକ ଅଜୟଙ୍କୁ ଏକ୍ସରେ କ'ଣ ପାଇଁ ବାହାର କରିଛନ୍ତି ବୋଲି ଓଲଟି ପ୍ରଶ୍ନ କରିବାରୁ ଆଶ୍ଚର୍ଯ୍ୟ ହୋଇଥିଲେ ନିଜେ ଅଜୟ। ଏଭଳି ଅଭାବନୀୟ ପରିସ୍ଥିତି ସମ୍ପର୍କରେ ସେଠାରେ ଉପସ୍ଥିତ ଅନ୍ୟ ଡାକ୍ତରମାନେ ଚିନ୍ତାରେ ପଡ଼ିଯାଇଥିଲେ। ପରେ ଔଷଧ ଦେଇ ଅଜୟଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଥିଲେ।

ସେହିଭଳି ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇ ଜଣେ ବ୍ୟକ୍ତି କାଜୁଆଲିଟିକୁ ଯାଇ ଡାକ୍ତରଙ୍କ ଚିକିତ୍ସା ପରାମର୍ଶ ନେଇଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ପ୍ରାଥମିକ ଚିକତ୍ସା ପରେ ନିରାମୟ କେନ୍ଦ୍ରରୁ ଔଷଧ ନେବାକୁ ଡାକ୍ତର କହିଥିଲେ। ତେବେ ନିରାମୟ କେନ୍ଦ୍ରରେ ନିୟୋଜିତ ଜନୈକ ଫାର୍ମାସିଷ୍ଟ ଡାକ୍ତର ଲେଖିଥିବା ପ୍ରେସ୍କ୍ରିପ୍ସନ ଭୁଲ୍ ଥିବା ଦର୍ଶାଇ ସମ୍ପୃକ୍ତ ରୋଗୀଙ୍କୁ ୫ଶହ ପାୱାର ପରିବର୍ତ୍ତେ ୨ ଶହ ପାୱାରର ଔଷଧ ଦେଇଥିଲେ। ଏଥିରୁ ସ୍ପଷ୍ଟ ହେଉଛି ଏମ୍‌କେସିଜିକୁ ଏମ୍ସ ପ୍ଲସ ମାନ୍ୟତା ଦେବାକୁ ସ୍ୱପ୍ନ ଦେଖାଉଥିବା ଏହି ସରକାରୀ ହସ୍ପିଟାଲରେ ରୋଗୀଙ୍କ ସ୍ୱାସ୍ଥ୍ୟପ୍ରତି ଡାକ୍ତର କେତେ ଯତ୍ନବାନ ଏବଂ ଫାର୍ମାସିଷ୍ଟ ଓ ଡାକ୍ତରଙ୍କ ମଧ୍ୟରେ ସମନ୍ୱୟର କେତେ ଅଭାବ ରହିଛି। ଏଣୁ ଖାଲି ଏମ୍ସ ପ୍ଲସ ମାନ୍ୟତା ପ୍ରଦାନ କରିଦେଲେ ହେବନାହିଁ ବରଂ ଏହା ପୂର୍ବରୁ ଏଠାରେ ଥିବା ଭିତ୍ତିଭୂମିର ଅଭାବ ଦୂର କରିବା ସହିତ ଆନୁସଙ୍ଗିକ ବ୍ୟବସ୍ଥା ଓ ରୋଗୀଙ୍କ ପ୍ରତି ସ୍ୱାସ୍ଥ୍ୟ କ୍ଷେତ୍ରରେ ନିୟୋଜିତ କର୍ମଚାରୀ ଓ ଅଧିକାରୀଙ୍କ ମନୋଭାବରେ ମଧ୍ୟ ପରିବର୍ତ୍ତନ ହେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।

## ୧୮ ଜୁଆ ଆଡ୍ଡାରେ ଚଢ଼ଉ; ୮ ଲକ୍ଷ ଟଙ୍କା,୨୫ରୁ ଅଧିକ ବାଇକ୍ ଜବତ

ବ୍ରହ୍ମପୁର ପୁଲିସ ଜିଲ୍ଲା

ବ୍ରହ୍ମପୁର,୪।୧୦(ସମିସ)

ବ୍ରହ୍ମପୁର ପୁଲିସ କୁମାର ପୂର୍ଣ୍ଣିମା ପୂର୍ବରୁ ଅର୍ଥାତ ସେପ୍ଟେମ୍ବର ମାସ ପହିଲାରୁ ଏଯାବତ ୧୮ଟି ଜୁଆ ଆଡ୍ଡାରେ ଚଢ଼ଉ କରି ୧୨୭ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ଏଠାରୁ ୮ଲକ୍ଷ ୬୧ହଜାର ଟଙ୍କା ସମେତ ୫୫ଟି ମୋବାଇଲ ଓ ୨୫ରୁ ଉର୍ଦ୍ଧ୍ୱ ବାଇକ ଜବତ କରିଛି। ଟାଉନ, ବୈଦ୍ୟନାଥପୁର, ନିମଖଣ୍ଡି, ବଡ଼ବଜାର, ଜରଡ଼ା, ଗୋପାଳପୁର ଓ ଗୋଳନ୍ଥରା ଥାନା ପୁଲିସ ଏହି ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଛି। ଗତ ୩ତାରିଖ ବିଳମ୍ବିତ ରାତିରେ ଗୋଇଲୁଣ୍ଡି ଚନ୍ଦ୍ରଚାଅଁଡ଼ା ପଥର ସ୍ଥିତ ଶିବ ମନ୍ଦିର ନିକଟରେ ଚାଲିଥିବା ଜୁଆ ଆଡ୍ଡା ଉପରେ ବିଏନପୁର ଥାନା ପୁଲିସ ଚଢାଉ କରି ୫ଜଣ ଜୁଆଡ଼ିଙ୍କୁ ଗିରଫ କରି ୧୧ହଜାର ୭ଶହ ଟଙ୍କା ଓ ୪ଟି ମୋବାଇଲ ଜବତ କରିଛଇ। ସେହିଭଳି ବିଳମ୍ବିତ ରାତିରେ ଲାଞ୍ଜିପଲ୍ଲୀ ଛକ ଉପରେ ଚାଲିଥିବା ଜୁଆଖେଳରେ ପୁଲିସ ଚଢାଉ କରି ୧୧ଜଣ ଜୁଆଡ଼ିଙ୍କୁ କାବୁ କରିଥିଲା। ଏଠାରୁ ୧୨ହଜାର ୨ଶହ ଟଙ୍କା ଓ ୬ଟି ମୋବାଇଲ ଜବତ କରିଛି। ସେହିଭଳି ୨ତାରିଖ ସନ୍ଧ୍ୟାରେ କମାପଲ୍ଲୀ ଓଭରବ୍ରିଜ ନିକଟସ୍ଥ ଏକ ଜୁଆଖେଳରୁ ପୁଲିସ ୭ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୭ହଜାର ୫ଶହଟଙ୍କା ସମେତ ୪ଟି ମୋବାଇଲ ଜବତ କରିଛି। ଅନୁରୂପ ଭାବେ ବ୍ରହ୍ମାନଗର ଗୁଡିଘାଇ ବନ୍ଧ ନିକଟସ୍ଥ ଜୁଆଆଡ୍ଡାରୁ ୩ଜଣଙ୍କୁ କାବୁ କରିବା ସହ ୧୧ହଜାର ୫ଶହ ଟଙ୍କା ଓ ଦୁଇଟି ମୋବାଇଲ ଜବତ କରିଛି। ଏନେଇ ବୈଦ୍ୟନାଥପୁର ଥାନାରେ ସମ୍ପ୍ରତି ୪ଟି ମାମଲା ରୁଜୁ ହୋଇଥିବା ବେଳେ ଜୁଆ ଆଡ୍ଡା ଚଢ଼ଉ କ୍ଷେତ୍ରରେ ଏହି ଥାନାରେ ସର୍ବାଧିକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଆଗାମୀ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ପୁଲିସର ଏହି ଚଢାଉ ଜାରି ରହିବ ବୋଲି ଜଣାପଡ଼ିଛି।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ



ବ୍ରହ୍ମପୁର,୪।୧୦(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିଥି ଭାବେ ଡ. ବିଭୂପ୍ରସାଦ ସାହୁ, ଡ. ମନୋରଞ୍ଜନ ବିଷୋୟୀ ଓ ଅଧ୍ୟାପକ ଅଶୋକ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର, ବୃକ୍ଷରୋପଣ, ମାରଥନ, ସ୍ୱଚ୍ଛତା ହିଁ ସେବା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅଧ୍ୟାପକ ଅଶୋକ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କାର୍ଯ୍ୟାଳୟ କର୍ମଚାରୀ ତାରିଣୀ ଚରଣ ବେହେରାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ୩ ଯୁବ ପ୍ରତିଭା ପାଇବେ କେପିଜେଏଲ୍ ଯୁବ ବିଜେତା ସମ୍ମାନ

ବ୍ରହ୍ମପୁର,୪।୧୦(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ "କୁଆଁର ପୁନେଇଁ ଜହ୍ନ ଲୋ' (କେପିଜେଏଲ୍) ଯୁବ ବିଜେତା ସମ୍ମାନ' ପାଇବା ନିମନ୍ତେ ୩ଜଣ ବିଶିଷ୍ଟ ଯୁବ ପ୍ରତିଭା ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଲିପିତତ୍ତ୍ୱ ଗବେଷକ ବିଷ୍ଣୁ ମୋହନ ଅଧିକାରୀ, ଫୋର୍ବସ ଇଣ୍ଡିଆରେ ସ୍ଥାନ ପାଇଥିବା ଜୟନ୍ତୀ ବୁରୁଦା ଏବଂ ବଲିଉଡର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ହେୟାର ଷ୍ଟାଇଲିଷ୍ଟ କେ. ରାଜୁ ରହିଛନ୍ତି। ଭାବାନଗରରେ ଆୟୋଜିତ "୧୬ତମ କୁଆଁର ପୁନେଇଁ ଜହ୍ନ ଲୋ-୨୦୨୫'ର ସ୍ୱତନ୍ତ୍ର ଯୁବ ପ୍ରତିଭା ଚୟନ କରାଯାଇଥିଲା। ଏହି



ବିଶିଷ୍ଟ ଯୁବ ପ୍ରତିଭାମାନଙ୍କୁ ଅକ୍ଟୋବର ୭ ତାରିଖ ଦିନ ଆୟୋଜିତ ହେବାକୁ ଥିବା ଜାତୀୟ ମହୋତ୍ସବରେ ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ ପକ୍ଷରୁ ସମ୍ମାନିତ କରାଯିବ ବୋଲି ଉତ୍ସବ କମିଟିର ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ସୋନମ୍ ୱାଙ୍ଗଚୁକ୍‌ଙ୍କ ଗିରଫଦାରୀର ପ୍ରତିବାଦ



ବ୍ରହ୍ମପୁର,୪।୧୦(ସମିସ)

ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡରେ ସହରର ବିଭିନ୍ନ ସଙ୍ଗଠନର ନେତୃବୃନ୍ଦ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ସୋନମ୍ ୱାଙ୍ଗଚୁକଙ୍କ ଗିରଫକୁ ନେଇ ପ୍ରତିବାଦ କରାଯାଇଛି। କେନ୍ଦ୍ର ସରକାରର ନିର୍ଦ୍ଦେଶ କ୍ରମେ ସୋନମ୍ ୱାଙ୍ଗଚୁକଙ୍କୁ ଅଗଣତାନ୍ତ୍ରିକ ଭାବେ ଗିରଫ କରାଯାଇଥିବା ଅଭିଯୋଗରେ ବିଭିନ୍ନ ଗଣ ସଂଗଠନ ପକ୍ଷରୁ ବିରୋଧ କରାଯାଇଥିଲା। ୩୭୦ଧାରା ଉଚ୍ଛେଦ ପରେ ଲଦାଖକୁ ସ୍ୱତନ୍ତ୍ର ରାଜ୍ୟ ଓ ୬ଷ୍ଠ ଅନୁଚ୍ଛେଦ ଯୋଡ଼ି ସ୍ୱୟଂଶାସିତ ଘୋଷଣାକୁ କାର୍ଯ୍ୟକାରୀ କରିବା ଦାବି ନେଇ ସୋନମ୍ ୱାଙ୍ଗଚୁକ୍‌ଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଲଦାଖବାସୀ ପର୍ଯ୍ୟାୟ କ୍ରମେ ଦୀର୍ଘ ବର୍ଷରୁ ଅନଶନରେ ବସିଥିଲେ। ଏହି ଶାନ୍ତିପୂର୍ଣ୍ଣ ଅନଶନକୁ ଭଣ୍ଡୁର କରିବାକୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଏଭଳି କାର୍ଯ୍ୟ କରିଥିବା ଏଠାରେ ଅଭିଯୋଗ ହୋଇଛି। ଗଣ ପ୍ରତିବାଦରେ ଶିକ୍ଷକ ସଂଗଠନର ନେତା ଅଶୋକ ଦଳାଇଙ୍କ ସଂଯୋଜନାରେ ବିଶିଷ୍ଟ ପରିବେଶବିତ୍ ସୁଧୀର ରାଉତ୍, ସ୍ତମ୍ଭକାର ଭାଲଚନ୍ଦ୍ର ଷଡ଼ଙ୍ଗୀ, ଚାଷୀ ମୂଲିଆ ସଂଘର ଅବନୀ ଗୟା, ମାନବ ଅଧିକାର ସୁରକ୍ଷା ମଞ୍ଚର ଗଗନ ମଲ୍ଲିକ, ମାନବବାଦୀ ହେତୁବାଦୀ ସଂଗଠନର କେ. ନନ୍ଦେଶ୍ୱ ସେନାପତି, ଟିୟୁସିଆଇର ଶଙ୍କର ଇନ୍ କିଲାବ୍, ବରିଷ୍ଠ ସାମ୍ବାଦିକ ରବି ରଥ, ଡ. ବିଦ୍ୟୁତପ୍ରଭା ରଥ, ଇଫ୍ଟୁର ପ୍ରତାପ ପ୍ରଧାନ, କିଶୋର ମିଶ୍ର, ଏଆଇଡିଏସଓର ପପୁନ୍ ସାହୁ, ବିଜୟ କୁମାର ପାଢ଼ୀ, ଆଦିତ୍ୟ ନାରାୟଣ ରଥ, ଜୟକୃଷ୍ଣ ନାୟକ, ସୁବାସ ଚନ୍ଦ୍ର ରାଉତ, ହୃଷିକେଶ ପାତ୍ର, ଗୁଣନିଧି ବେହେରା, ଡି. ମୋହନ ରାଓ, ବିଜୟ କୁମାର ବେହେରା, ସୁରେନ୍ଦ୍ର ନାଥ ପଣ୍ଡା, ବିଜୟ ସ୍ୱାଇଁ, ୱାଇ. କ୍ରିଷ୍ଣା ରାଓ ଓ କେ. ବାସବ ରାଜୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ବିଏମ୍‌ସିକୁ କର୍ମଚାରୀଙ୍କ ସୁରକ୍ଷା ଚିନ୍ତା

# ହେଲ୍‌ମେଟ୍ ପରିଧାନ ବାଧ୍ୟତାମୂଳକ

■ ଖିଲାପିଙ୍କୁ ଚିହ୍ନଟ କରି ଚାଲାଣ ପାଇଁ ଆର୍‌ଟିଓକୁ ପଠାଯିବ ସିସିଟିଭି ଫୁଟେଜ୍

■ ନିର୍ଦ୍ଦେଶନାମା ଅନୁପାଳନ କରିବାରେ କର୍ପୋରେଟରଙ୍କ ଲୋଡ଼ାଯାଇଛି ସହଯୋଗ

■ ଆଗକୁ ବିଏମ୍‌ସିକୁ ଆସୁଥିବା ସର୍ବସାଧାରଣଙ୍କ ପାଇଁ ଲାଗୁ ହେବ ମାର୍ଗଦର୍ଶିକା: କମିଶନର

ବ୍ରହ୍ମପୁର,୪।୧୦(ସମିସ)




ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଘାରିଛି ନିଜ କର୍ମଚାରୀଙ୍କ ସୁରକ୍ଷା ଚିନ୍ତା। ଦୈନନ୍ଦିନ କେଉଁଠି ନା କେଉଁଠି ସଡ଼କ ଦୁର୍ଘଟଣା ଘଟୁଥିବା ବେଳେ ନିଜ ଅବହେଳା ପାଇଁ ସେମାନେ ଅନେକାଂଶରେ ଦାୟୀ। ଏହାକୁ ଦୃଷ୍ଟିରେ ରଖି ବିଏମସି କର୍ତ୍ତୃପକ୍ଷ କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି। କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରୁଥିବା ସମସ୍ତ ସ୍ଥାୟୀ, ଅସ୍ଥାୟୀ ଏପରିକି ଆଉଟସୋର୍ସିଂ କର୍ମଚାରୀଙ୍କ ପାଇଁ ଜାରି କରାଯାଇଛି କଡ଼ା ନିର୍ଦ୍ଦେଶନାମା। ସମସ୍ତଙ୍କ ପାଇଁ ହେଲ୍‌ମେଟ ବାଧ୍ୟତାମୂଳକ କରାଯାଇଛି। ଏଥିରେ ଖିଲାପ କଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଜାରି ନୋଟିସରେ ସ୍ପଷ୍ଟ କରାଯାଇଛି। ଏଥିରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିବା ବେଳେ ବିଏମ୍‌ସି ପରିସରରେ ଲାଗିଥିବା ସିସିଟିଭି ଫୁଟେଜରେ ଯଦି କୌଣସି କର୍ମଚାରୀ ବିନା ହେଲମେଟରେ କାର୍ଯ୍ୟାଳୟ ପରିସରକୁ ପ୍ରବେଶ ଚିତ୍ର ସାମନାକୁ ଆସେ ତୁରନ୍ତ ସମ୍ପୃକ୍ତ କର୍ମଚାରୀଙ୍କ ଫଟୋକୁ ଆର୍‌ଟିଓଙ୍କୁ ପ୍ରଦାନ କରାଯାଇ ଚାଲାଣ କାଟିବାକୁ ସୁପାରିଶ କରାଯିବ ବୋଲି ତାଗିଦ୍ କରାଯାଇଛି। କର୍ମଚାରୀଙ୍କ ସୁରକ୍ଷା ନିମନ୍ତେ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ସମସ୍ତେ କଡାକଡି ମାନିବାକୁ କୁହାଯାଇଥିବା ବେଳେ କର୍ପୋରେଟରମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ କେବଳ ବିଏମ୍‌ସିର ସମସ୍ତ କର୍ମଚାରୀଙ୍କ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଥିବା ବେଳେ ଆଗକୁ ଏହାର ସଫଳତାକୁ ଦୃଷ୍ଟିରେ ରଖି ଏଠାକୁ ଆସୁଥିବା ଜନସାଧାରଣଙ୍କ ପାଇଁ ମଧ୍ୟ ମାର୍ଗଦର୍ଶିକା ଜାରି ହେବ ବୋଲି କହିଛନ୍ତି ବିଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ। ତେବେ ଏହାପୂର୍ବରୁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସେମାନଙ୍କ ସହଯୋଗ ଲୋଡ଼ାଯିବ ବୋଲି ସେ କହିଛନ୍ତି। ଗତ ୩ ତାରିଖରେ କର୍ମଚାରୀଙ୍କ ପାଇଁ ହେଲମେଟ ବାଧ୍ୟତାମୂଳକ ଦର୍ଶାଇ ଏହି ନିର୍ଦ୍ଦେଶନାମା ଜାରି କରାଯାଇଥିବା ବେଳେ ଶନିବାର ପ୍ରଥମ ଦିବସରେ ଅଧିକାଂଶ କର୍ମଚାରୀଙ୍କ ମୁଣ୍ଡରେ ହେଲମେଟ ଥିବା ପରିଲକ୍ଷିତ ହୋଇଥିଲା। ଏହାଦ୍ୱାରା ଘରୁ କାର୍ଯ୍ୟାଳୟକୁ ଆସିଥିବା କର୍ମଚାରୀ ପୁଣି ସୁରକ୍ଷିତ ଭାବେ ନିଜ ଘରକୁ ଫେରିପାରିବ ବୋଲି କହିଛନ୍ତି କମିଶନର।

## ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

ବ୍ରହ୍ମପୁର,୪।୧୦(ସମିସ): ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ରାମଗୁଡାରେ ୭୧ତମ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ପରିଷଦର ସଭାପତି ସାଗର କୁମାର ପାତ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ଅତିଥି ଭାବେ ବନରକ୍ଷୀ ସୁଭାଷିନୀ ପ୍ରଧାନ ଯୋଗ ଦେଇଥିଲେ। ବ୍ରହ୍ମପୁର ବନଖଣ୍ଡ ଅଧିନସ୍ଥ ରାମଗୁଡା, ବାଣିଆମାରି ସଂରକ୍ଷିତ ଜଙ୍ଗଲରେ ହାତୀଙ୍କ ବାସସ୍ଥାନ ଗଣା ଯାଉଥିବା ବେଳେ ଜଙ୍ଗଲ ମଧ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ ସହ ବଣଭୋଜି ପାଇଁ ବର୍ଷ ସାରା ଲୋକଙ୍କ



ଭିଡ଼ ରହୁଛି। କିନ୍ତୁ ପର୍ଯ୍ୟଟକମାନେ ବ୍ୟବହାର କରୁଥିବା ପ୍ଲାଷ୍ଟିକ ପଲିଥିନ ଜଙ୍ଗଲର ସୌନ୍ଦର୍ଯ୍ୟ ନଷ୍ଟ କରିବା ସହ ମୃତ୍ତିକା ଓ ଜଳ ପ୍ରଦୂଷିତ କରୁଛି। ଯାହା ବନ୍ୟପ୍ରାଣୀଙ୍କ ଜୀବନ ପ୍ରତି ବିପଦ ରହିଥିବା ପରିଷଦ ପକ୍ଷରୁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ବନ କର୍ମଚାରୀଙ୍କ ସହ ସ୍ୱେଚ୍ଛାସେବୀମାନେ ଦୁଇ କୁଇଣ୍ଟାଲ ବର୍ଜ୍ୟବସ୍ତୁ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ପରିଷଦର ସମ୍ପାଦକ ବିଜେନ୍ଦ୍ର ମାଝୀ, କୋଷାଧ୍ୟକ୍ଷ ଧର୍ମରାଜ ପାତ୍ର, ନଳିନୀକାନ୍ତ ପରିଡା, ପି. ଅରବିନ୍ଦ ଦେଶୀବେହେରା, ରାକେଶ ବିଷୋୟୀ, ପୁରୁଷୋତ୍ତମ ସ୍ୱାଇଁ, ରଞ୍ଜନ ବେହେରା, ଶ୍ରୀକାନ୍ତ ମହାନ୍ତି ଓ ଗଜସାଥୀ ସଞ୍ଜୟ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

ସୃଜନିକା

ସକାଳ
THE SAKALA
www.sakalaepaper.com



# ସେଠି ଗୋଟେ କାନ୍ଥ ଅଛି

ସ୍ୱାଗତିକା ସ୍ୱାଇଁ

ନିଷ୍କରଣ ମାସ ଆଶ୍ୱିନ । ଏମିତିରେ ତ କହିବାକୁ ଏହା ହସଖୁସିର ପାର୍ବଣ ସମୟ । ମାତ୍ର ଆଜିକାଲି ତାହା ଆସେ, ତା' ସାଙ୍ଗରେ ନେଇ ଆସେ ହୃଦୟହୀନ ଖରାତାପ । ଘୋର କଳାଜହ୍ନି ଏବଂ ନିଷ୍ଠୁର କାଳ ବୈଶାଖୀ । ଅକସ୍ମାତ୍ ଝଡ଼ ତୋଫାନ । ହାଣ୍ଡିଶାଳ ପିଣ୍ଡାତଳ ଲିପି ସାରିବା ପରେ କଷ୍ଟରେ ଅଣ୍ଟା ସଳଖ କରି ଛିଡ଼ା ହେଲା, ଜଗା ବୋଉ । କାଦୁଅ ହାତ ଆଙ୍ଗୁଠିଆଳ କରି ଚାହିଁଲା ସକାଳର ସୂର୍ଯ୍ୟ ଆଡ଼କୁ । ମନକୁ ମନ କହିଲା, "ବେଳ କେତେ ହେବ ! ଆଶ୍ୱିନରେ କେତେ ହାଁ ଖରା !"

ଦିନଥିଲା, ସେ ଏକାଥରକେ ଚାରି ପାଞ୍ଚ ବଖରା ଘର ପିଣ୍ଡା ଲିପିଆଣୁଥିଲା । ଆଜିକାଲି କିନ୍ତୁ ଆଉ ପାରୁନାହିଁ । ଆଣ୍ଠୁଗଣ୍ଠି ବାତ ସାଙ୍ଗକୁ ସେଦିନ, ସେ ବୟସ ବି ଆଉ କୋଉଠି ଅଛି !

: ଏଥର ପୂଜା ସିଜନ୍‌ଟା ଖାଲି ଯାଉ । ତତେ ଆଉ କଷ୍ଟ କରିବାକୁ ପଡ଼ିବନି । ମାଟି ଖଞ୍ଜା ପୂରା ଭାଙ୍ଗି ଦବା । ଦାଣ୍ଡ ପାଖକୁ ଲଗେଇ ଦି ବଖରା ପକ୍କା ଘର ତୋଳି ଦେବି, ରହିଥା । ତୋର ଯେତେ ଇଚ୍ଛା ସେତେ ପୁନେଇ, ସଂକ୍ରାନ୍ତି ଘର ଧୂଆଁଧୂଇ କରୁଥିବୁ ବସି ।

ପ୍ରତ୍ୟେକ ଥର ମାଆକୁ କଷ୍ଟ କରି ଘର ଲିପା ପୋଛା କରୁଥିବାର ଦେଖିଲେ ଏଇ କଥା କହେ,ଜଗା । ପୁଣି କହେ, "ରାଜଧାନୀରେ ମୋର ଆଉ କୋଉଁଥି ପାଇଁ ଏତେ ପରିଶ୍ରମ କହିଲୁ । ଯଦି ତୋ ପାଇଁ ଦୁଇ ବଖରା ପକ୍କା ଘର ତୋଳି ଦେଇ ନ ପାରିଲି, ତା'ହେଲେ ମୁଁ ତୋର କି ପୁଅ ତୁ ମୋର କି ବୋଉ !"

ପୁଅ କଥା ମନେପଡ଼ିଗଲା ତ ଜଗା ବୋଉ ଆଖିରୁ ଦି' ବୁନ୍ଦା ଲୁହ ଗଡ଼ି ପଡ଼ିଲା । ରକ୍ତକୁ ପାଣି କରି କି ଗଧ ଖଟଣି ନ ଖଟୁଚି ସିଏ ସେଠି । ଏଇ ପୁନେଇଁକୁ ତାକୁ ଛବିଶ ପୂରି ସତେଇଶି ଚାଲିବ । ଆଉ ଫାଲତୁ କରି ହେବନି । ଏଇ ବର୍ଷ ଯେମିତି ବି ହେଲେ ତାକୁ ହାତକୁ ଦି' ହାତ କରିବାକୁ ପଡ଼ିବ । ବୁଢ଼ା ବାପାଙ୍କର ଆଉ କେତେ ବା ଆୟୁଷ । ଯେ ହେଲେ ପିଲାଟା ବୁଝିଲେ ସିନା । ତା'ର ତ ସେଇ ଗୋଟାଏ ଜିଦି । ମାଟି ଖଞ୍ଜା ଭାଙ୍ଗି ପକ୍କା ଘର ଗଢ଼ିବ । ତାପରେ ଯାଇ ଯାହା ହବ ।

ମାଆ ବୋଲି ଯଦି କେବେ ସିଏ ତାକୁ ବାହାଘର କଥା ଥରକୁ ଦି' ଥର କୁହେ, ତାହେଲେ ଜଗା ବିରିଡ଼ିଯାଏ । ବଡ଼ ପାଟି କରି କହେ, "ତୋର ତ ମୋ' ଉପରେ ବିଶ୍ୱାସ ନାହିଁ ଦେଖୁଚି । ଭାବୁଚୁ କି ମୁଁ ଘର ଦି ବଖରା ତୋଳିପାରିବିନି !" ତାପରେ ମାଆ ପାଖକୁ ଚାଲିଆସି କଣ୍ଠରେ ଜାକି ଧରି କହେ, "ଜାଣିଚୁ ନା ବୋଉ! ପେଟ୍ରୋଲ ପମ୍ପ ପାଖକୁ ବେପାର ଉଠେଇ ଆସିଲା ଦିନୁଁ ଆଜିକାଲି ପଇସା ଯାହାକୁ ଯେତେ । ତୁ ଜାଣିଚୁ, ଏବୁଁ ଏବୁଁ ଗାଡ଼ିବାଲାଏ ପଥା ତେଲ ପକେଇ ସାରିଲେ ମୋଠୁଁ ଠୋଲାଏଁ ମସଲା ମୁଢ଼ି କିଣିବେ ମାନେ କିଣିବେ । କହିବେ, କ'ଣ ଜଗାଭାଇ, ତମେ କ'ଣ ତମ ମୁଢ଼ିରେ ଅଫିମ ପକେଇଚ ନା କ'ଣ । ନ କିଣିଲେ ମନ ମାନୁନି କି ଗାଡ଼ି ଗଡୁନି!

ପୁଅକୁ ମନେ ପକେଇ ଜଗା ବୋଉର ମନଟା ଏବେ ପୁଣି ଥରକ ପାଇଁ ସ୍ନେହ ସରାବୋଉ ହେଇ ଉଠିଲା । ସେ ସାମ୍ନାର ଅଗଣାକୁ ଚାହିଁଲା । ସେଠାକାର ଲିପାପୋଛା ପରିଷ୍କାର ମାଟି ଚଟାଣରେ ତାକୁ ପିଲାଟାର ହସକୁରା ମୁହଁଟିର ଛବି ଦେଖାଦେଇ ଗଲା । ସେ ଠାକୁରଙ୍କୁ ହାତ ଯୋଡ଼ିଲା । ମମତାର ଆବେଗ ଭରା ନିରବତା ଭିତରେ ତା'ର କୋଟି ଶୁଭ ମନାସିଲା ।

ଅଥଚ ଆକାଶର ଆଶ୍ୱିନର ସୂର୍ଯ୍ୟ କିନ୍ତୁ ମାଆ ମନର ସେଇ ନରମ ଆବେଗ ଭରା ଜାଗାଟି ଆଡ଼କୁ ଏତେ ଟିକେ ସଦୟ ଦୃଷ୍ଟିରେ ଆଦୌ ଚାହିଁ ନଥିଲା । ବରଂ ବନ୍ଧବାଡ଼ ନ ମାନି ତତଲା ନିଆଁ ଢାଳିବାରେ ଲାଗି ରହିଥିଲା ।

ଆଜିର ଦିନଟି ପରିବାର ପାଇଁ ସଙ୍କଟର ଦିନ ନେଇ ଆସିଛି । କାରଣ ଅଳ୍ପ ସମୟ ତଳେ ଜଗା ବାପା ପାଖକୁ ଅଜଣା ନମ୍ବରରୁ ଫୋନ୍‌ଟିଏ ଆସିଥିଲା ।

: କିଏ ଜଗନ୍ନାଥ ମଲ୍ଲିକ ବାପା କହୁଚ ।

: ହଁ କହୁଚି ।

: ତମ ପୁଅର ଗୋଟିଏ ଛୋଟ ଆକ୍ସିଡେଣ୍ଟ ହୋଇଯାଇଛି ।

: ହେଁ... କୋଉଠି କେତେବେଳେ? ପୁଅ ମୋର କୋଉଠି ଅଛି ?

: ବ୍ୟସ୍ତ ହୁଅନି । ସେଥିପାଇଁ ଖୋଦ୍ ସରକାରୀ ବ୍ୟବସ୍ଥା ହେଇଛି । ତମେ ଯେତେ ଶୀଘ୍ର ପାରୁଚ ସେତେ ଶୀଘ୍ର ଆସି ସଦର ହାସ୍‌ପାତାଲ୍‌ରେ ପହଞ୍ଚି ଯାଅ । ଚଞ୍ଚଳ ଆସିବ ।

ସେ ପାଖରୁ ଫୋନ୍ କଟିଗଲା ତ' ଏ ପାଖରେ ଜଗା ବାପା ମୁଣ୍ଡରେ ସତେକି ଘଡ଼ଘଡ଼ି ପଡ଼ିଗଲା । ସ୍ତ୍ରୀକୁ ଏକାଏକ୍ ଏଇ ଖବର ଜଣେଇଦବ କି ନାହିଁ ହଠାତ୍ ଠିକଣା କରି ହେଲା ନାହିଁ । ମନର ଭାବନା ମନରେ ଛପେଇ ରଖି ସେ ଏବେ ନିଭୃତ ସେଠି ଅଗଣା କୋଣ ନଳିଆ ପାଖରେ ହାତ ଧୋଉଥିବା ସ୍ତ୍ରୀ ଆଡ଼କୁ ଚାହିଁଲେ । କଥାଟାକୁ କ'ଣ କେମିତି ଖୋଲି କହିବେ ଦ୍ୱନ୍ଦ୍ୱରେ ପଡ଼ିଗଲେ ।

:କିଏ ଫୋନ୍ କରିଥିଲା?

ମାଟି କାଦୁଅ ହାତ ଧୋଇ ଦେଇ ଆସି ଜଗା ବୋଉ ନିଜ ଆଡୁ ପଚାରିଲା ।

: ନାଇଁ ଏଇ ଜଗାର କିଏ ସାଙ୍ଗ ଫୋନ୍ କରିଥିଲା ।

: ଜଗାର ସାଙ୍ଗ, ସିଏ କ'ଣ କହୁଥିଲା?

: କହୁଥିଲା ତମେ ଟିକିଏ ରାଜଧାନୀ ଆସ ।

: କାହିଁକି ?

: ଜଗାକୁ କ'ଣ ଟିକିଏ ବଡ଼ କରି ଜର ହେଇଯାଇଛି । ତୁ ଚଞ୍ଚଳ କାମ ସାରେ । ଆମେ ଦିହେଁ ଯାଉ ଯିବା ।

ଅଗଣାର ଖରା ଏବେ ଆହୁରି ଅଧିକ ତେଜମୟ ଏବଂ ତତଲା ହେବାକୁ ଲାଗିଥିଲା । ଜଗା ବୋଉ ତା'ର କାନ୍ଦ କାନ୍ଦ ମୁହଁ ବୁଲେଇ ବିକଳରେ ସେ ଆଡ଼କୁ ଚାହିଁଲା । ଭାବୁଥିଲା, ଦେଖନା! କାଲି ସକାଳେ ଫୋନ୍ କରିଥିଲା । ବାପାର ଔଷଧପତ୍ର କଥା ବୁଝିଲା । ଗାଁ ବସ୍‌ରେ ଲେମ୍ବୁ, ଆଚାର ଡବାଟେ ପଠେଇବାକୁ କହିଲା । ଫେରନ୍ତା ଗାଡ଼ିରେ କଣ୍ଡକ୍ଟର ହାତରେ ପଇସା ପଠେଇବ ବୋଲି କହିଲା । ଆଉ ଦେଖିଲା ବେଳକୁ ଜରରେ ପଡ଼ିଗଲା ।

ଗାଧୋଇ ସାରି ଗଳବସ୍ତ୍ର ହୋଇ ଚଉରାରେ ପାଣି ଦେଲା ବେଳେ, କାମସାରି ଘରେ କୋଇପ ଦବା ବେଳେ ଏବଂ ବସ୍‌ରେ ବସି ଯିବା ସମୟ ଯାକ ଜଗା ବୋଉର ସେଇ ଗୋଟିଏ କଥା ବାରମ୍ବାର ମନେ ପଡ଼ି ଯାଉଥିଲା । ଅବଶ୍ୟ ବସ୍‌ରୁ ଠିକଣା ଜାଗାରେ ଓହ୍ଲେଇଲା ବେଳକୁ ତା' ମନ ଟିକିଏ ଅଲଗା ପ୍ରକାର ହେଇ ଯାଇଥିଲା ।

ସେ କେତେଥର ଭାବିଛି ଥରେ ଯାଇ ଦେଖନ୍ତା, ଖରାବର୍ଷାକୁ ଛାତିପାତି ଦେଇ ପୁଅ ତା'ର କୋଉଠି ବେପାର ପସରା ଖୋଲିଛି । କେମିତି ପିଆଜ, ଲଙ୍କା, ଆଚାର, ବାରମଜା, ସିଝାସୋଲା, ମିଶେଇ ମସଲା ମୁଢ଼ି ତିଆରି କରୁଛି । ଗରାଖଙ୍କ ମନ ଜିଣି ନଉଛି । ଆଜି ଏତେ ଦିନକେ ଆସିଚି ଯେତେବେଳେ ଥରେ ତା' ନିଶ୍ଚୟ ଦେଖିବି । ଛୁଆଟା ଭଲ ହେଇଯାଉ ଆଗ ।

ଦିନ ଦ୍ୱିପ୍ରହର ବେଳକୁ ସେମାନେ ଆସି ପହଞ୍ଚିଯାଇଥିଲେ । ସଦର ହାସ୍‌ପାତାଲ୍ ସାମ୍ନାରେ । ଶୁଖିଲା ମ୍ରିୟମାଣ ମୁହଁଟି ମାନ ଧରି ସେଠି ଆତଯାତ ହଉଥିବା ଲୋକଙ୍କର ଗହଳି ଭିତରେ ଜଣେ ହେଇ ଛିଡ଼ା ହେଇଥିଲେ । କେଜାଣି କେତେବେଳେ ଏ ଅବସ୍ଥାରେ ଛିଡ଼ା ହେବା ପରେ ସେଠି ସରକାରୀ ବାବୁ ଜଣେ ଆସି ତାଙ୍କ ସାମ୍ନାରେ ଛିଡ଼ା ହେଲେ । ସେ ତାଙ୍କ ବା ହାତରେ ପିନ୍ଧିଥିବା ହାତ ଘଣ୍ଟାଟିକୁ ଆର ହାତରେ ବାରମ୍ବାର ସଜାଡୁ ଥିଲେ । ସତେ ଯେମିତି ସେ ସମୟକୁ ସାମ୍ନା କରିବାର ସାହସ ଜୁଟାଉ ଥିଲେ । ବହୁ ସମୟ କାଟିବା ପରେ ସେ ହୁଏତ ନିଜକୁ ପ୍ରସ୍ତୁତ କଲେ । ଜଗା ବାପାଙ୍କର ଗୋଟିଏ ବାହୁକୁ ଜାବୁଡ଼ି ଧରି କହିଲେ, "ମଉସା ଧୈର୍ଯ୍ୟ ଧରିବ । ତମେ ବାପ । ମାଉସୀଙ୍କୁ ସମ୍ଭାଳିବ । ଛାତିକୁ ଭିଡ଼ି ଦିଅ । ଶୁଣ, ପୁଅ ତମର ଆଉ ନାହିଁ ।"

ଶବ୍ଦମାନେ ବିସ୍ଫୋରଣ କରନ୍ତି କି?? ବୋଧହୁଏ କରନ୍ତି । କାରଣ ଠିକ୍ ଏବେ କୁହାଯାଇଥିବା କେତୋଟି ଶବ୍ଦ ଯୋଡ଼ିଏ ନିରାଶ୍ରୟ ବାପାମାଆଙ୍କୁ ଗୁଣ୍ଡ ଗୁଣ୍ଡ କରି ଚୂନା କରିବା କେଇଟା କାପାସିଟର୍ ବେଶୀ ସମୟ ନେଇ ନଥିଲା । ସରକାରୀ ବାବୁଜଣଙ୍କ ଆଉରି କ'ଣ କ'ଣ କହୁଥିଲେ- "ସେଇଟା ଗୋଟାଏ ସାଢ଼େ ଚାରି ଟନ୍ କାପାସିଟର୍ ଅଣ୍ଡରଗ୍ରାଉଣ୍ଡ ଏଲ୍‌ପିଜି ଟ୍ୟାଙ୍କ । ସେଠି କ'ଣ ଛିଡ଼ା ହେଇ ବେପାର କରିବା କଥା । ଏ ଦୁର୍ଘଟଣାରେ ପରା କେତେ ବଡ଼ ବାବୁଙ୍କର କୋଠାବାଡ଼ିର ଗୁଡ଼ାଏ କ୍ଷତି ହୋଇଯାଇଛି ।"

ମାତ୍ର ସେସବୁ ଏଇ ଦୁଇ ସର୍ବହରାଙ୍କୁ ଆଦୌ ଶୁଭୁ ନ ଥିଲା । ସେମାନଙ୍କର ମନେ ହଉଥିଲା ସତେ ଯେମିତି ତାଙ୍କ ପାଦ ତଳେ ମାଟି ଧସି ହେଇଯାଉଛି ।

ଏବଂ ବିଧାତାର ଅଦୃଶ୍ୟ ହାତ ସେମାନେ ଦୁହିଁଙ୍କୁ ଧରଣୀ ଗର୍ଭକୁ ଟାଣି ନଉଛି । ଏହା ସେମାନଙ୍କ ଶେଷଦିନ । ଏବଂ ସେଦିନ ଯେତେବେଳେ ଗଭୀର ରାତିର କାଳିମା ଚିରି ଗାଁ ମଶାଣିପଦାରେ ଲେଲିହାନ ଶିଖା ତେଜି ଜୁଇଟିଏ ଜଳିଥିଲା । ସେତେବେଳେ ଚାରିପାଖର ନିର୍ଜନତାକୁ ବିଦୀର୍ଣ୍ଣ କରି ଶୁଭିଥିଲା ନିଃସ୍ୱ ମାଆଟିର କରୁଣ ବିଳାପ – "କୁଆଡ଼େ ଗଲୁରେ ମୋ ନାରାୟଣ, ମୋ ଗଣ୍ଠିଧନ । ମତେ କାଙ୍ଗାଲୁଣୀ କରି କୁଆଡ଼େ ଚାଲିଗଲୁରେ ମୋ ଅନ୍ଧ ଲଉଡ଼ି !!"

ଯଦି ତମ ପାଖରେ ଏକାନ୍ତ ମନଟି ଥିବ, ତାହାଲେ ସେ ସ୍ୱର ଶୁଣି ତମେ ବି କହିବ ଅକିଞ୍ଚନ, ନିର୍ଦ୍ଧନଙ୍କ ପାଇଁ ସୁଖ ସ୍ୱପ୍ନ ପର୍ଯ୍ୟନ୍ତ ପହଞ୍ଚିଥିବାର ରାସ୍ତା ଏତେ ସହଜ ନୁହଁ । କାରଣ ତାଙ୍କ ପାଇଁ ସେ ରାସ୍ତାରେ ଗୋଟାଏ ବିରାଟ କାନ୍ଥ ଯୁଗ ଯୁଗ ଧରି ରହି ଆସିଛି, ଆଜି ବି ଅଛି । ■


ଜଗନ୍ନାଥ ସାହି, ଇନ୍ଦିରା ଗାନ୍ଧୀ ମହିଳା କଲେଜ ପାଖ
ଚାନ୍ଦିନୀ ଚୌକ, କଟକ-୨
ମୋ: ୯୪୩୭ ୬୦୪୨୮୦



## ପତ୍ରିକା ପରିଚୟ

### ପଞ୍ଚବଟୀ

**ସଂପାଦକ : ସୁଶାନ୍ତ କୁମାର ନାୟକ**



ପଞ୍ଚବଟୀ ନଗର, ୨ୟ ଲେନ୍
ରାୟଗଡ଼ା- ୭୬୫୦୦୧
ମୂଲ୍ୟ: ୩୦୦ ଟଙ୍କା

ବୃହତ୍ କଳେବର ନେଇ ସୁଶାନ୍ତ କୁମାର ନାୟକଙ୍କ ସଂପାଦନାରେ ପ୍ରକାଶ ପାଇଛି 'ଆମ ପଞ୍ଚବଟୀ'ର ଶାରଦୀୟ ବିଶେଷାଙ୍କ-୨୦୨୫ । ଓଡ଼ିଶାର ବହୁ ପ୍ରତିଷ୍ଠିତ କବି, କଥାକାର, ପ୍ରାବନ୍ଧିକ, ଗୀତିକବିଙ୍କ ସୃଜନ ସମ୍ଭାରରେ ସମୃଦ୍ଧ ହୋଇଛି 'ପଞ୍ଚବଟୀ'ର ଏହି ସଂଖ୍ୟାଟି । 'କାହାଣୀ' ବିଭାଗରେ ବିଭୂତି ପଟ୍ଟନାୟକ, ଗୌରହରି ଦାସ, ଜୟନ୍ତୀ ରଥ, କୃପାସାଗର ସାହୁ, ରବି ପଣ୍ଡା, ତରୁଣ କୁମାର ସାହୁ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, କାଶୀନାଥ ନନ୍ଦୀ ପ୍ରମୁଖ କଥାକାରଙ୍କ ଗଳ୍ପରେ ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ, ମଣିଷର ଦ୍ୱନ୍ଦ୍ୱ, ସଂଘର୍ଷ, ଜୀବନ ଯନ୍ତ୍ରଣାର କଥା ପ୍ରତିଫଳିତ ହୋଇଛି । ସେହିପରି କବିତା ବିଭାଗରେ ଫନୀ ମହାନ୍ତି, ବଂଶୀଧର ମହାନ୍ତି, ଅମରେଶ ପଟ୍ଟନାୟକ, ଭଗବାନ ଜୟସିଂହ, ଗାୟତ୍ରୀବାଳା ପଣ୍ଡା, ରକ୍ଷକ ନାୟକ, ପ୍ରୀତିଧାରା ସାମଲ ପ୍ରମୁଖଙ୍କ କବିତାରେ ମଣିଷ ମନର କଥା ଓ ବ୍ୟଥା ମାର୍ମିକ ଭାବେ ଚିତ୍ରିତ ହୋଇଛି । ପ୍ରବନ୍ଧ ବିଭାଗରେ ଡକ୍ଟର ସଂଘମିତ୍ରା ମିଶ୍ର, ଅଭୟ ଦ୍ୱିବେଦୀ, ଡକ୍ଟର ବିଜୟାନନ୍ଦ ସିଂହ, ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ ପ୍ରମୁଖଙ୍କ ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ତଥ୍ୟ ଭିତ୍ତିକ ହୋଇଛି । ସେହିପରି ସାକ୍ଷାତକାର, ସ୍ମୃତି ଅନୁଭୂତି, ଅନୁବାଦ ଗଳ୍ପ, ଫିଚର, ଗୀତି କବିତା ଆଦି ପ୍ରତିଟି ବିଭାଗ ମନଛୁଆଁ ହୋଇଛି । 'ପଞ୍ଚବଟୀ'ର ଶାରଦୀୟ ବିଶେଷାଙ୍କ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

### ଶୋଭନା

**ସଂପାଦକ : ବିଧୁଭୂଷଣ ପଟ୍ଟନାୟକ**



କ୍ୱାର୍ଟର ନଂ: ୨ ଆର୍‌ଏଚ-୬୦,
ୟୁନିଟ୍-୯
ଭୁବନେଶ୍ୱର-୨୨
ମୂଲ୍ୟ: ୧୫୦ ଟଙ୍କା

ମହିଳା ପତ୍ରିକାର ନବଦିଗନ୍ତ 'ଶୋଭନା' ଉତ୍ସବ ବିଶେଷ ପ୍ରକାଶ ପାଇଛି । ବିଧୁଭୂଷଣ ପଟ୍ଟନାୟକଙ୍କ ସଂପାଦନାରେ ପ୍ରକାଶିତ 'ଶୋଭନା'ର ଏହି ସଂଖ୍ୟାଟି ଓଡ଼ିଆ ସାହିତ୍ୟର ବହୁ ବରିଷ୍ଠ ଓ ଯୁବ କଥାକାରଙ୍କ ଗଳ୍ପରେ ପରିପୁଷ୍ଟ ହୋଇଛି । ବିଭୂତି ପଟ୍ଟନାୟକଙ୍କ 'ତମେ କେବେ ଆସିବ ନୟନା!', ତରୁଣକାନ୍ତି ମିଶ୍ରଙ୍କ 'ଆଗନ୍ତୁକ', ବନଜ ଦେବୀଙ୍କ 'ଫୁଲ ମନ ବୁଝେ', ଦାଶ ବେନହୁରଙ୍କ 'ବ୍ରହ୍ମରାକ୍ଷସ', ପରେଶ କୁମାର ପଟ୍ଟନାୟକଙ୍କ 'ସେମାନେ ହସୁଥିଲେ', ଶ୍ୟାମା ପ୍ରସାଦ ଚୌଧୁରୀଙ୍କ 'ପେଣ୍ଟିଂ', ସରୋଜିନୀ ସାହୁଙ୍କ 'କାଳପୁରୁଷ', କ୍ଷୀରୋଦ ଦାସଙ୍କ 'ମୋକ୍ଷ', ମଳୟ ମିଶ୍ରଙ୍କ 'ଧୂମକେତୁ', ସୁପ୍ରିୟା ପଣ୍ଡାଙ୍କ 'କ୍ରୁଶବିଦ୍ଧ ଅଠାବନ', ରବି ପଣ୍ଡାଙ୍କ 'ଭଗ୍ନାବଶେଷ', ରାଜ୍ୟବର୍ଦ୍ଧନ ଧଳ ମହାପାତ୍ରଙ୍କ 'ମନ ଦହନ', ଗିରୀଶ ସାହୁଙ୍କ 'କବିର ବ୍ୟଥା' ଗଳ୍ପଗୁଡ଼ିକରେ ସାଂପ୍ରତିକ ମଣିଷର ଜୀବନ ଯନ୍ତ୍ରଣା, ଭାବାବେଗ, ସଂଘାତ ଓ ସଂଘର୍ଷ, ଆଶା ଓ ଆକାଂକ୍ଷା ବଳିଷ୍ଠ ଭାବେ ଚିତ୍ରିତ ହୋଇଛି । କାହାଣୀ ମାଧ୍ୟମରେ ମଣିଷର ମନର ବେଦନାବୋଧକୁ କଥାକାରମାନେ ଅତି ସମ୍ବେଦନଶୀଳ ଭାବେ ପ୍ରକାଶ କରିଛନ୍ତି । ସେହିପରି ଯୁବ କଥା ପ୍ରଦୀପ ନାୟକ, ବିରଜା ରାଉତରାୟ, ଜାକିର ଖାନ୍, ଲିପ୍‌ସା ପଟେଲ, ଭାଗିରଥୀ ବେହେରା, ମାତୃଦତ୍ତ ମହାନ୍ତି, ସମରେନ୍ଦ୍ର ବଳିୟାରସିଂହ ପ୍ରମୁଖଙ୍କ ଗପଗୁଡ଼ିକ ମଧ୍ୟ ମନଛୁଆଁ ହୋଇଛି । 'ଶୋଭନା' ବିଶେଷ ଉତ୍ସବର କାହାଣୀଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

# ମୋ ମା'ର ଉପାସ

କେଦାର ମିଶ୍ର



ଆଠକାଳି ବାରମାସୀ ମୋ ମା'ର ଉପାସ ।

ଅସୁମାରି ତା'ର ଓଷାବ୍ରତ
କେବେ ଏକାଦଶୀ, କେବେ ସଂକ୍ରାନ୍ତି
କେବେ କେଉଁ ଈଶ୍ୱର ଜନ୍ମ ନେଇଥିଲେ କେଉଁଠି
ହଜାର ବର୍ଷ ପରେ ମୋ ମା'
ଈଶ୍ୱରଙ୍କର ଜନ୍ମଦିନ ପାଳୁଛି
ଭୋକ ଉପାସରେ ଏଇଠି ।

ଅନ୍ନରେ ନୁହେଁ ଅନାହାରରେ ଗଢ଼ା
ମୋ ମା'ର ପିଣ୍ଡ
ତା' ପେଟରେ ଭୋକ ବଦଳରେ ପୁଣ୍ୟ
ତା' ଆଖିରେ ଜଗତର
ସବୁ ସବୁ ମଙ୍ଗଳ ବିଧାନ ।

ବେଳେ ବେଳେ ମୋତେ ଲାଗେ
ମୁଁ ଇ ମୋ' ମା'ର ଅପରାଧୀ
ମୋ ଲାଗି ତା'ର କେତେ କେତେ
କାଷ୍ଠା ଓ ନିର୍ଜଳା ଉପବାସ
ମୋ'ଠୁ ବେଶି ଅପରାଧୀ ମୋର ବାପା

ଯିଏ ଚାଳିଶ ବର୍ଷ ତଳୁ ପାଉଁଶ ହୋଇଗଲେଣି ମଶାଣିରେ
ତଥାପି ସେ ମୋ ମା'ର ପେଟରେ ଭୋକ ହୋଇ ଜଳୁଥାନ୍ତି
ପ୍ରତି ମାସ ବିଧବା ଉପାସରେ, ଏକାଦଶୀରେ ।


ମୋତେ ଦେବୀ ଦେବତାମାନେ ଘଣ୍ଟ ଘୋଡ଼େଇ ରଖନ୍ତୁ ବୋଲି
ନିରବଚ୍ଛିନ୍ନ ତା'ର ଉପାସ ଓ ଉପାସନା
ମୁଁ କିନ୍ତୁ ସନ୍ଦେହ କରି ଆସିଛି
ସବୁ ଦେବତାମାନଙ୍କୁ
ମୁଁ ଚିରକାଳ ଈଶ୍ୱରଙ୍କ ବିପକ୍ଷରେ ଠିଆ ହୋଇଥିବା କବି
ମୋ ମା' କିନ୍ତୁ ଈଶ୍ୱରଙ୍କ ଆଗରେ
ମୋତେ ଜୀବନ ଦେଉଥିବା
ଉପାସୀ ଦେହର ଦେବୀ । ■

ବିନୋଦିନୀ ନିବାସ, ୨୬୫/୧୭୩୬ ଏ
ଶାସ୍ତ୍ରୀ ନଗର, ୟୁନିଟ -୪, ଭୁବନେଶ୍ୱର-୧



# ଘର

ସୂର୍ଯ୍ୟସ୍ନାତ ତ୍ରିପାଠୀ



"ଘରଟିଏ ଗଢିବାର ଅଛି..."

ଏଇ ଗୋଟିଏ ସ୍ୱପ୍ନକୁ
ମାଂସଳ କୁଜଟିଏ ଭଳି
ପିଠିରେ ବୋହି, ସମୟର
ତତଲା ବାଲିରେ ଚାଲି ଆସିଲିଣି
କାହିଁ କେତେ ବାଟ!

ଏବେ, ଉତ୍ତରାକାଶରେ ଚମକୁଛି
ଯେଉଁ ଧ୍ରୁବତରା, ବୋଉର ଆଖିଦାଢ଼ରେ
ସେ ଢଳ ଢଳ ମୋତିଟିଏ ମାତ୍ର...

(ମାତ୍ର? ହାୟ,
ଏ ବହପ ଜିଭର...)

ବୋଉ ହୁଏତ ଜାଣେ ନାହିଁ,
ତା' ଓଠର ଧାରେ ଓଦା ହସ ପାଇଁ
ଖରାଠୁ ଲୁଚେଇ ମୁଁ ସାଇତି ରଖିଛି
ସବୁତକ ଶୋଷ ମୋର

ସେ ଜାଣେ ନାହିଁ,
ତା' କୋଳରେ ଏ ସଂସାରର
ଶେଷ ମରୁଝର!

ଓ ମରୀଚିକା?
ମରୀଚିକା ତ ବାହାନା କେବଳ,
ମୃତ୍ୟୁମୁହାଣକୁ ଏ ଯାତ୍ରା ମୋର!

ସେଇଠି ସ୍ୱପ୍ନଭଙ୍ଗ,
ସେଇଠି ହ୍ରଦଟିଏ ବହଳ
ରକ୍ତର... ■

ସିଦ୍ଧେଶ୍ୱରପୁର, କଟକ




# "ମୋର ପ୍ରିୟ ପୃଥିବୀର ଋଣ ଶୁଝିବାକୁ ଲେଖୁଛି"



ଚିରଶ୍ରୀ ଇନ୍ଦ୍ରସିଂ

ମୋର ପ୍ରତି ମୁହୂର୍ତ୍ତର ବଞ୍ଚି ରହିବା, ଚାରିପଟର ମଣିଷମାନଙ୍କୁ କୌତୂହଳର ସହ ଦେଖିବା କେବଳ ମଣିଷ ନୁହେଁ, ମାନବେତର ଜୀବ ଜଗତକୁ ବୁଝିବାକୁ ଆଗ୍ରହ ରଖିବା, କଳ୍ପନାର ଉଡ଼ାଣ ଲଗାଇ ଦେଖି ପାରୁ ନଥିବା ବିଶ୍ୱବ୍ରହ୍ମାଣ୍ଡ ସହିତ ଯୋଡ଼ି ହୋଇ ରହିବାକୁ ଇଚ୍ଛା କରିବା, ନିଜର ସତ୍ତା ଓ ଅନ୍ୟ ଅନେକଙ୍କର ସମ୍ଭାବନାର, ସମୃଦ୍ଧିର, ସୁଖର ବାଟ ଓଗାଳି ଠିଆ ହୋଇଥିବା ଅନ୍ୟାୟ, ଅନୀତି, ଅନ୍ଧବିଚାର ଓ ବିଶ୍ୱାସମାନଙ୍କୁ ପ୍ରଶ୍ନ କରିବା, ଭିତରର ନାନା ଭୀରୁତା, ଭୟ, କ୍ରୋଧ ଓ କାରୁଣ୍ୟ ସତ୍ତ୍ୱେ ଆପାତତଃ ସ୍ୱାଭାବିକ ଜୀବନ ଯାତ୍ରା ଜାରି ରଖିବାର ଅଭିନୟ କରିବା - ଏମିତି ନାନା କଥା ସହ ଛନ୍ଦାଛନ୍ଦି ହୋଇ ରହିଛି ମୋର ଲେଖାଲେଖିର ଗୁମର ।

ସମାଜ ଓ ସାମାଜିକ ଘଟଣା ସବୁକୁ ମୁଁ ଦେଖିଛି ଖୋଲା ଆଖିରେ । ଆପ୍ରାଣ ଚେଷ୍ଟା କରିଛି କ୍ଷମତା ଓ ଖ୍ୟାତିର ଖାତା ଖତିୟାନ ଭରି ରହିଥିବା ଖମାର ଘର ପାଖରେ ନିଉଛାଳି ହୋଇ ଠିଆ ନହେବା ପାଇଁ । ମୋ ଗାଁ, କୈଶୋରରେ ବାପାଙ୍କ ସହ ତାଙ୍କର ଚାକିରି ଜାଗାମାନଙ୍କରେ ପାଠ ପଢ଼ିଥିବା ବିଦ୍ୟାଳୟ ଓ ସରକାରୀ କ୍ୱାର୍ଟର୍ସ ସବୁର ପରିବେଶ, ମୋର ଚାକିରି ଜାଗା, ବିଭିନ୍ନ ଅବସରରେ ଭେଟିଥିବା କିଛି ଅସାଧାରଣ ଚରିତ୍ର, ମୋର ପରିଚିତ ଓ ପ୍ରିୟ ମଣିଷମାନେ, ମୋର ଜୀବନ ବଞ୍ଚିବାର ଅନୁଭୂତି ଓ ମୋର ସ୍ୱପ୍ନ ପ୍ରବଣତା- ଏସବୁ ମୋର ଲେଖାଲେଖିରେ ରହନ୍ତୁ ବୋଲି ମୁଁ ଇଚ୍ଛା କରିଛି । ରାତି ଅଧରେ, ସେତେବେଳେ ବିଜୁଳି ସଂଯୋଗ ହୋଇ ନଥିବା ମୋର ପଲ୍ଲୀ ଗାଁରେ,ଯେଉଁଠି ଥିଲା ଗଡ଼ଜାତି ମେଘ-ରାତିର ଅନ୍ଧାର ସେମିତି ସମୟରେ କେବେ କେବେ ମୋ ବୋଉ ଏକୁଟିଆ ମନକୁ ମନ ଗାଉଥିଲା 'ପ୍ରଣୟବଲ୍ଲରୀ', 'କୀଚକବଧ', 'ଚିଲିକା' ବା 'ଧୂପ'ର ପଦ ପରେ ପଦ । ସେଇ ଶିହରଣ ମିଶି ଯାଇଚି ମୋର ପ୍ରାଣ-ପବନରେ ଓ ମୁଁ ବି କବିତା ଗୁଣୁଗୁଣୁ ହୋଇଛି । ପଦ ଯୋଡ଼ିଛି, ସ୍ୱର ଖଞ୍ଜିଛି । ଲୋଡ଼ିଛି ବ୍ୟାକୁଳ ଭାବରେ, କବିତାରେ ରହୁ ବୋଲି ମୋର ଭଲ ପାଇବା, ମୋର ଭାବଅଭାବ, ମୋର ବିଦ୍ରୋହ ଓ ମୋର ବିଭୋରପଣର ବିନ୍ୟାସ ଓ ବିଳାସ ।

ବହୁତ ସାନ ବୟସରେ, ପଞ୍ଚମ ଷଷ୍ଠ ଶ୍ରେଣୀ ବେଳକୁ କବିତା ଲେଖିବା ଆରମ୍ଭ କରିଥିଲି । ଦୁଇ ତିନି ଧାଡ଼ି ଲେଖିସାରିଲା ବେଳକୁ ଅନାବନା କରି, ପାଦ ତଳେ ଫୁଟି ଯାଉଥିଲା ସତେ କି ଶହେ ଭାର ପଦ୍ମ । ଖୁସି, କେବଳ ଖୁସି । ସେ ଖୁସିର ତୁଳନା ନାହିଁ, ବିକଳ୍ପ ନାହିଁ । ଜାଣେ, ସେ ଖୁସି ଆଉ ଥରେ ଜୀବନକୁ ଫେରି ଆସିବାର ନାହିଁ । ସେଇ ଖୁସିକୁ କିନ୍ତୁ ମୁଁ ଏବେ ବି ଖୋଜେ, ଖୋଜୁଥାଏ ।

ଘରେ ବାପାବୋଉ ଅନେକ ପତ୍ରପତ୍ରିକା କିଣନ୍ତି । ଗାଁକୁ ଗଲେ ଛୁଟିରେ, ସନ୍ଧ୍ୟାରେ ପଢ଼ିବାକୁ ପଡ଼େ ଭାଗବତ । ଛପା ଅକ୍ଷରରେ ପୁରାଣ ହେଉ କି ପ୍ରେମକଥା, ମନରେ ଲୋଭ ଜଗାଏ । ମୋର ଗୀତ ବି ଛପା ହେଉ । ପଠେଇ ଦିଏ କେବେ କେବେ ଡାକରେ । କଟକ,ଭୁବନେଶ୍ୱର ଅନେକ ଦୂର । ଛପା ହେଲା କି ନାହିଁ ଜଣାପଡ଼େନି । ପୋଷ୍ଟକାର୍ଡରେ ଚିଠି ପହଞ୍ଚିଛି କେତେ ଥର ଭଲ ଲାଗିଲା ଗୀତ । କୋଉ ପତ୍ରିକା, କ'ଣ, କିଛି ଜଣାପଡ଼େ ନାହିଁ । ଦିନେ ଦେଇଗଲା ଡାକବାଲା - 'କୁନିକଥା' । ଭିତରେ ମୋର ଛପା ଅକ୍ଷରରେ ଲେଖା କବିତା - 'ଟିକି ଦିଅଁ ମୋର ଟିକି ଦିଅଁ' । ସେଦିନ ମୁଁ ଦ୍ୱିଜ ହେଲି, ଜନ୍ମ ନେଲି ଆଉ ଥରେ ।

ମୋ ବୋଉ ମୋର ଶବ୍ଦର ଠାକୁରାଣୀ । ଅତି ସାଧାରଣ ଘରକରଣା ଭିତରେ କେମିତି ଜଣେ ଶବ୍ଦ ଓ ସ୍ୱରର ବିଭବ ଓ ବିଚିତ୍ରତାକୁ ନିଜ ବ୍ୟକ୍ତିତ୍ୱରେ ଧାରଣ କରି ରାଜରାଣୀ ପରି ବଞ୍ଚେ, ବଞ୍ଚିପାରେ- ସେ ତା'ର ଉଜ୍ଜ୍ୱଳ ଉଦାହରଣ । ତା' ପରି ସହଜ ଖୁସି ଓ ସହଜ କଥା ନୁହେଁ ମୋ ପାଇଁ ଲେଖାଲେଖି । ମୋ କାମଟି ନିଜକୁ ଦର୍ପଣରେ ଦେଖିବାର ସହଜ ସ୍ମିତ ନୁହେଁ, ଏ କାମରେ ଅନ୍ୟର ମୁହଁ ପାଖରେ ବି କେବେକେବେ ମୁଁ ଥୋଇ ଦିଏ ଦର୍ପଣ, ଏ କାମରେ ଭଲ କଥାକୁ ଭୁଲ ବୁଝିବାର ଭୟ ଥାଏ, ଥାଏ ବି ଦର୍ପଣ ପଛପଟରୁ ପାରଦ ଖସି ଯାଇଥିବାର ବିକଳ ବିଡ଼ମ୍ବନା ।

ପେଟ ପୋଷିବା ପାଇଁ ମୁଁ ରାଜନୀତି ବିଜ୍ଞାନ ପ୍ରତିଦିନ ପଢ଼ାଏ । ରାଜନୀତି ବିଜ୍ଞାନ ଶାସ୍ତ୍ରଟିକୁ ଧର୍ମାଚାର ପରି ପ୍ରତିଦିନ ପଢ଼ିଛି ବୋଲି କହି ପାରିବି ନାହିଁ । କିନ୍ତୁ ଏଇ ସମାଜଶାସ୍ତ୍ର ସମାଜକୁ ବୁଝିବାରେ ମତେ ସାହାଯ୍ୟ କରିଛି । ମୋର ରହିବା ଜାଗା ସବୁ ଏମିତି ଯେ, ସେଠୁ ଗାଁ ବି ଦିଶେ, ସହର ବି ଦିଶେ । ଗାଁ ସବୁ ଦ୍ରୁତ ଗତିରେ ଧାଇଁ ଆଥାନ୍ତି ସହର ମୁହାଁ । ଆଧୁନିକ ଜୀବନର ବାସ୍ତବତା, ଦୁନିଆଁର ଦୂଷଣ, ସୌଜନ୍ୟ ଓ ସୀମାବଦ୍ଧତାର ସଚେତନତା, ଭଲପଣର ଅସହାୟତା ଇତ୍ୟାଦିକୁ ଦେଖୁଥାଏ ମୁଁ । ଯାହା ଭାବିଛି, ଯାହା କହିବାକୁ ଚାହିଁଛି, କିଛି ଦଶନ୍ଧି ତଳେ ସବୁ କଥା କହିପାରିନି, ତେବେ ନିଜର କୁଣ୍ଠା ସବୁକୁ ଅତିକ୍ରମ କରିବାକୁ ଚେଷ୍ଟା କରିଛି ଅକ୍ଲାନ୍ତ । ଅନ୍ୟ କାହର ଚଷମା ପିନ୍ଧି ଦେଖି ନାହିଁ ଘଟଣାମାନଙ୍କୁ କି ନିଜକୁ । ଯୋଉଠି ଯାହା ଯେମିତି ଲୋଡ଼ା ପଡ଼ିଛି, ସେଇଭଳି ଭାଷା, ଶୈଳୀ, ବର୍ଣ୍ଣନା ଓ ଶବ୍ଦ ଖୋଜି ଆଣିବାକୁ ଅଣ୍ଟା ଭିଡ଼ି ବାହାରି ପଡ଼ିଛି । କଞ୍ଚା, ନିରୁତା, ଆଟୋପହୀନ, ଆଡ଼ମ୍ବରହୀନ ଅଥଚ ଜୀବନର ପାଖାପାଖି ରଖିବାକୁ ଚାହିଁଛି ମୋର ଅନୁଭବ- ମୋର ପାଠକମାନଙ୍କ ପାଖରେ ।

ପୃଥିବୀ ବଦଳି ଚାଲିଛି । ରାଜନୀତିର ବାମ, ଡାହାଣ ଓ ମଧ୍ୟମ ପନ୍ଥାର ପାଗଳାମୀ, ମହାବାତ୍ୟା, ମହାମାରୀ, ତୃତୀୟ ଲିଙ୍ଗ ବିଚାର, ଜଗତୀକରଣ- କେତେ ବିରୋଧାଭାଷ, ବିକଳ୍ପ ଓ ବିଭିନ୍ନତା । ନିଜେ ନାରୀ ହୋଇଥିବାରୁ ଏସବୁ ଭିତରେ ନାରୀର କଥା, ସୀମାନ୍ତରିତ ମଣିଷମାନଙ୍କର କଥା ଆସିଛି ମୋ ଲେଖାଲେଖି ଭିତରକୁ । ଯଥାସମ୍ଭବ ଏଡ଼େଇ ଯାଇଛି ଉତ୍ତାପ ଓ ଉତ୍ତେଜନା ଭରା କେଉଁ ଗୋଠଛଡ଼ା କଥାକୁ ଗୁରୁତ୍ୱ ଦେବା ।

ନାନାଦି ଦୁଃଖରେ ଭରା ମଣିଷର ଜୀବନ । ଅଳ୍ପ ମଣିଷ ବହୁ ମଣିଷଙ୍କୁ ଦୁଃଖ ପାଇବାର କାରଣ ହୁଅନ୍ତି । ମଣିଷଙ୍କୁ ଭଲ ପାଇ ସାହିତ୍ୟ ଲେଖିବାକୁ ଗଲେ ସେଇ ଦୁଃଖର ତୋଡ଼ ବି ଛାତିରେ ବାଜେ । ଦୋଷୀ ଦୋଷୀ ଲାଗେ ବୁଝି ପାରିଲାରୁ ଯେ, ଦ୍ରୋହ ଓ ଦରଦକୁ ଧରି ରଖିବାକୁ ଅକୁଳାଣ ହେଉଛି ମୋର ସାମର୍ଥ୍ୟ!

ଜୀବନରେ ଓ ଜଗତରେ ଅନେକ କ୍ଷତ ଚିହ୍ନ ।

କ୍ଷତିରେ ଚାଲିଛି ସମୟ ।

ନିଜକୁ ଯଦି ପଚାରୁଛି ଯେ, କାହିଁକି ମୁଁ ଲେଖୁଛି (ଏ ପ୍ରଶ୍ନର ଉତ୍ତର ଦେବାକୁ ମୁଁ ଏଡ଼େଇ ଯାଇଛି ବହୁ ଥର । ଭୟ ଲାଗିଛି ଯେ, ନିଜ ବିଷୟରେ କହିବା ହେଇପାରେ ଅତିଶୟୋକ୍ତି, ହେଇ ବି ପାରେ କୁଣ୍ଠିତ ଅର୍ଦ୍ଧସତ୍ୟ) ମତେ ଲାଗୁଛି ଯେ ସମୟର ପଲାରେ କିଛି ଭଲ ଅନୁଭବ ରଖିଦେବା ପାଇଁ ମୁଁ ଲେଖୁଛି । କ୍ଷତମାନଙ୍କରେ ଛୁଆଁଇ ଦେବା ପାଇଁ ଭଲ ପାଇବାର ମଲମ ଓ ସାହାଯ୍ୟ କରିବାକୁ ମଣିଷକୁ ଓହ୍ଲେଇ ଦେବାକୁ ତା' ଆଖିରୁ ଅନ୍ଧାର, ଲେଖୁଛି ମୁଁ । ମୋର ପ୍ରିୟ ପୃଥିବୀର ଋଣ ଶୁଝିବାକୁ ଲେଖୁଛି ମୁଁ, ଲେଖୁଛି ନିଜେ ବଞ୍ଚି ରହିଛି ବୋଲି ବୁଝି ପାରିବା ପାଇଁ । ■

ଅଡ଼ଶପୁର, କଟକ
ପିନ୍:୭୫୪୦୧୧
ମୋ:୮୦୧୮୪୨୦୫୧୭

**ମାନସିକ ଭିନ୍ନକ୍ଷମ ମହିଳାଙ୍କୁ ଟ୍ରକ୍ ଚାଳକର ଅପହରଣ**

## ଭଦ୍ରକରୁ ପୀଡ଼ିତା ଉଦ୍ଧାର; ଝୁମ୍ପୁରାରୁ ଟ୍ରକ୍ ସହ ଅଭିଯୁକ୍ତ ଗିରଫ



ଭଦ୍ରକ, ୪।୧୦ (ସମିସ): ବିଳମ୍ବିତ ରାତ୍ରିରେ ଭଦ୍ରକ ଚରମ୍ପାରୁ ଜଣେ ମାନସିକ ଭିନ୍ନକ୍ଷମ ମହିଳାଙ୍କୁ ଅପହରଣ କରିନେବା ଅଭିଯୋଗରେ ଭଦ୍ରକ ପୁଲିସ ଅଭିଯୁକ୍ତ ଟ୍ରକ୍ ଚାଳକ ଏମ୍.ଡି ସଦ୍ଦାମ ହୁସେନକୁ ଗିରଫ କରିଛି। ତା' ଘର ବିହାର ଅଞ୍ଚଳରେ। ଏହାସହ ପୁଲିସ୍ ଭଦ୍ରକ-ବନ୍ତ ରାସ୍ତା ରାନ୍ଦିଆ ଛକ ରାସ୍ତା କଡ଼ରୁ ପୀଡ଼ିତା ମହିଳାଙ୍କୁ ଉଦ୍ଧାର କରିଛି। ମାନସିକ ଭିନ୍ନକ୍ଷମ ମହିଳାଙ୍କୁ ସେ ଦୁଷ୍କର୍ମ କରିବା ପରେ ରାସ୍ତାକଡ଼ରେ ଫିଙ୍ଗି ଦେଇଥିବା ପୁଲିସ୍ ସନ୍ଦେହ କରୁଛି। ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ଏହା ସ୍ପଷ୍ଟ ହେବ। ଭଦ୍ରକ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଗତ ୨ ତାରିଖ ରାତି ପ୍ରାୟ ୧୨ଟା ୫୦ରେ ବର୍ଷା ଦାଉରୁ ରକ୍ଷା ପାଇବାକୁ ରାସ୍ତାକଡ଼ରେ ଜଣେ ମାନସିକ ଭିନ୍ନକ୍ଷମ ମହିଳା ଏକୁଟିଆ ଛିଡ଼ା ହୋଇଥିଲେ। ଏହି ସମୟରେ ଟ୍ରକ୍ ନେଇ ସେହି ବାଟ ଦେଇ ଯାଉଥିବା ସଦ୍ଦାମ ତାଙ୍କୁ ଟେକିନେଇ ଟ୍ରକ୍‌ରେ ଅପହରଣ କରିଥିଲା। ହେଲେ, ଏହାର ଦୃଶ୍ୟ ସ୍ଥାନୀୟ ଏକ ସିସିଟିଭିରେ କଏଦ୍ ହୋଇଯାଇଥିଲା। ସକାଳୁ ସୋସିଆଲ ମିଡିଆରେ ଏହି ଦୃଶ୍ୟ ଘୂରି ବୁଲିବା ପରେ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଆରମ୍ଭ କରିଥିଲା। ଗତକାଲି ବିଳମ୍ବିତ ରାତ୍ରିରେ ଅଭିଯୁକ୍ତକୁ କେନ୍ଦୁଝରର ଝୁମ୍ପୁରାରୁ ଗିରଫ କରିବାକୁ ସକ୍ଷମ ହୋଇଥିଲା। ପୁଲିସ ବ୍ୟବହୃତ ଟ୍ରକକୁ ଜବତ କରିବା ସହ ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି। ଅନ୍ୟପଟେ ମାନସିକ ଭିନ୍ନକ୍ଷମ ମହିଳାଜଣଙ୍କ ପଶ୍ଚିମବଙ୍ଗରେ ବୋଲି ଜଣାପଡ଼ିଛି। ସେ ଘଟଣାକୁ ନେଇ କୌଣସି ସ୍ପଷ୍ଟ କଥା କହୁ ନଥିଲେ ମଧ୍ୟ ତାଙ୍କ ସହ ଦୁଷ୍କର୍ମ ହୋଇଥିବା ସନ୍ଦେହ କରାଯାଇଛି। ସେହିଭଳି ପାରିପାର୍ଶ୍ୱିକ ସ୍ଥିତି ଓ ଡାକ୍ତରୀ ରିପୋର୍ଟ ଅନୁଯାୟୀ ପୁଲିସ ତଦନ୍ତ ଆରମ୍ଭ କରିଥିବା ଅତିରିକ୍ତ ଏସ୍‌ପି ଶ୍ରୀ ବେହେରା କହିଛନ୍ତି। ଏନେଇ ଟ୍ରକ୍ ମାଲିକ ଚିତ୍ତରଞ୍ଜନ ପ୍ରଧାନ କହିଛନ୍ତି, ଗତ ୩ମାସ ହେବ ଅଭିଯୁକ୍ତ ତାଙ୍କ ଟ୍ରକ୍ ଚଳାଉଥିଲା।

**■ ଗରିବଙ୍କ ଅର୍ଥ ଆତ୍ମସାତ୍ କରି ପୋଷ୍ଟମାଷ୍ଟର ଫେରାର୍**

## ଓଭରସିଅର୍‌ଙ୍କୁ ଅଟକ ରଖିଲେ ଜମାକାରୀ



ବାରିପଦା, ୪।୧୦ (ସମିସ): ବାଙ୍ଗିରିପୋଷି ଥାନା ଅଧୀନ ଅସନା ପୋଷ୍ଟ ଅଫିସ୍‌ର ପୋଷ୍ଟମାଷ୍ଟର ବିନୋଦ ନାଏକ ସ୍ଥାନୀୟ ଗ୍ରାମବାସୀଙ୍କ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଜମା ଟଙ୍କା ନେଇ ଫେରାର୍ ହୋଇଯିବାକୁ ମାସେ ବିତିଗଲାଣି। କିନ୍ତୁ ଏଯାଏ ପୁଲିସ କିମ୍ବା ଡାକ ବିଭାଗ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା, ତାଙ୍କ ଟେର୍ ମଧ୍ୟ ପାଇନାହାଁନ୍ତି। ଏହାକୁ ନେଇ ଜମାକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାର ପ୍ରତିବାଦରେ ଆଜି ଜମାକାରୀମାନେ ପୋଷ୍ଟାଲ ମେଲ ଓଭରସିଅର୍ ଅଶୋକ କୁମାର ଦେଙ୍କୁ ଅଟକ ରଖିଥିଲେ। ଶ୍ରୀ ଦେ ଅଭିଯୋଗ ଶୁଣିବାକୁ ଆସିଥିବା ବେଳେ ଜମାକାରୀମାନେ ତାଙ୍କ ହାତ ବାନ୍ଧି ଅଟକ ରଖିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ପୁଲିସ ଶ୍ରୀ ଦେ'ଙ୍କୁ ଉଦ୍ଧାର କରିଥିଲା। ତେବେ ଶୀଘ୍ର ଟଙ୍କା ଫେରସ୍ତ ନ ପାଇଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ସମୋନେ ଚେତାବନୀ ଦେଇଛନ୍ତି ଜମାକାରୀ।

ସୂଚନାଯୋଗ୍ୟ, ଫେରାର୍ ପୋଷ୍ଟମାଷ୍ଟର୍ ଶ୍ରୀ ନାଏକ ଗରିବ ଆଦିବାସୀ ଜମାକାରୀଙ୍କର ପ୍ରାୟ ୧୦ଲକ୍ଷରୁ ଅଧିକ ଟଙ୍କା ନେଇ ଫେରାର୍ ହୋଇଯାଇଛନ୍ତି। ଏ ସଂପର୍କରେ ସେପ୍ଟେମ୍ବର ୫ତାରିଖରେ ବାଙ୍ଗିରିପୋଷି ଥାନାରେ ବିଭାଗ ପକ୍ଷରୁ ଲିଖିତ ଅଭିଯୋଗ ହୋଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଡ଼ବଡ଼ିଆଙ୍କୁ ହାତ...

ଲିମିଟେଡ୍ ଟେଣ୍ଡର ପାଇଥିବା ବେଳେ କେଉଁ ପରିସ୍ଥିତିରେ ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍ କଣ୍ଟ୍ରାକ୍ଟ ଦେଲା ଓ ସିଲିକନ୍ ଟେକ୍‌ଲାବ୍ କିପରି ପଞ୍ଚସଫ୍ଟକୁ ସବ୍ କଣ୍ଟ୍ରାକ୍ଟ ଦେଇଛି, ତାହା ସନ୍ଦେହଘେରରେ। ଏହି ସବ୍‌ଲେଟିଂ ଘଟଣା ସମ୍ପର୍କରେ ଓପିଆର୍‌ବିକୁ ସୂଚନା ମିଳିଥିଲା କି ନାହିଁ ଓ ଯଦି ମିଳିଥିଲା, ତେବେ ସରକାରଙ୍କ କେଉଁ ନିର୍ଦ୍ଦେଶ ବଳରେ ଓପିଆର୍‌ବି ଏହି ଅନୁମତି ଦେଇଥିଲା ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚାକିରି ବିକ୍ରି ଘଟଣାରେ ସିଲିକନ୍ ଓ ପଞ୍ଚସଫ୍ଟର ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଥିବା ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି। ମାତ୍ର ସିଲିକନ୍‌ର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ନାୟକ, ସଂଗ୍ରାମ କେଶରୀ ମହାନ୍ତି, ଶାଶ୍ୱତୀ ମିଶ୍ର, ଶ୍ରୀନିବାସଭେଙ୍କଟରମଣା ଇରାଙ୍କି ଓ ସମୀର କୁମାର ରଥ, ପଞ୍ଚସଫ୍ଟର ନିର୍ଦ୍ଦେଶକ ଥିବା ଶଙ୍କର ପୃଷ୍ଟି ଓ ଦିପ୍ତିମୟୀ ସାହୁଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆଯାଇ ପାରିନାହିଁ। ଘଟଣାକୁ ୫ଦିନ ଅତିକ୍ରମ କରିଥିଲେ ମଧ୍ୟ ପୁଲିସ୍ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇ ପାରିନି। ଚାକିରି ବିକ୍ରି ଘଟଣାରେ ବହୁ ବଡ଼ବଡ଼ିଆଙ୍କ ହାତ ଥିବାରୁ ତଦନ୍ତ ବାଟବଣା ହେଉଥିବା ଅଭିଯୋଗ ହୋଇଛି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ୯୩୩ଟି ଏସ୍‌ଆଇ ପଦ ମଧ୍ୟରୁ ପ୍ରାୟ ୫୦୦ ପଦ ବିକ୍ରି କରିବା ପାଇଁ ଷଡ଼ଯନ୍ତ୍ର ହୋଇଥିଲା ଏବଂ ଏଥିପାଇଁ ସାରା ରାଜ୍ୟରେ ଚାକିରି ଦଲାଲମାନଙ୍କୁ ସକ୍ରିୟ କରାଯାଇଥିଲା। ଗଞ୍ଜାମଠାରୁ ଆରମ୍ଭ କରି ବାଲେଶ୍ୱର, ବଲାଙ୍ଗିର ଓ ମାଲକାନଗିରି ପର୍ଯ୍ୟନ୍ତ ଜାଲ ବିଛାଇ ପରୀକ୍ଷାର୍ଥୀ ଯୋଗାଡ଼ କରିଥିଲେ। ବୌଦ୍ଧ ଜିଲ୍ଲା ବୁଟୁପାଲିର ପ୍ରଭୁଦତ୍ତ ମହାରଣା ଓ ତାଙ୍କ ସାନ ଭାଇ ସମ୍ୟକ ମହାରଣା ଟଙ୍କା ଦେଇ ଚାକିରି କରିବାକୁ ଉଦ୍ୟମ କରିଥିବା ବେଳେ ବଲାଙ୍ଗିର ଜିଲ୍ଲା ମୁରିବାହାର ଥାନା ପତ୍ରାପାଲିର ମୁନ୍‌କି ରାଜପଲିଆ ଓ ତାଙ୍କ ସ୍ୱାମୀ ପ୍ରହଲ୍ଲାଦ ନାଗ ମଧ୍ୟ ଧରାପଡ଼ିଛନ୍ତି। ସେହିପରି ଏକାଧିକ ରାଜନୈତିକ ବ୍ୟକ୍ତି ମଧ୍ୟ ଚାକିରି କରିବା ପାଇଁ ଯାଉଥିବା ବେଳେ ଧରାପଡ଼ିଛନ୍ତି। କଟକ ଜିଲ୍ଲାରୁ ସର୍ବାଧିକ ୩୩ଜଣ ଆଶାୟୀ ପ୍ରାର୍ଥୀ ଧରାପଡ଼ିଥିବାବେଳେ ଗଞ୍ଜାମରୁ ୨୫, ଢେଙ୍କାନାଳରୁ ୧୨, ଖୋର୍ଦ୍ଧାରୁ ୯, ବରଗଡ଼ରୁ ୭, ନୟାଗଡ଼ରୁ ୫, ପୁରୀରୁ ୪, ବୌଦ୍ଧ ଓ କେନ୍ଦ୍ରାପଡ଼ାରୁ ୩ ଲେଖାଏଁ ଏବଂ ସୋନପୁର, ଭଦ୍ରକ, ଯାଜପୁର, ବାଲେଶ୍ୱର, କଳାହାଣ୍ଡି ଓ ବଲାଙ୍ଗିରରୁ ୨ ଜଣ ଲେଖାଏଁ ଆଶାୟୀ ଧରା ପଡ଼ିଛନ୍ତି। ସେହିପରି ଅନୁଗୋଳ, କେନ୍ଦୁଝର, ରାୟଗଡ଼ା ଓ ନୂଆପଡ଼ାରୁ ଜଣେ ଲେଖାଏଁ ପ୍ରାର୍ଥୀ ବନ୍ଧା ହୋଇଛନ୍ତି।

### ଆଶାୟୀଙ୍କ ମଧ୍ୟରେ ଦମ୍ପତି ଓ ଦୁଇ ଭାଇ

ଗିରଫ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଜେଲ୍ ବିଭାଗର ଜଣେ ପୂର୍ବତନ ଡିଆଇଜିଙ୍କ ପୁଅ ଓ ଜଣେ ଅବସରପ୍ରାପ୍ତ ଏସ୍‌ପିଙ୍କ ପୁଅ ଥିବା ସୂଚନା ମିଳିଛି। ସେହିପରି ଗିରଫ ହୋଇଥିବା ୧୧୮ ଆଶାୟୀଙ୍କ ମଧ୍ୟରେ ବଲାଙ୍ଗୀର ମୁରିବାହାଲ ଥାନା ଅଞ୍ଚଳର ପ୍ରହଲ୍ଲାଦ ନାଗ ଓ ତାଙ୍କ ପତ୍ନୀ ମୁନକୀ ରାଜପାଲିଆ ରହିଥିବା ସୂଚନା ମିଳିଛି। ଚାକିରି ପାଇଁ ଉଭୟଙ୍କ ସହ ୩୦ ଲକ୍ଷ ଟଙ୍କା ଲେଖାଏଁ ଡ଼ିଲ୍ ହୋଇଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି। ପ୍ରହଲ୍ଲାଦଙ୍କ ପତ୍ନୀ ମୁନକୀ ଗତ ପଞ୍ଚାୟତ ନିର୍ବାଚନରେ ପତ୍ରାପାଲି ପଞ୍ଚାୟତ ପାଇଁ ସମିତି ସଭ୍ୟ ଭାବେ ନିର୍ବାଚନ ମଧ୍ୟ ଲଢ଼ିଥିଲେ। ସେହିପରି ବୌଦ୍ଧର ଦୁଇଭାଇ ମଧ୍ୟ ପୁଲିସ ଚାକିରି ପାଇଁ ଟଙ୍କା ଦେଇ ଗିରଫ ହୋଇଛନ୍ତି।

### ଭସାଣିରେ ଗୋଷ୍ଠୀ...

୩ କନେଷ୍ଟବଳଙ୍କ ମୁଣ୍ଡ ଫାଟିଥିବା ଜଣାପଡ଼ିଛି। ଘଟଣାସ୍ଥଳରେ କମିଶନର ଏସ୍. ଦେବଦତ୍ତ ସିଂ ଏବଂ ଅତିରିକ୍ତ କମିଶନର ନରସିଂହ ଭୋଳ ପହଞ୍ଚି ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଛନ୍ତି। ସେଠାରେ ୨କମ୍ପାନୀ ଫୋର୍ସ ମୁତୟନ କରାଯାଇଛି। ଅନ୍ୟପକ୍ଷରେ କଟକ ସହର ଏବଂ ପାର୍ବଣ ପରିଚାଳନାରେ ଅଭିଜ୍ଞତା ଥିବା ଦାୟିତ୍ୱସମ୍ପନ୍ନ ପୁଲିସ ଅଧିକାରୀଙ୍କୁ ଭସାଣି ଶୋଭାଯାତ୍ରାରେ ନିୟୋଜିତ କରା ନଯିବାରୁ ଏଭଳି ଭୟାନକ ଗଣ୍ଡଗୋଳ ଘଟିଥିବା କୁହାଯାଉଛି। ବିଶେଷକରି ପୁଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ତ୍ରୁଟିପୂର୍ଣ୍ଣ ଭସାଣି ପରିଚାଳନା ଗଣ୍ଡଗୋଳର ପ୍ରମୁଖ କାରଣ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ସୋସିଆଲ୍ ମିଡିଆରେ ଏହି ଗଣ୍ଡଗୋଳ ଘଟଣାକୁ ନେଇ ପରସ୍ପର ମଧ୍ୟରେ ଆକ୍ଷେପ ଓ ପ୍ରତିଆକ୍ଷେପ କରାଯାଉଥିବା ବେଳେ ପୁଲିସ ପାଇଁ ଏହା ଚିନ୍ତା ବଢ଼ାଇ ଦେଇଛି।

ପୁଲିସ ସୂଚନା ଅନୁସାରେ, ଗତକାଲି ରାତି ପ୍ରାୟ ୨ଟାରେ ଝାଞ୍ଜିରମଙ୍ଗଳା ଭାଗବତ ପୂଜା କମିଟିର ପ୍ରତିମା ଶୋଭାଯାତ୍ରାରେ ବାହାରି ବିସର୍ଜନ ପାଇଁ ଦେବୀଗଡ଼ା ଅଭିମୁଖେ ଯାଉଥିଲା। ଶୋଭାଯାତ୍ରାରେ ବାଜୁଥିବା ନିର୍ଦ୍ଦିଷ୍ଟ ଗୀତକୁ ଦରଘାବଜାର ଅଞ୍ଚଳରେ ସ୍ଥାନୀୟ କିଛି ଲୋକ ବିରୋଧ କରିଥିଲେ। ଏହାପରେ ଦରଘାବଜାର ଜେଲ୍ ରୋଡ୍‌ର ଏକ ନିର୍ଦ୍ଦିଷ୍ଟ ଦିଗରୁ ହଠାତ୍ କାଚ ବୋତଲ ଓ ଢେଲା ପଥର ମାଡ଼ ହୋଇଥିଲା। ଶୋଭାଯାତ୍ରାକାରୀ ମଧ୍ୟ ଢେଲା ପଥର ମାଡ଼ କରିଥିଲେ। ଫଳରେ ଗୋଷ୍ଠୀ ସଂଘର୍ଷର ସୂତ୍ରପାତ ହୋଇ ଏହା ଭୟଙ୍କର ରୂପ ଧାରଣ କରିଥିଲା। ଘଟଣାସ୍ଥଳ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ସେଠାରେ ଥିବା ଗାଡ଼ି ମୋଟର ଭାଙ୍ଗିରୁଜି ଯାଇଥିଲା। କିଛି ସମୟ ପରେ ପରିସ୍ଥିତି ଶାନ୍ତ ପଡ଼ିବା ପରେ ମଧ୍ୟ ଉତ୍ତେଜନା ଲାଗି ରହିଥିଲା। ରାଉସାପାଟଣା ମେଢ଼ ଆସିବା ବେଳେ ଦରଘାବଜାର ଅଞ୍ଚଳରେ ପୁଣି ଢେଲା ପଥର ମାଡ଼ ହୋଇଥିଲା। ପରିସ୍ଥିତି ଅଣାୟତ୍ତ ହୋଇପଡ଼ିବାରୁ ପୁଲିସ ଲାଠିଚାର୍ଜ କରିବାକୁ ବାଧ୍ୟ ହୋଇଥିଲା। ପୁଲିସର ମାଡ଼ରେ ଗଣ୍ଡଗୋଳକାରୀ ଛତ୍ରଭଙ୍ଗ ଦେଇଥିଲେ। ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ଛକାପଞ୍ଝା ଲାଗି ରହିଥିଲା। ପୁଲିସ ଭୟରେ ଉଭୟ ଗୋଷ୍ଠୀ ଗଣ୍ଡଗୋଳରୁ ନିବୃତ୍ତ ରହିଥିଲେ। ତଥାପି ଉତ୍ତେଜନା କମି ନଥିଲା। ଏହି ଗଣ୍ଡଗୋଳରେ ଊଣାଅଧିକେ ୩୦ରୁ ଅଧିକ ଶୋଭାଯାତ୍ରାକାରୀ ଓ ଜନସାଧାରଣ ଆହତ ହୋଇଥିବା ସୂଚନା ମିଳିଛି।

କଟକ ଇତିହାସରେ ଭସାଣି ଶୋଭାଯାତ୍ରାରେ ଏଭଳି ବଡ଼ଧରଣର ଭୟଙ୍କର ଗୋଷ୍ଠୀ ସଂଘର୍ଷ ଘଟିନଥିଲା। ଏହି ଗଣ୍ଡଗୋଳ ପ୍ରତିବାଦରେ ଶୋଭାଯାତ୍ରାରେ ଆସୁଥିବା ଲୋକ ରାସ୍ତା ଉପରେ ଧାରଣାରେ ବସିବା ସହ ଭସାଣ ଶୋଭାଯାତ୍ରା ବନ୍ଦ କରି ଦେଇଥିଲେ। ବିସର୍ଜନ ନ ହୋଇ ଅନେକ ମେଢ଼ ରାସ୍ତା ଉପରେ ଅଟକି ରହିଥିଲା। ଆଜି ପୁଲିସର ସ୍ୱତନ୍ତ୍ର ସୁରକ୍ଷାବଳୟ ମଧ୍ୟରେ ସମସ୍ତ ମେଢ଼କୁ ଦେବୀଗଡ଼ାରେ ବିସର୍ଜନ କରାଯାଇଛି। ସେହିପରି ନିମ ସାହିରେ ରାଉସପାଟଣା ଦୁର୍ଗା ମେଢ଼ ଅଟକି ରହିଥିଲା। ଗତ ରାତିରେ ଆକ୍ରମଣକୁ ନେଇ ଆଜି ଶତାଧିକ ପୂଜା କମିଟି ସଦସ୍ୟ ଧାରାଣାରେ ବସି ରହିଥିଲେ। ଆଜି ପୁଲିସ ବୁଝାସୁଝା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଏବଂ ଗଣ୍ଡଗୋଳକାରୀଙ୍କ ବିରୋଧର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସାଧାରଣରେ ଦାବି ହେଉଛି। ଅନ୍ୟପଟେ ଏଭଳି ନିନ୍ଦନୀୟ ଘଟଣାର ଦୃଢ଼ ନିନ୍ଦା କରି ଆସନ୍ତା ସୋମବାର କଟକ ବନ୍ଦ ଡାକରା ଦେଇଛି ବିଶ୍ୱ ହିନ୍ଦୁ ପରିଷଦ। ଗଣ୍ଡଗୋଳକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିଷଦ ଦୃଢ଼ ଦାବି କରିଛି। ଏହି ବନ୍ଦକୁ ବିଜେପି ସମର୍ଥନ କରିଛି।

### ୪ ଦିନ ହେଲା...

ପୂରା ଠପ୍ ହୋଇଟିବାର ଆଶଙ୍କା ରହିଛି। ବିଭିନ୍ନ ଦେଶ ଉପରେ ଟ୍ରମ୍ପଙ୍କ ଅତ୍ୟଧିକ ଶୁଳ୍କ ନୀତି ଯୋଗୁଁ ଆମେରିକାର ଅର୍ଥନୀତି ସଙ୍କଟ ଦେଇ ଗତି କରୁଥିବା ବେଳେ 'ସଟ୍ ଡାଉନ୍' ପରିସ୍ଥିତିକୁ ଆହୁରି ବିଗାଳି ଦେବ। ତେବେ ବର୍ତ୍ତମାନ ଯେଉଁ ସଙ୍କଟ ସୃଷ୍ଟି ହୋଇଛି, ସେଥିରେ ବିଶେଷ କରି ଅଣ-ଅତ୍ୟାବଶ୍ୟକ ସେବା ବନ୍ଦ ହୋଇଯାଇଛି। ଯେଉଁ ସରକାରୀ କର୍ମଚାରୀଙ୍କ କାମ ଅତ୍ୟାବଶ୍ୟକ ସେବାରେ ଯାଉନି, ସେମାନଙ୍କୁ ଛୁଟିରେ ଯିବାକୁ କୁହାଯାଇଛି। ଦେଶରେ ସମସ୍ତ ପାର୍କ ଓ ମ୍ୟୁଜିୟମ ବନ୍ଦ ହୋଇଯାଇଛି। ଅନେକ ସରକାରୀ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନ ମଧ୍ୟ ବନ୍ଦ ହୋଇଯିବ। ବିକାଶମୂଳକ କାମରେ ଲାଗିଥିବା ଠିକା ସଂସ୍ଥା ସେମାନଙ୍କର କାମ ବନ୍ଦ କରିଦେଇଛନ୍ତି। ପାସପୋର୍ଟ ଓ ଭିସାରେ ନିୟୋଜିତ ଅଧିକାଂଶ କର୍ମଚାରୀଙ୍କୁ ଛୁଟିରେ ଯିବାକୁ କୁହାଯାଇଥିବାରୁ ଏହି ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ପାସପୋର୍ଟ ଏବଂ ଭିସା ସେବା ଜାରି ରହିଥିଲେ ମଧ୍ୟ ଏହି ପ୍ରକ୍ରିୟା ବିଳମ୍ବିତ ହେଉଛି। ଏବେ ସମସ୍ତ ଗବେଷଣା ପ୍ରକଳ୍ପକୁ ମଧ୍ୟ ବନ୍ଦ କରି ଦିଆଯାଇଛି। କେବଳ ଏତିକି ନୁହେଁ, ଦେଶର ମହାକାଶ ଗବେଷଣା ସଂସ୍ଥା 'ନାସା'କୁ ମଧ୍ୟ ବର୍ତ୍ତମାନ ପାଇଁ ବନ୍ଦ କରିଦିଆଯାଇଛି। କେବଳ ଉପଗ୍ରହ ଓ ମହାକାଶରେ ଥିବା କେନ୍ଦ୍ରକୁ ଚାଲୁ ରଖିବା ପାଇଁ କ୍ରିଟିକାଲ ଅପରେସନ୍ ଜାରି ରହିବ। ହସପିଟାଲ ଭଳି ଅନେକ ଅତ୍ୟାବଶ୍ୟକ ସେବା ଜାରି ରହିଥିଲେ ମଧ୍ୟ କର୍ମଚାରୀଙ୍କୁ ଏବେ ଦରମା ମିଳିବାର ସମ୍ଭାବନା କମ୍ ବୋଲି କୁହାଯାଉଛି।

### ବିମାନବନ୍ଦରରୁ ପୁଣି...

ଏହିଭଳି ନିଶାଦ୍ରବ୍ୟ ଚାଲାଣ ହେଉଛି। କଷ୍ଟମ ବିଭାଗ ଯଦିଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ତଥାପି ଆହୁରି ଅନେକ ନିଶାଦ୍ରବ୍ୟ ଚାଲାଣକାରୀ ଖସିଯାଉଥିବାର ସନ୍ଦେହ କରାଯାଉଛି। ଗତ ଅଗଷ୍ଟ ୨୩ ତାରିଖରେ ମଧ୍ୟ ଭୁବନେଶ୍ୱର ବିମାନବନ୍ଦରରୁ କଷ୍ଟମ୍ ଅଧିକାରୀମାନେ ୪ କୋଟି ଟଙ୍କାର ନିଷିଦ୍ଧ ଡ୍ରଗ୍ସ ମାରିଜୁଆନା ଜବତ କରିଥିଲେ। ବ୍ୟାଙ୍କକରୁ ଭୁବନେଶ୍ୱର ଆସିଥିବା ପ୍ରେମୀଯୁଗଳଙ୍କଠାରୁ ଏହା ଜବତ ହୋଇଥିଲା। ବିମାନରେ ଜଣେ ଯୁବକ ଓ ଜଣେ ଯୁବତୀ ନିଶାଦ୍ରବ୍ୟ ଆଣୁଥିବା ସଂପର୍କରେ ଗୁଇନ୍ଦା ସୂଚନା ମିଳିବା ପରେ କଷ୍ଟମ୍ ଅଧିକାରୀମାନେ ଚେକିଂ କରିଥିଲେ। ପ୍ରକାଶଯୋଗ୍ୟ ଯେ, ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଅଗଷ୍ଟ ମାସରେ ମାସ ୮ କୋଟି ଟଙ୍କାର ବିଦେଶୀ ଗଞ୍ଜେଇ (ମାରିଜୁଆନା) ଜବତ ହୋଇଥିଲା। ଥାଇଲାଣ୍ଡରୁ ଇଣ୍ଡିଗୋ ବିମାନରେ ଆସୁଥିବା ବେଳେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ହାବୁଡ଼ରେ ପଡ଼ିଥିଲା ଏହି ଉତ୍କଟ ନିଶାଦ୍ରବ୍ୟ। ଗୁଜୁରାଟ ଅହମଦାବାଦର ଜଣେ ଯୁବକଙ୍କୁ ଏହି ମାମଲାରେ ଅଟକ ରଖିଥିଲା କଷ୍ଟମ୍ ବିଭାଗ। ଏହି ଘଟଣାର ଦୁଇଦିନ ପୂର୍ବରୁ ବିମାନବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ ହୋଇଥିଲା। ସେହିପରି ଗତ ଜୁଲାଇ ୩୦ ତାରିଖରେ ଭୁବନେଶ୍ୱର ବିମାନବନ୍ଦରରୁ ୩୦ କେଜି ମାରିଜୁଆନା ଜବତ କରାଯାଇଥିବା ବେଳେ ଉତ୍ତରପ୍ରଦେଶର ୩ ଜଣ ଯୁବକ ଗିରଫ ହୋଇଥିଲେ। ପୁଣି ଥରେ ମାରିଜୁଆନା ଚାଲାଣ ଘଟଣା ପଦାକୁ ଆସିବା ପରେ ଭୁବନେଶ୍ୱରକୁ ନିଶା ହବ୍ ପରିଣତ କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଚକ୍ରାନ୍ତ ଚାଲିଥିବା ସ୍ପଷ୍ଟ ହୋଇଛି।

**■ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା**

## ନିମ୍ନ ଅଦାଲତଙ୍କ ରାୟକୁ ଚାଲେଞ୍ଜ କରି ହାଇକୋର୍ଟରେ ପୁଞ୍ଜିଲାଲ

କଟକ, ୪।୧୦(ସମିସ): ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ନିମ୍ନ ଅଦାଲତଙ୍କ ରାୟକୁ ଚାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ମେ' ୨୮ ତାରିଖରେ ପାଟଣାଗଡ଼ ଅତିରିକ୍ତ ଦୌରାଜଜ୍ ଏହି ଘଟଣାରେ ଏକମାତ୍ର ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ ଦୋଷୀ ସାବ୍ୟସ୍ତ କରି ଯାବତ୍‌ଜୀବନ ଜେଲ ଦଣ୍ଡାଦେଶ ପ୍ରଦାନ କରିଥିଲେ। ମୃତ୍ୟୁ ପର୍ଯ୍ୟନ୍ତ ଜେଲରେ ରହିବା ସହ ୫୦ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ରାୟ ଦେଇଥିଲେ। ଏହାକୁ ଚାଲେଞ୍ଜ କରି ପୁଞ୍ଜିଲାଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ୨୦୧୮ ଫେବ୍ରୁଆରୀ ୨୩ରେ ପାଟଣାଗଡ଼ସ୍ଥିତ ଏକ ବିବାହ ଭୋଜିରେ ଉପହାର ପାର୍ସଲ ବୋମା ବିସ୍ଫୋରଣରେ ନବବିବାହିତ ସୌମ୍ୟଶେଖର ସାହୁ ଓ ତାଙ୍କ ଜେଜେ ମା' ଜେମାମଣିଙ୍କ ମୃତ୍ୟୁ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ଭଇଁସା କଲେଜରେ ଇଂରାଜୀ ଅଧ୍ୟାପକ ପୁଞ୍ଜିଲାଲ ମେହେର ଏହି ଘଟଣା ଘଟାଇଥିଲେ। ତାଙ୍କୁ କ୍ରାଇମବ୍ରାଞ୍ଚ ଗତ ୨୦୧୮ ଏପ୍ରିଲ ୨୫ରେ ଗିରଫ କରିଥିଲା ବେଳେ ଏହି ଘଟଣାରେ ତାଙ୍କ ଜାମିନ ଆବେଦନ ଏକାଧିକବାର ଖାରଜ ହୋଇଥିଲା।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ETCECONIIBBS2025040, ତା. 12.09.2025 ରିଖ ର

**ଶୁଦ୍ଧିପତ୍ର–1**

ଉପରେ ଉଲ୍ଲିଖିତ ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା ର ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟରେ ଆବଶ୍ୟକ ରୂପାନ୍ତରଣ କରାଯାଇଅଛି।

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| 14.10.2025, 1200 ଘଟିକା | 24.10.2025, 1200 ଘଟିକା |

ଶୁଦ୍ଧିପତ୍ର ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି www.ireps.gov.in ଅବଲୋକନ କରନ୍ତୁ। ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-122/CI/25-26

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.MCS/Stores/E-Procure/ Tender Notice/Coupler/339, ତା.23.09.2025ରିଖ

ଟେଣ୍ଡର ସଂ.92255842, ସାମଗ୍ରୀଗୁଡ଼ିକର ବିବରଣୀ: RDSO ବିନିର୍ଦ୍ଦେଶ ସଂ RDSO/2011/CG-03 (ସଂଶୋଧନ-3) ଜାନୁଆରୀ, 2019 ଅନୁଯାୟୀ ଭାରତୀୟ ରେଳପଥର ବୋର୍ଡ଼ ଗେଜ୍ (BG) ପାସେଞ୍ଜର କୋଚ୍ ଗୁଡ଼ିକର ଫିଟମେଣ୍ଟ ନିମନ୍ତେ AAR H ହେଡ୍ ଏବଂ ବାଲାନ୍ସ ଡ୍ରାଫ୍ଟ ଗିଅର (Head and Balanced Draft Gear) ସହିତ ହାଇ ଟେନ୍‌ସାଇଲ ଟାଇଟ୍ ଲକ୍ ସେଣ୍ଟର ବଫର କପଲର (High Tensile Tight Lock Centre Buffer Coupler), ପରିମାଣ: 100 ଗୋଟି।

ଆନୁମାନିକ ମୂଲ୍ୟ(ଟଙ୍କାରେ): 2,44.26,000/-, EMD (ଟଙ୍କାରେ): 4,88,520/-।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.22.10.2025ରିଖ 1500 ଘଟିକାରେ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର

PR-653/Q/25-26

**ହଜିଛି**

ମୁଁ, ପୂଜା ଅଗ୍ରୱାଲ, ପିତା: ସ୍ୱ ଅଶୋକ କୁମାର ଅଗ୍ରୱାଲ, ସା: ଗୋଶାଳା, ପୋ.: କଳାମାଟି, ଜିଲ୍ଲା: ସମ୍ବଲପୁର, ଓଡ଼ିଶା। ପୂଜା ଅଗ୍ରୱାଲ, ପବନ କୁମାର ଅଗ୍ରୱାଲ, ରଞ୍ଜୁ ଅଗ୍ରୱାଲ ନାମରେ ଥିବା ମୂଳ ବିକ୍ରୟ ଦଲିଲ୍ ନଂ.: ୨୦୬/୧୯୯୯, ତା୨୭.୦୧.୧୯୯୯ରିଖର ଜେରକ୍ସ କପି ଏବଂ ଲାମିନେସନ ନିମନ୍ତେ ମୁଁ ଯାଉଥିବା ସମୟରେ ସମ୍ବଲପୁରରୁ ଗୋଶାଳା ରୋଡ଼ ମଧ୍ୟରେ ତା ୦୨.୦୧.୨୦୨୫ରିଖ ଅପରାହ୍ନ ୪.୦୦ ଘଟିକାରୁ ୫.୦୦ ଘଟିକା ମଧ୍ୟରେ କେଉଁଠାରେ ହଜିଯାଇଛି। ଏହି ଦଲିଲ୍ କୌଣସି ବ୍ୟାଙ୍କ/ଆର୍ଥିକ ଅନୁଷ୍ଠାନରେ ବନ୍ଧକ ରଖାଯାଇନାହିଁ। ଏ ବାବଦରେ ସତ୍ୟ ପାଠ ମଧ୍ୟ ପ୍ରକାଶିତ ହୋଇଛି। ଗୃହ ଋଣ ନେବା ପାଇଁ ଏ ବାବଦରେ ବୁର୍ଲା ଥାନାରେ ଷ୍ଟେସନ ଡାଏରୀ ଦିଆଯାଇଛି। ଉପରୋକ୍ତ ବିବରଣୀ ସତ୍ୟ ଅଟେ। ଯଦି ମିଥ୍ୟା ପ୍ରମାଣିତ ହୁଏ ତେବେ ବ୍ୟାଙ୍କ ମୋ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ଯୋଗାଯୋଗ :୭୪୭୦୪୩୩୨୧୩

**OFFICE OF THE NOTIFIED AREA COUNCIL, JUNAGARH**

email-nacjunagrh@g111ail.com

LETTER NO. 1644, DATE - 03.10.2025

**NOTICE INVITING TENDER FOR LEASE OF GYMNASIUM OF NAC JUNAGARH**

Details terms and Conditions are available at Office of the Notified area council Junagarh. www.junagarhnac.in or visit website - www.Kalahandi.odisha.gov.in

Sd/- Executive Officer N.A.C., Junagarh

OIPR-13133/11/0021/2526 C-1204

**OFFICE OF THE PRINCIPAL**

**DADHIBAMAN HIGHER SECONDARY SCHOOL, TURUMUNGA,**

AT/PO-TURUMUNGA, DIST-KEONJHAR, PIN-758046

Ph: 06766-238025, 238035 e-mail: dadhibamantmg@gmail.com

Advt.No-03/25 Date-03.10.2025

**A Walk-in-interview for engagement of Guest Faculties**

A Walk-in-interview will be held for the post of Guest Faculties in subjects Physics, Mathematics and Botany on engagement basis. Candidates who have secured minimum 55% marks in PG for PGT must come with all original certificates (both original and Xerox) on **12.10.2025(Sunday) at 10.00 AM.**

**Contact No: - 9438162760, 6371399442**

Sd/- Principal

OFFICE OF THE DEPUTY DIRECTOR,
NANDANKANAN ZOOLOGICAL PARK
P.O-BARANG,DIST-KHURDA,PIN-754005
PHONE NO- 9437022023
Email: deputydirector.kanan@gmail.com
Web: www.nandankanan.org

NANDANKANAN CONSERVE | EDUCATE INSPIRE

TENDER NOTICE

Notice No. 22 /NKZP/2025-26 Date: 03.10.2025

The Nandankanan Zoological Park Authority, Bhubaneswar invites Tender in sealed cover from reputed distributor/ stockists/ firms for the Supply of laboratory chemicals, glass and plastic wares for the financial year, 2025-26 use in Centre for Conservation Research and Training, Nandankanan Zoological Park (CCRT). The detailed terms and conditions alongwith tender documents shall be available at the website: www.nandankanan.org from **04.10.2025** onwards. The last date of submission of bid is 13.10.2025 at 05.00 PM and date of opening of Bid will be on 14.10.2025 at 11.30 AM.

Deputy Director
Nandankanan Zoological Park

OIPR-08070/11/0118/2526 MM-215

**AFFIDAVIT**

I, Dilip Kumar Sahu, S/o- Alia Sahoo, Resident of Upimara, PO: Tangi, PS: Tangi, Dist.: Khordha, Odisha PIN-752023 declared by this Affidavit No.: 1102/2025, Dated.: 03.10.2025. That now onwards I shall Be known as **DILLIP KUMAR SAHOO** for all future Purposes.

**AFFIDAVIT**

I Prashanna Kumar Barik, S/o.: Bisunu Barik, At- Kespania, PO.: Bhaliadihi, Ps- Sarankul, Dist.: Nayagarh, Pin-752092, Odisha. Declare by this Affidavit No-7515, Dated- 04/10/2025 that now onwards I shall be known as **Prasanna Kumar Barik** for all future Purpose.

**Affidavit-cum-Undertaking**

I Dasharathi Sahoo, S/o- Sankar Sahoo, aged about 75 Years residing At/Po- Derang,Angul, Odisha, Pin-759117, I have purchased and lawful owner of Khata No - 746/50and sale deed has been lost during photocopy of the original. I had put FIR for lost my original property document. I undertake that if my original document received then I will submit the mutation ROR to ICICI Bank Ltd.

**Dasharathi Sahoo**

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

I, Chandrakanta Mohanty, S/o- Alekha Chandra Mohanty, Resident of Mahulaburi Sahi, Kandasar (Part), PO: Kandasar, PS: Nalco Angul, Dist.: Angul, Odisha, Pin-759145 declared by this Affidavit No.1103/2025 Dated.03.10.20205 hat now onwards I shall Be known as **CHANDRA KANT MOHANTY** for all future Purposes.

**AFFIDAVIT**

I Rupasree Sahoo D/o Sanjukta Jena, Resident of At-Badagada Jena Sahi, PO- Badagada Brit, PS- Badagada, Bhubaneswar, Dist- Khorda, Odisha, declare by this affidavit No.44611 dtd 23.09.2025 that now onwards I shall be known as **RUPASREE JENA** for all future purposes.

**AFFIDAVIT**

I, Sanu Khatun, D/o Sk Usman, Resident of Village-Panisanda, PO- Sukhasandapatna, PS- Bhograi, Dist-Balasore, Odisha-756036, declare by this affidavit No.2966 dtd 04.10.2025 that now onwards I shall be known as **SANU BIBI** for all future purposes.

**AFFIDAVIT**

By virtue of an affidavit sworn before Notary Public, Sinapali on date 11/10/2025, I Hemanta Harijan have changed my Surname from Harijan to Harpal. Henceforth I shall be known as **Hemanta Harpal** for all purposes.

**AFFIDAVIT**

I, Ghanshyam Patra, S/o- Debendra Patra, resident of At/Po- Jangalpadu, Paralakhemundi, Dist- Gajapati, PIN- 761210, Odisha declared by this affidavit No. 799, dtd- 30/09/2025 that now onwards I shall be known as **GHANASHYAM PATRA** for all future purposes.

**VEHICLE FOR SALE**

EICHER PRO 2059, Model - 2022, Registration No-OD-02-CB-0749, in as is where is condition, Contact: M/S Sundaram Finance Limited, BHUBANESWAR BRANCH Ph:0674-2544772 within 7 days

**AFFIDAVIT**

By Virtue of an affidavit before Executive Magistrate, Angul, **I, Prangyashree Pradhan,** D/o.: Prakash Pradhan, Permanent & Current Address At: Rajanipal, PO.: Kukudang, P.S.: Sadar, Dist: Angul (Odisha), PIN-759123 have changed my name from Pragyan Parimita Pradhan to **Prangyashree Pradhan.** Henceforth I shall be known as **Prangyashree Pradhan** for all purposes.

**AFFIDAVIT**

I Suchismita Deo, W/o- Pramod Kumar Deo, At- Bhansar, Po- Kadamchhanda, Ps-Tirtol, Dist- Jagatsinghpur, Pin- 754135, Odisha. Declare by this Affidavit No-7517, Dated- 04/10/2025 that now onwards I shall be known as **SUCHISMITA JENA** for all future Purpose.

**AFFIDAVIT**

By virtue of an Affidavit before Notary Public, Malkangiri, I, **Burunda Darli**, aged about 43 years, W/o.: Laba Darli resident of Village: Godiput, PO.: Biralaxmanpur, P.S./Dist.: Malkangiri, Odisha, declare by this Affidavit No.: 1641/2025, Dated: 25.09.2025 that I have changed my & my husband name from Burunda Barali, W/o.: Lab Barali to **Burunda Darli, W/o.: Laba Darli**. Henceforth I shall be known as **Burunda Darli, W/o.: Laba Darli** for all future purposes.

**AFFIDAVIT**

By virtue of an Affidavit sworn before the Executive Magistrate, Bhadrak, affidavit no. 16AA139458, dated-3/10/25.I Ajay Kumar Siyal, F/o-Rajalaxmi Siyal of At/Po-Kushaleswar, Dist-Keonjhar, Odisha do hereby declare that I have add the surname to my daughter's name as Rajalaxmi Siyal. Henceforth, my daughter shall be known as **RAJALAXMI SIYAL** for all purposes.

**SD/- AJAY KUMAR SIYAL**

**AFFIDAVIT**

By virtue of an affidavit sworn before Notary Public, Sinapali on date 11/10/2025, I Bidyadhar Harijan have changed my Surname from Harijan to Bidyadhar Nial. Henceforth I shall be known as **Bidyadhar Nial** for all purposes.

**AFFIDAVIT**

By virtue of an affidavit sworn before Notary, Cuttack, Dtd 22.08.2025 I, Bishnu Ganju, resident of At/PO- Aulajodi, P.S.-Bahalda, Mayurbhanj, Odisha (presently residing at At-Naranpur, G.P.-Belagachia, P.S.-Barang, Cuttack, Odisha), have changed my name from Bishnu Ganju to Bishnu Mohanta. Henceforth, I shall be known as **Bishnu Mohanta** for all purposes.

**Sd/- Bishnu Mohanta**

**AFFIDAVIT**

I, Ashok Rath, S/o-Late Saroj Chandra Rath, resident of Plot No- 1364, Daya Bhawan, Shastry nagar, Bhubaneswar, Dist- Khordha, Odisha, PIN- 751001 declare by this affidavit Sl No. 1996, dtd- 03/10/2025 that now onwards I shall be known as **ASHOK KUMAR RATH** for all future purposes.

**AFFIDAVIT**

I, Suprava Patra, W/o- Debendra Patra, resident of At/Po- Jangalpadu, Paralakhemundi, Dist- Gajapati, PIN- 761210, Odisha declared by this affidavit No. 800, dtd- 30/09/2025 that now onwards I shall be known as **SUPRABHA PATRA** for all future purposes.

## ଘୋଡ଼ାହାଡ଼ ଡ୍ୟାମ୍‌ର ୪ ଗେଟ୍ ଖୋଲିଲା

**ଦିଗପହଣ୍ଡି,୪ ।୧୦(ସମିସ):** ଘୋଡ଼ାହାଡ଼ ଡ୍ୟାମର ବିପଦ ସଂକେତ ଜଳସ୍ତର ୧୧୬.୭୦ ମିଟରରେ ପହଞ୍ଚିବାରୁ ଗୁରୁବାର ରାତି ପ୍ରାୟ ୧୧ଟାରେ ଗଞ୍ଜାମ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଡ୍ୟାମର ୪ଟି ଗେଟ୍ ଖୋଲାଯାଇ ନଦୀ ମଧ୍ୟକୁ ପାଣି ଛଡ଼ା ଯାଇଥିଲା । ଲଘୁଚାପ ପ୍ରଭାବରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବୁଧବାର ଓ ଗୁରୁବାର ପ୍ରବଳ ବର୍ଷା ହୋଇଥିଲା । ବର୍ଷା ଯୋଗୁ ଘଣ୍ଟା ପ୍ରତି ପ୍ରାୟ ୬୦ କ୍ୟୁସେକ୍ ପାଣି ଡ୍ୟାମ ମଧ୍ୟରେ ପ୍ରବେଶ କରିଥିଲା । ଗୁରୁବାର ସକାଳ ୬ଟାରୁ ଶୁକ୍ରବାର ସକାଳ ୬ଟା ମଧ୍ୟରେ ଡ୍ୟାମ ଇଲାକାରେ ୧୧୫ ମିଲିମିଟର ଏବଂ ଦିଗପହଣ୍ଡିରେ ୫୨ମିମି ବର୍ଷା ହୋଇଥିଲା । ଡ୍ୟାମରୁ ନଦୀ ଗର୍ଭକୁ ପାଣି ଛଡାଯିବା ପୂର୍ବରୁ ଦିଗପହଣ୍ଡି ସ୍ଥିତ ଘୋଡାହାଡ ଜଳସେଚନ ଉପ ବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନଦୀ ତଟବର୍ତ୍ତି ଗ୍ରାମରେ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ସତର୍କ ସୂଚନା ଜାରି କରାଯାଇଥିଲା । ଗୁରୁବାର ରାତି ପ୍ରାୟ ୨ଟାରେ ଡ୍ୟାମ ସ୍ପିଲ୍‌ୱେର ୩ଟି ଗେଟ୍ ବନ୍ଦ କରାଯାଇ କେବଳ ଗୋଟିଏ ଗେଟ୍ ମଧ୍ୟ ଦେଇ ପାଣି ଛଡ଼ା ଯାଇଥିଲା । ଡ୍ୟାମର ଜଳଧାରଣ କ୍ଷମତା ୧୧୭.୮୦ ମିଟର ରହିଥିବା ବେଳେ ଶୁକ୍ରବାର ସକାଳ ସୁଦ୍ଧା ୧୧୬.୭୦ ମିଟର ପାଣି ଗଚ୍ଛିତ ରହିଥିବା ଉପନିର୍ବାହୀ ଯନ୍ତ୍ରୀ ଜଣାଇଛନ୍ତି ।

## ଗୋଖରକୁଦାରେ ପଶିଲା ବନ୍ୟାଜଳ



**ଗଞ୍ଜାମ,୪ ।୧୦(ସମିସ):** ଘୋଡ଼ାହାଡ଼ ଡ୍ୟାମ୍ ଗେଟ୍ ଖୋଲା ଯାଇଥିବାରୁ ଋଷିକୂଲ୍ୟା ଜଳସ୍ତର ବୃଦ୍ଧି ପାଇ ଗୋଖରକୁଦା ଗ୍ରାମରେ ସନ୍ଧ୍ୟାରେ ନଦୀ ଜଳ ପଶିଯାଇଛି । ଶୁକ୍ରବାର ପୂର୍ବାହ୍ନରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଦାମୋଦରପୁର ସ୍ଥିତ ଋଷୁକୂଲ୍ୟା ନଦୀ କୁଳରେ ପହଂଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହି ଅବସରରେ ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ତଟବର୍ତ୍ତୀ ଅଞ୍ଚଳ ଲୋକମାନେ ନଦୀ ସମୁଦ୍ରକୁ ନଯିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ବିଡ଼ିଓ ଓ ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗକୁ ସଚେତନ ରହିବା ପାଇଁ କୁହାଯାଇଛି ।

### ଗଜପତିରେ ବର୍ଷା ବିପ୍ୟାତ

# ପୂର୍ବ ପ୍ରସ୍ତୁତି କି ସଚେତନତା ନାହିଁ; ଚାଲିଗଲା ୩ ଜୀବନ

**ପାରଳାଖେମୁଣ୍ଡି/ମୋହନା, ୪ ।୧୦(ସମିସ):** ଲଘୁଚାପ ଜନିତ ଲଗାଣ ବର୍ଷାରେ ବେହାଲ ହୋଇଛି ଗଜପତି ଜିଲ୍ଲା । ଜିଲ୍ଲାରେ ମୋଟ ୧୩୭୫.୬ ମିଲିମିଟର ବର୍ଷା ରେକର୍ଡ ହୋଇଛି । ବିଭିନ୍ନ ଅଞ୍ଚଳରେ ଧାନ ଫସଲ ନଷ୍ଟ ହୋଇଥିବା ବେଳେ ବଂଶଧାରା, ମହେନ୍ଦ୍ରତନୟା ନଦୀ ସମେତ ସମସ୍ତ ନାଳ ଓ ପୋଖରୀ ବନ୍ୟା ଜଳରେ ଫୁଲି ଉଠିଥିଲା । ଗୁମ୍ମା ବ୍ଲକର ପାରଳାଖେମୁଣ୍ଡିରୁ ଝମିଗାଁ ଠାରେ ନାଳପାଣି ତିନି ଫୁଟରେ ବହିବାରୁ ସଡ଼କ ନଷ୍ଟ ହେବା ସହ ଗୁରୁବାର ଭୋର୍‌ରୁ ସନ୍ଧ୍ୟା ୬ ଟା ଯାଏ ଲୋକେ ଯାତାୟତ କରିପାରିନଥିଲେ । ସେହିପରି କାଶୀନଗର ବ୍ଲକ ଅନ୍ତର୍ଗତ ଖିଙ୍ଗା ଗ୍ରାମକୁ ପାରଳାଖେମୁଣ୍ଡି ସହରରୁ ଗୁରୁବାର ଭୋର୍‌ରୁ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ଗୁମ୍ମା ନାଳରେ ପ୍ରବାହିତ ବନ୍ୟାଜଳ ପ୍ରବାହିତ ଯୋଗୁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା । ପ୍ରାୟ ୪ରୁ୫ ଫୁଟରେ ବନ୍ୟାଜଳ ପ୍ରବାହିତ ହେବାରୁ ଲୋକେ ଜଳବନ୍ଦୀ ଅବସ୍ଥାରେ ଓ ନିଜ ଜୀବନକୁ ବାଜି ଲଗାଇ ଆବଶ୍ୟକ ସାମଗ୍ରୀ କ୍ରୟ କରି ୨୪ ଘଣ୍ଟା ବିତାଇଥିଲେ । ସେହିପରି ଗୁମ୍ମା ବ୍ଲକର ବଡ଼କଳାକୋଟ ପଞ୍ଚାୟତର କେ.ଜଙ୍ଗଲ ଗ୍ରାମରେ ଗ୍ରାମ ମଧ୍ୟରେ ବନ୍ୟାଜଳ ପ୍ରବେଶ ହେବାରୁ ଲୋକେ ଜଳବନ୍ଦୀ ଅବସ୍ଥାରେ ଗୁରୁବାର ଦିନ ତମାମ ରହିଥିଲେ । ଏପରିକି ଗୋଷାଣି ବ୍ଲକର ମାଛମରା, ବାଘଶାଳା, ବାପୁଜୀପେଣ୍ଠ, କୁତୁଡା ପ୍ରଭୃତି ଗ୍ରାମରେ ମହେନ୍ଦ୍ରତନୟା ବନ୍ୟାଜଳ ବିପ୍ୟାତ ମଚାଇଥିଲା । କାଶୀନଗରରେ ମଧ୍ୟ ବଂଶଧାରାରେ ଜଳସ୍ତର ଅହେତୁକ ବୃଦ୍ଧି ହେବା ଯୋଗୁ ଲୋକେ ଆତଙ୍କିତ ହୋଇପଡ଼ିଥିଲେ । ତେବେ ମହେନ୍ଦ୍ରତନୟା ଓ ବଂଶଧାରାର ବନ୍ୟାଜଳକୁ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ଆନ୍ଧ୍ରପ୍ରଦେଶର ହୀରମଣ୍ଡଳମ ସ୍ଥିତ ଗୋଟାବ୍ୟାରେଜ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ରହି ବ୍ୟାରେଜର ସମସ୍ତ ଗେଟ୍ ଖୋଲି ବନ୍ୟାଜଳକୁ ନିଷ୍କାସନ କରିଥିଲେ । ଯାହା ଫଳରେ ୨୪ ଘଣ୍ଟା ମଧ୍ୟରେ ବଡ଼ଧରଣର ବନ୍ୟାରୁ ବର୍ତ୍ତିଯାଇଛି ଗଜପତି ଜିଲ୍ଲା । କିନ୍ତୁ ଲଘୁଚାପ ବିଷୟରେ ଜିଲ୍ଲା ପ୍ରଶାସନ ପାଣିପାଗ ବିଭାଗରୁ ସୂଚନା ପାଇବା ପରେ ମଧ୍ୟ କୌଣସି ପୂର୍ବ ପ୍ରସ୍ତୁତି କରିନଥିବାରୁ ଲୋକେ କେବଳ ହନ୍ତସନ୍ତ ହୋଇଛନ୍ତି ତାହା ନୁହେଁ ଜୀବନ ମଧ୍ୟ ହାରିଲେ ।





ସବୁଠାରୁ ହୃଦୟ ବିଦାରକ ଦୃଶ୍ୟ ରାୟଗଡ ବ୍ଲକ ମାର୍ଲବା ପଞ୍ଚାୟତର ପେକଟ ଗ୍ରାମରେ ଆଜି ଦେଖିବାକୁ ମିଳିଥିଲା । ଉକ୍ତ ଗ୍ରାମର ଜଣେ ଗର୍ଭବତୀ ପ୍ରସବ ବେଦନାରେ ଛଟପଟ ହେଉଥିଲେ ତାଙ୍କୁ ଅଗ୍ନିଶମ ବାହିନୀ ଭୁସ୍ଖଳନ ହୋଇଥିବା ସ୍ଥାନରୁ ଉଦ୍ଧାର କରି ପାର କରାଇ ନିକଟସ୍ଥ ଚିକିତ୍ସାଳୟକୁ ପଠାଇଥିଲେ । ସେପଟେ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ବନ୍ୟା ଏବଂ ଭୂସ୍ଖଳନ ହୋଇଛି । ଭୂସ୍ଖଳନ ଯୋଗୁଁ ଦୁଇ ଜଣଙ୍କ ପ୍ରାଣହାନୀ ଘଟିଥିବାର ପ୍ରଶାସନ ତରଫରୁ ସୂଚନା ମିଳିଛି । ମୃତକ ହେଲେ ଆର୍.ଉଦୟଗିରି ବ୍ଲକ ଅନ୍ତର୍ଗତ ବସ୍ତୀଗୁଡ଼ା ଗ୍ରାମପଞ୍ଚାୟତର ତ୍ରିନାଥ ନାୟକ ଓ ମୋହନା ବ୍ଲକ ଅନ୍ତର୍ଗତ ମେରିପଲ୍ଲୀ ଗ୍ରାମପଞ୍ଚାୟତର ଲକ୍ଷ୍ମଣ ନାୟକ । ମୃତକଙ୍କ ପରିବାରକୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ଭୂସ୍ଖଳନ ଓ ବନ୍ୟା ପ୍ରଭାବରେ ରାୟଗଡ ବ୍ଲକ ମାର୍ଲବା ପଞ୍ଚାୟତ ଅନ୍ତର୍ଗତ ପେକଟ ଗ୍ରାମ ମହୁଲ ସାହିର ରାଜିକା ଶବର(୩୫) ତାଙ୍କ ପିତା କାର୍ତ୍ତିକ ଶବର (୬୭) ଚାଷ କାମ କରୁଥିବାବେଳେ ଗୁରୁବାର ପାହାଡ଼ରୁ ବଡ଼ବଡ଼ ପଥର ଓ ମାଟି ଅତଡା ଖସି ପୋତି ହୋଇଯାଇଛନ୍ତି ।

ମୋହନା ବ୍ଲକ ବନ୍ଧଗୁଡା ନିକଟସ୍ଥ ଲୁଡୁ ନାଳରେ ଗୁରୁବାର ସନ୍ଧ୍ୟା ୫ଟାରେ ଲକ୍ଷ୍ମଣ ମଲ୍ଲିକ (୪୦) ସ୍ରୋତରେ ଭାସି ଯାଇ

**ଦୁଇ ଏବେ ବି ନିଖୋଜ**

ନିଖୋଜ ହୋଇଥିଲେ । ତାଙ୍କ ଶବ ଆଜି ସକାଳୁ ଉଦ୍ଧାର ହୋଇଛି । ଆର୍.ଉଦୟଗିରି ବ୍ଲକର ବସ୍ତୀଗୁଡା ଗ୍ରାମର ତ୍ରିନାଥ ନାୟକ (୫୦)ଙ୍କ ଭୂସ୍ଖଳନରେ ମୃତ୍ୟୁ ଘଟିଥିଲା । ସେ ଗୁରୁବାର ଅପରାହ୍ନ ୪.୩୦ରେ ଭୂସ୍ଖଳନର ଶିକାର ହୋଇଥିଲେ । ସେହିପରି ମୋହନା ବ୍ଲକ ଅନ୍ତର୍ଗତ ମେରାପଲ୍ଲୀ ଗ୍ରାମପଞ୍ଚାୟତର ଲକ୍ଷ୍ମଣ ନାୟକ ନିଜ ଗ୍ରାମ ନିକଟସ୍ଥ ହୋଇଥିବା ଭୂସ୍ଖଳନରେ ମୃତ୍ୟୁବରଣ କରିଛନ୍ତି । ଗାରାବନ୍ଧ ଥାନା ଅନ୍ତର୍ଗତ ମହେନ୍ଦ୍ରଗିରି ଠାରୁ ବୁରୁଖତ ରାସ୍ତା ମଧ୍ୟରେ ଭୂସ୍ଖଳନ ଘଟିଥିଲା । ଫଳରେ ରାଜ୍ୟ ଓ ରାଜ୍ୟ ବାହାରୁ ୫ଟି ଗାଡିରେ ଆସିଥିବା ୨୪ ଜଣ ପର୍ଯ୍ୟଟକ ଫସିଯାଇଥିଲେ । ସେମାନଙ୍କୁ ପୁଲିସ୍ ଦ୍ୱାରା ଉଦ୍ଧାର କରାଯାଇଥିଲା ବୋଲି ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

## ରାମନଦୀରେ ବନ୍ୟା; ଭାସିଗଲା ଆନିକଟ ସ୍ପିଲ୍





**ଦିଗପହଣ୍ଡି,୪ ।୧୦(ସମିସ):** ଗଜପତି ସୀମାନ୍ତ ରାମନଦୀରେ ବନ୍ୟା ଯୋଗୁ ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ବଡ଼ପଦାଠାରେ କାମ ଚାଲିଥିବା ବ୍ୟାରେଜ ଓ ଆନିକଟ ସ୍ପିଲ୍‌ୱେର ଅର୍ଦ୍ଧାଧିକ ଅଂଶ ଭାସିଯାଇଛି । ବଡ଼ପଦା ଗ୍ରାମ ଶ୍ରୀ ଉଦୟନାଥେଶ୍ୱର ଶିବ ମନ୍ଦିର ଅଳ୍ପକେ ବର୍ତ୍ତି ଯାଇଛି । କେନାଲ ଭାଙ୍ଗି ବନ୍ୟାଜଳ ସିନ୍ଧବା, ଚଷାନିମଖଣ୍ଡି, ନିମଖଣ୍ଡିପେଣ୍ଠ, ଶ୍ୟାମସୁନ୍ଦରପୁର ପଲ୍ଲୀ ପ୍ରଭୃତି ଗ୍ରାମ ରାସ୍ତା ଉପରେ ପାଣି ସୁଅ ଛୁଟିଥିଲା । ରାମନଦୀ ଜଳସେଚନ ପ୍ରକଳ୍ପ ପାଶ୍ୱର୍ରେ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ କୋଠା ନିର୍ମିତ ହୋଇଥିଲେ ମଧ୍ୟ ସେଠାରେ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ନଥିବାରୁ ନଦୀ ଉପରେ ଥିବା ଗେଟ୍ ଖୋଲା ଯାଇ ନଥିଲା । ଫଳରେ ସ୍ପିଲ୍‌ୱେର ଅର୍ଦ୍ଧାଧିକ ଅଂଶ ବନ୍ୟା ଜଳରେ ଭାସି ଯାଇଛି । ଏଥିଯୋଗୁ ଚଳିତବର୍ଷ ଖରିଫ ଧାନ ଚାଷରେ ଚାଷୀଙ୍କୁ କେନାଲ ଯୋଗେ ପାଣି ଯୋଗାଣରେ ଗୁରୁତର ସମସ୍ୟା ସୃଷ୍ଟି ହେବ ।

ଏନେଇ ରାମନଦୀ ପ୍ରକଳ୍ପ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଛେଲିଗଡ଼ କେନାଲ ଡିଭିଜନ କାର୍ଯ୍ୟାଳୟର ନିର୍ବାହୀ ଯନ୍ତ୍ରୀ ଇଂ.ସରୋଜ ନାୟକଙ୍କୁ ପଚାରିବାରୁ ରାମନଦୀ ସେଚ ପ୍ରକଳ୍ପର ସମସ୍ତ କ୍ଷୟକ୍ଷତି ଅତିଶୀଘ୍ର ଅନୁଧ୍ୟାନ କରାଯାଇ ମରାମତି ଓ ପୁନଃ ନିର୍ମାଣ କରାଯିବ । ଚାଷୀଙ୍କୁ ଆବଶ୍ୟକ ଜଳ ଯୋଗାଣରେ କୌଣସି ଅବହେଳା କରାଯିବ ନାହିଁ ବୋଲି କହିଥିଲେ । ସେହିଭଳି ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକ ଅଧିନ ଅଧିକାଂଶ ଗ୍ରାମର ଧାନ ଚାଷ ପ୍ରଭାବିତ ହୋଇଛି । ଦିଗପହଣ୍ଡି ବ୍ଲକ ଭ୍ରମରପୁର ଗ୍ରାମ ନିକଟ ବାତରଡ଼ା ନାଳ ବ୍ରିଜ ସଂଯୋଗ ରାସ୍ତା ଧୋଇ ଯିବାରୁ ଖାରିଆଗୁଡ଼ା ଏବଂ ତୁରୁବୁଡ଼ି ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଥିଲା । ଭୀଷ୍ମଗିରି ଗ୍ରାମ ନିକଟରେ ଚାଲିଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ କରୁଥିବା ଠିକାଦାର କ୍ୟାମ୍ପରେ ବର୍ଷାଜଳ ପଶିଯିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି । ଫାସିଗୁଡ଼ା ଗ୍ରାମ ନିକଟ କୃଷ୍ଣସାଗରରେ ପାଣି ଭର୍ତ୍ତି ହୋଇଯିବାରୁ ଉଦବୃତ ପାଣି ଗାଁ ମଧ୍ୟକୁ ପଶିଥିଲା । ଏନେଇ ରାତିରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର, ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ବିଡ଼ିଓ ଅନାମିକା ପାଣ୍ଡେ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ ।

### ଋଷିକୁଲ୍ୟା ଓ ବଡ଼ ନଦୀରେ ବନ୍ୟାଜଳ

## ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ

**ଆସିକା,୪ ।୧୦(ସମିସ):** ଦୁଇ ଦିନର ଲଗାଣ ବର୍ଷା ଫଳରେ ଗୁରୁବାର ରାତ୍ରରେ ଋଷିକୁଲ୍ୟା ଓ ବଡ଼ ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ଫଳରେ ନଦୀକୂଳିଆବାସୀ ଆତଙ୍କିତ ହୋଇପଡ଼ିଛନ୍ତି । ଇତିମଧ୍ୟରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ ପରିଦର୍ଶନ ବେଳେ ଆସିକା ତହସିଲଦାର ସଂଗୀତା ସେଣ, ବିଡ଼ିଓ ଲିପିନା ଦାସ, ସନ୍ତୋଷ ଜେନା, ଆସିକା ଥାନା ଅଧିକାରୀ କୁଳମଣି ସେଠିଙ୍କ ସମେତ ଜଳସେଚନ ବିଭାଗର ମୁଖ୍ୟ ଅଧିକାରୀ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ । ଗଞ୍ଜାମରେ ଅଧିକ ବର୍ଷା ନାହିଁ ତେଣୁ ଲୋକ ଅଧର୍ଯ୍ୟ ନହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ସେହିପରି ନଦୀ କୁଳିଆବାସୀ ନଦୀରେ ସ୍ନାନ ଓ ଶୌଚ ନ ହେବା ପାଇଁ କହିଛନ୍ତି ।



## ମତ୍ସ୍ୟଜୀବୀଙ୍କ ଡଙ୍ଗା ଓ ଜାଲ କ୍ଷତିଗ୍ରସ୍ତ

**ରମ୍ଭା,୪ ।୧୦(ସମିସ):** ଲଘୁଚାପ ଜନିତ ବାତ୍ୟାରେ ରମ୍ଭା, ସାବୁଳିଆ, ଗୌରଙ୍ଗ ପାଟଣା, ମଧୁରୁଚୁଆ, ଗଜପତି ନଗର, ବିଞ୍ଚଣାପାଲି, କେଶପୁର, ପଥରା ଓ ଲଙ୍ଗଳେଶ୍ୱର ଚିଲିକାଅଞ୍ଚଳରମତ୍ସ୍ୟଜୀବୀ ଗ୍ରାମରଚିଲିକା କୂଳରେଜେଟି ନଥିବାରୁ ଡ଼ଙ୍ଗାକୁ ଡ଼ଙ୍ଗା ବାଡେଇ ହୋଇ ବହୁ ଡ଼ଙ୍ଗା ନଷ୍ଟ ହୋଇଛି । ଜାଲଗୁଡ଼ିକ ମଧ୍ୟ ନଷ୍ଟ ହୋଇଛି । ମତ୍ସ୍ୟଜୀବୀ ନେତା ଭୀମସେନ ବେହେରାଙ୍କ ତତ୍ତ୍ୱାବଧାନରେ ଗଞ୍ଜାମ ସଂଗଠନ ସଭାପତି ସେନାପତି ବେହେରା, ରମ୍ଭା ସମିତି ସଭାପତି ବୁଲୁ ବେହେରା, ରଘୁନାଥ ବେହେରା ସମସ୍ତ ଅଞ୍ଚଳ ବୁଲି ଦେଖିଥିଲେ । ଏବଂ ମତ୍ସ୍ୟ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ ଅଧିକାରୀଙ୍କୁ ଜଣାଇ ଏହାର କ୍ଷୟକ୍ଷତି ଆକଳନ କରି ସହାୟତା ଦେବାପାଇଁ ଜଣାଇଛନ୍ତି ।

## ଲଗାଣ ବର୍ଷା ଯୋଗୁ ଜୀବନଯାତ୍ରା ଠପ୍



**ଗୁମ୍ମା,୪ ।୧୦(ସମିସ):** ଲଗାଣ ବର୍ଷା ଯୋଗୁ ଗୁମ୍ମା ବ୍ଲକର ବିଭିନ୍ନ ନଦୀନାଳ ଉଛୁଳିଛି । ତରଙ୍ଗଗଡ଼ା ପଞ୍ଚାୟତ ଆମ୍ବାଜିର ବ୍ରିଜ ଉପର ଦେଇ ପାଣି ପ୍ରଭାବିତ ହେବାରୁ ପାରତାଡ଼ା, ଖୁଲାବାଡ଼, ଆମ୍ବାଜିରି ଓ ବଡ଼ବାଡ଼ ଗ୍ରାମକୁ ଯାତାୟାତ ବନ୍ଦ ରହିଛି । ଅଜୟଗଡ଼ ଠାରୁ ନାମନଗଡ଼ ଅଙ୍ଗେଇଡ଼ା ଛକ ମୁଖ୍ୟରାସ୍ତା ଉପରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି । ଚନ୍ଦନ ପ୍ଲାଟ ନାଳ ପାଣି ମୁଖ୍ୟ ରାସ୍ତା ଦେଇ ପ୍ରଭାବିତ କରୁଛି । ସେହିପରି ଆଶ୍ରୟଗଡ଼ ଗୁଳିଜାଙ୍ଗ ବ୍ରିଜ ନାଳ ବିପଦ ସଂକେତ ଦେଇ ପାଣି ପ୍ରଭାବିତ ହୋଇଛି । ଗୁମ୍ମା ଅଗ୍ନିଶମ ଅଧିକାରୀ ପହଞ୍ଚି ରାସ୍ତାରୁ ଗଛ କାଟିବା ପରେ ଯାତାୟାତ ସ୍ୱାଭାବିକ ହୋଇଛି । ସେହିପରି ଗୁମ୍ମା ସୁଣ୍ଡିସାହି ଓ ବସ୍‌ଷ୍ଟାଣ୍ଡ ଛକ ନିକଟରେ ପାହାଡ଼ ପାଣି ରାସ୍ତା ଉପର ଦେଇ ବିଭିନ୍ନ ଦୋକାନ ଘର ଭିତରେ ପଶି ବ୍ୟାପକ ସାମଗ୍ରୀ ନଷ୍ଟ ହୋଇଛି ।

## ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ଗୁମ୍ମା,୪ ।୧୦(ସମିସ):** ଗୁମ୍ମା ବ୍ଲକ ଅନ୍ତର୍ଗତ କୁତାମ ଗ୍ରାମର ସୁଆରୁ ଗମାଙ୍ଗଙ୍କ ପୁଅ କିଷାନ ଗମାଙ୍ଗ(୨୫)ଙ୍କର ତାମିଲନାଡୁରେ ମୃତ୍ୟୁ ଘଟିଛି । କୁତାମ ଗ୍ରାମର ୧୦ରୁ ଅଧିକ ବ୍ୟକ୍ତି ଶ୍ରମିକ ଭାବେ ସେଠାରେ କାର୍ଯ୍ୟ କରୁଥିବା ବେଳେ କାମ ସାରି ଶୋଇବାବେଳେ କିଷାନଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଶୋକାକୁଳ ପରିବେଶରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି ।

### ଲଗାଣ ବର୍ଷାରେ ଭୂସ୍ଖଳନ

## ଧୋଇନେଲା ପୋଲ; ଯାତାୟାତ ଠପ୍

**ନୂଆଗଡ଼;୪ ।୧୦(ସମିସ):** ନୂଆଗଡ଼ ବ୍ଲକରେ ଲଗାଣ ବର୍ଷା ଫଳରେ ଅନେକ ସ୍ଥାନରେ ପାହାଡ଼ ଅତଡ଼ା ଧସି ପୋଲ ଭୁଶୁଡ଼ିବା ସହ ଅନେକ ରାସ୍ତା ଧୋଇଯାଇଛି । ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଛି । ଏକର ଏକର ଚାଷ ଜମି ଜଳମଗ୍ନ ହୋଇ ଫସଲ ନଷ୍ଟ ହୋଇଛି । ଅନେକଙ୍କ ଘର ଭୁଶୁଡ଼ିବା ସହ ଘରେ ପାଣି ପଶିଛି । ମୁଖ୍ୟତଃ ନୂଆଗଡ଼ ବ୍ଲକ ମୁଖ୍ୟାଳୟ ଯିବା ଘାଟି ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି । କିଜାଙ୍ଗ ପୋଲ, ଶିବମନ୍ଦିର ପାଖ ପୋଲ, ପି.ଆମ୍ବରଡା ପଞ୍ଚାୟତର ଗାଇତା ସାହି ପାଖ ପୋଲ, ଗୋରୁଡ଼ା ନଦୀର ନୂତନ ଭାବେ ନିର୍ମିତ ପୋଲସବା ରାସ୍ତାର ଗୋଟିଏ ପାଶ୍ୱର୍ର ରାସ୍ତା ମାଟି ସବୁ ବର୍ଷା ଜଳରେ ଧୋଇହୋଇ ଯାଇଛି । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।



## ଦୁର୍ଘଟଣାରେ ତିନି ଜଣଙ୍କ ମୃତ୍ୟୁ

**ଦାରିଙ୍ଗବାଡ଼ି,୪ ।୧୦(ସମିସ):** ଦାରିଙ୍ଗବାଡ଼ି ଡୁଲୁରି ଶଙ୍ଖ ବୁଲାଣି ଠାରେ ଦୁର୍ଘଟଣା ଘଟି ତିନି ଜଣଙ୍କ ମୃତ୍ୟୁ ଘଟିଛି । ସେମାନେ ଦାରିଙ୍ଗବାଡ଼ି ଠାରୁ ବ୍ରାହ୍ମଣୀଗାଁ ରାସ୍ତା ଯାଉଥିବା ଅନୁମାନ କରାଯାଉଛି । ଅଗ୍ନିଶମ ବିଭାଗ ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର ଧବଳେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ହାବିଲଦାର ସତ୍ୟନାରାୟ ବେହେରା, ଡ୍ରାଇଭର ଚିନ୍ମୟ ପରିଡ଼ା, ଆଗ୍ନିକ ସାଜନ ବେହେରା, ଜୁଗୁନୁ ବେହେରା, ପ୍ରିୟବ୍ରତ ସେନାପତି, ସୌରାଜ ଡାକୁଆ ଘଟଣାସ୍ଥଳରୁ ମୃତକଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ । ମୃତକଙ୍କ ପରିଚୟ ମିଳିପାରିନି ।

## ଜୁଆ ଆଡ୍ଡାରେ ଚଢ଼ଉ; ୪୦ ହଜାର ଟଙ୍କା ଜବତ

**ଭଞ୍ଜନଗର,୪ ।୧୦(ସମିସ):** ଭଞ୍ଜନଗର ପୁଲିସ ବିଗତ କିଛିଦିନ ମଧ୍ୟରେ ୫୪ରୁ ଉର୍ଦ୍ଧ୍ୱ ଜୁଆଡ଼ିଙ୍କୁ ଗିରଫ କରିଲାଣି । ଶୁକ୍ରବାର ରାତିରେ ବଡ଼ ଧୋବାସାହିର ଏକ ଜୁଆଆ‡। ଉପରେ ଚଢ଼ଉ କରି ୪୦ ହଜାର ୩୦୦ ଟଙ୍କା ଜବତ କରିବା ସହ ୧୨ ଜଣକୁ ଗିରଫ କରିଛି । ସେମାନଙ୍କ ଠାରୁ ୧୫ଟି ମୋବାଇଲ ଜବତ କରିବା ସହ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି ।

## ଯୁବକଙ୍କ ଆତ୍ମହତ୍ୟା

**ଭଞ୍ଜନଗର,୪ ।୧୦(ସମିସ):** ତାରସିଂ ଥାନା ଅନ୍ତର୍ଗତ ଗାଲେରୀର ରବୀନ୍ଦ୍ର ନାୟକ (୨୯) ଶୁକ୍ରବାର ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ଆର୍ଥିକ ଅନଟନ ଯୋଗୁ ସେ ଏପରି ଚରମ ପଦକ୍ଷେପ ନେଇଥିବା ପୁଲିସ ସନ୍ଦେହ କରୁଛି । ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ରବୀନ୍ଦ୍ର ଶ୍ରମିକ ଭାବେ ତାମିଲନାଡୁ ଯାଇ କାମ କରୁଥିଲେ । ଇତିମଧ୍ୟରେ ସେ ଗ୍ରାମକୁ ଆସି କିଛି ମାସ ହେବ ରହୁଥିଲେ । ଏହି ସମୟରେ ବିଭିନ୍ନ ଲୋକଙ୍କ ଠାରୁ ଧାରଉଧାର ଆଣି ପରିବାର ଚଳାଉଥିଲେ । ଦଶହରା ପୂଜା ସମୟବେଳେ ପାଖରେ ଟଙ୍କା ନ ଥିଲା ଓ ଲୋକେ ବାକି ଟଙ୍କା ମାଗୁଥିଲେ । ଯାହାକୁ ନେଇ ସେ ଚିନ୍ତାରେ ଥିଲେ । ଆଜି ଘରେ କେହି ନଥିବାବେଳେ ପଙ୍ଖାରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ ।

## ପୋଖରୀରେ ବୁଡ଼ି ୨ ମୃତ

**ଦିଗପହଣ୍ଡି,୪।୧୦(ସମିସ):** ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ ବଜାପଲ୍ଲୀ ଓ କୈଠଖଣ୍ଡି ପଞ୍ଚାୟତ ପେଣ୍ଠୁରାବାଡି ଗ୍ରାମ ପୋଖରୀରେ ବୁଡି ୨ ଜଣଙ୍କ ମୃତ୍ୟୁ ଘଟିଛି । ସିଦ୍ଧେଶ୍ୱର ପଞ୍ଚାୟତ ଆଦିକନ୍ଦପୁର ଗ୍ରାମର ଏସ୍. ରାଜମଣୀ ରେ‡ୀ (୫୫) ସକାଳ ପ୍ରାୟ ୯ଟାରେ ବଜାପଲ୍ଲୀ ଗ୍ରାମକୁ କାମରେ ଯାଇଥିଲେ । ସେଠାରୁ ଫେରି ନିକଟସ୍ଥ ପୋଖରୀରେ ଗାଧୋଉଥିବା ବେଳେ ବୁଡ଼ି ଯାଇଥିଲେ । ଗ୍ରାମର କିଛି ବ୍ୟକ୍ତି ଗାଧୋଇବାକୁ ଯାଇଥିବା ବେଳେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ସେହିପରି କୈଠଖଣ୍ଡି ପଞ୍ଚାୟତ ବୋରିପଦର ଗ୍ରାମର ବାଞ୍ଛାନିଧି ମହାରଣା (୬୬) ଗୁରୁବାର ସକାଳୁ ଦଶହରା ପୂଜା ନିମନ୍ତେ ନିକଟସ୍ଥ ଗ୍ରାମ ପେଣ୍ଠୁରାବାଡିକୁ ଫୁଲ ତୋଳିବାକୁ ଯାଇ ଘରକୁ ଫେରି ନଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି ପରେ ତାଙ୍କ ପତ୍ତା ମିଳିନଥିଲା । ତେବେ ଶୁକ୍ରବାର ସକାଳେ ପରିବାର ଲୋକେ ଖବରପାଇ ପେଣ୍ଠୁରାବାଡି ଗ୍ରାମକୁ ଯାଇ ଖୋଜାଖୋଜି କରିବାବେଳେ ପୋଖରୀ ନିକଟରେ ତାଙ୍କର ଜୋତା ଓ ଛତା ଥିବା ଦେଖିଥିଲେ । ଏହାପରେ ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ଗୌଡ଼ଙ୍କ ସହାୟତାରେ ଦିଗପହଣ୍ଡି ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ପୋଖରୀରେ କୁମ୍ଭୀର ଭୟ ଥିବାରୁ ଘଟଣାସ୍ଥଳରେ ବନବିଭାଗ ଏବଂ ଦିଗପହଣ୍ଡି ପୁଲିସ ଟିମ୍ ମଧ୍ୟ ଉପସ୍ଥିତ ଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ପ୍ରଚେଷ୍ଟାରେ ବୃଦ୍ଧଙ୍କ ଗଳିତ ମୃତଦେହ ପୋଖରୀରୁ ଉଦ୍ଧାର କରାଯାଇଥିଲା । ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଶନିବାର ସକାଳେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି ।

**୨୦ଦିନ ବିତିଲା**

# ସ୍ୱାଭାବିକ ହୋଇପାରୁନି କଳିଙ୍ଗା ଘାଟି ରାସ୍ତା

ଜି ଉଦୟଗିରି,୪ ।୧୦(ସମିସ)

ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟି ରାସ୍ତା ୨୦ ଦିନ ପରେ ମଧ୍ୟ ସ୍ୱାଭାବିକ ହୋଇପାରିନି । ମଝିରେ ମଝିରେ ଲଗାଣ ବର୍ଷା ନିର୍ମାଣ କାମରେ ବାଧକ ସାଜୁଛି । ଗତ ୧୬ ତାରିଖରେ ହୋଇଥିବା ଭୂସ୍ଖଳନରେ ୧୫୭ ନମ୍ବର ଜାତୀୟ ରାଜପଥ ଧୋଇଯିବା ଫଳରେ ଦୀର୍ଘଦିନ ହେଲା ଯାତାୟାତ ବନ୍ଦ ରହିଛି ।

ଜାତୀୟ ରାଜପଥ ବିଭାଗ ତରଫରୁ ଅସ୍ଥାୟୀ ରାସ୍ତା ବାହାର କରିବାକୁ ନାକେଦମ ହେବାକୁ ପଡ଼ିଥିବା ବେଳେ ୧୦ଦିନ ପରେ ଅସ୍ଥାୟୀ ରାସ୍ତା ବାହାରିଥିଲା । ଏଥିରେ ପରୀକ୍ଷାମୂଳକ ଭାବେ ଗାଡ଼ି ଚାଲିଥିବା ବେଳେ ରାସ୍ତାରେ କଂକ୍ରିଟ ଢ଼ଳେଇ ସରିଛି । କିନ୍ତୁ ଦ୍ୱିତୀୟ ଭୂସ୍ଖଳନରେ ବଡ଼ ବଡ଼ ପଥର ଆସି ରାସ୍ତା ଉପର ମୁଣ୍ଡରେ ବିପଦସଂକୁଳ ଅବସ୍ଥାରେ ରହିଛି । ଯାହାକୁ ହଟେଇବାକୁ ବିଭିନ୍ନ ବିଶେଷଜ୍ଞ ଟିମ୍ ଆସିଥିଲେ ମଧ୍ୟ ଏଯାଏ ହଟାଇପାରୁନାହାନ୍ତି ।

ଲଘୁଚାପଜନିତ ଲଗାଣ ବର୍ଷାରେ ଗୁରୁବାର ଏବଂ ଶନିବାର ଦିନ ପ୍ରବଳ ବର୍ଷା ଯୋଗୁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଜାତୀୟ ରାଜପଥ ବିଭାଗ ଦୀର୍ଘଦିନ ପରେ ମଧ୍ୟ ଯାତାୟତ ସ୍ୱାଭାବିକ କରି ନପାରିବା ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିପଦସଂକୁଳ ଅବସ୍ଥାରେ ମଧ୍ୟ କେତେକ ଅମାନିଆ ଜବରଦସ୍ତ ବାଇକରେ ଯିବା ଆସିବା କରୁଥିବା ଦେଖିବାକୁ ମିଳିଛି । ଯାହାକୁ ଦୃଷ୍ଟିରେ ରଖି ଏବେ ରାସ୍ତା ଉପରେ ବଡ଼ ବଡ଼ ସିମେଣ୍ଟ ପାଇପ୍ ଜଳ ନିଷ୍କାସନ ପାଇଁ ପକା ଯାଇଛି । ଅପରପକ୍ଷେ ଯାତାୟତ ବନ୍ଦ ଯୋଗୁ ଯାତ୍ରୀବାହୀ ଗାଡ଼ି, ମାଲ୍‌ବାହୀ ଗାଡି ସେବା, ଜରୁରୀ ସ୍ୱାସ୍ଥ୍ୟ ସେବା, ବ୍ୟବସାୟ ପ୍ରଭାବିତ ହୋଇଛି ।



# ପାଣି ପାଇଁ ମହିଳାଙ୍କ ରାସ୍ତାରୋକ



ଖଲ୍ଲିକୋଟ,୪।୧୦(ସମିସ): ପାଣି ପାଇଁ ରାସ୍ତାରୋକ। ୧୬ ନମ୍ବର ଜାତୀୟ ରାଜପଥକୁ ଘଣ୍ଟାଏ କାଳ ଅବରୋଧ କରି ରଖିଲେ ଶହ ଶହ ମହିଳା। ପରେ ପୁଲିସ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରି ରାସ୍ତାରୁ ହଟାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଦୀର୍ଘ ଏକ ମାସ ହେଲା କେଶପୁର ଓଡ଼ିଆରପି କଲୋନୀରେ ରହୁଥିବା ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ ପରିବାର ପାଣି ଟିକେ ପାଇବା ପାଇଁ ତହଲବିକଳ ହେଉଥିବା ବେଳେ ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରି ନାହିଁ। ଫଳରେ ଆଜି ଦିନ ୨ଟାରେ ଓଡ଼ିଆରପି କଲୋନୀର ଶତାଧିକ ମହିଳା ରାଜରାସ୍ତା ଉପରେ ଗରାମାଠିଆ ଓ ବାଲ୍ଟି ରଖି ରାସ୍ତା ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରି ରାସ୍ତା ଅବରୋଧ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। କେଶପୁର ଓଡ଼ିଆରପି କଲୋନୀରେ ଦୀର୍ଘ ଏକମାସ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ହୋଇ ଯାଇଥିବା ଅଭିଯୋଗ ହୋଇଛି। କଲୋନୀରେ ଗୋଟିଏ ନଳକୂପ ଥିବା ବେଳେ ସେଥିରୁ ଗୋଳିଆ ପାଣି ବାହାରୁଛି। ଅନ୍ୟ କିଛି ଉପାୟ ନ ପାଇ ନଳକୂପର ଗୋଳିଆ ପାଣିକୁ ବ୍ୟବହାର କରିବାକୁ ବାଧ୍ୟ ହେଉଥିବା କହିଛନ୍ତି କଲୋନୀ ବାସିନ୍ଦା। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି ବୋଲି କଲୋନୀର ସେକ୍ରେଟାରୀ ପୂର୍ଣ୍ଣଚନ୍ଦ୍ର ବେହେରା କହିଛନ୍ତି। ଯଦି ତୁରନ୍ତ ସମସ୍ୟାର ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଘେରଉ ସହ ପୁଣି ଜାତୀୟ ରାଜପଥ ଅବରୋଧ କରିବା ପାଇଁ ଚେତାବନୀ ଦେଇଛନ୍ତି ଓଡ଼ିଆରପି କଲୋନୀ ବାସିନ୍ଦା।

## ସାର ପାଇଁ ଲମ୍ବା ଧାଡ଼ି; ଚଢ଼ା ଦରରେ ବିକୁଛି ଦୋକାନୀ



ଛତ୍ରପୁର,୪।୧୦(ସମିସ): ଛତ୍ରପୁର ସହରରେ ସାର ପାଇଁ ଚାଷୀ ହଟହଟା ହେଉଥିବା ଦେଖିବାକୁ ମିଳିଛି। ସହରର ମୁଖ୍ୟ ବଜାରରେ ରହିଥିବା ବଜରଙ୍ଗୀ କୃଷକ ସାଥି ଷ୍ଟୋରରେ ସାର ଚଢା ଦରରେ ବିକ୍ରୀ କରାଯାଉଥିବା ଅଭିଯୋଗ ହୋଇଛି। ଅପରାହ୍ନରେ ସାର ପାଇଁ ଲମ୍ବା ଧାଡି ଦେଖିବାକୁ ମିଳିଥିବା ବେଳେ କ୍ୟାମେରା ଦେଖି ସାର ଦୋକାନ ବନ୍ଦ କଲେ ଦୋକାନୀ। ଅନ୍ୟପଟେ ସାର ପାଇଁ ଚାଷୀମାନେ ଦୀର୍ଘ ୩ଘଣ୍ଟା ଧରି ଅପେକ୍ଷା କରି ରହିଛନ୍ତି। ଏବେ ଦୋକାନ ବନ୍ଦ ହୋଇଯିବା ଫଳରେ ଚାଷୀମାନେ ସାର ନ ପାଇ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଘଟଣାର ଖବର ପାଇ ଛତ୍ରପୁର ଅତିରିକ୍ତ ତହସିଲଦାର ମନୋଜ କୁମାର ପ୍ରଧାନ ଓ କୃଷି ଅଭରସିୟର ଦୁର୍ଗା ପ୍ରଧାନ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମୋଟ ୨୨୫ବସ୍ତା ସାର ଆସିଛି ସେଗୁଡିକ ପିଓସ ମେସିନରେ ନ ଚଢିବା ଯୋଗୁଁ ଦୋକାନୀ ସାର ବିକ୍ରୀ କରିପାରୁନାହାନ୍ତି। ଲୋକଙ୍କୁ ଡକାଯାଇ କାହିଁକି ହଇରାଣ କରାଯାଇଛି ସେନେଇ ତଦନ୍ତ ଚାଲିଥିବା କହିଛନ୍ତି ଅତିରିକ୍ତ ତହସିଲଦାର ମନୋଜ ପ୍ରଧାନ। ସେପଟେ ୧୦ହଜାର ଚାଷୀଙ୍କ ପାଇଁ ୨୨୫ବସ୍ତା ସାର ପର୍ଯ୍ୟାପ୍ତ ହେଉନାହିଁ। ଏଠି କୌଣସି କଳା ବଜାର କରାଯାଉନଥିବା କହିଛନ୍ତି ଲାଇସେନ୍ସ ପ୍ରାପ୍ତ ୟୁରିଆ ସାର ଦୋକାନୀ ଏସ. ମୁରଲୀ ରେଡ୍ଡୀ।

## ଦୁର୍ଗାପୂଜାରେ ଲଗାଣ ବର୍ଷା; ବେହାଲ୍ କୋଦଳା

କୋଦଳା,୪।୧୦(ସମିସ): ଗଞ୍ଜାମ ଜିଲ୍ଲାରେ ଗଭୀର ଅବପାତ ଫଳରେ ବେଗୁନିଆପଡା ଓ କୋଦଳା ଅଞ୍ଚଳରେ ଦୁର୍ଗାପୂଜାରେ ପ୍ରବଳ ବର୍ଷା ହୋଇଥିଲା। ତୁହାକୁ ତୁହା ବର୍ଷା ଓ ପବନ ଯୋଗୁଁ ବିଦ୍ୟୁତ ସଂଯୋଗ ବନ୍ଦ ହୋଇଥିଲା। ଗୁରୁବାର ପବନର ବେଗ ବଢିଥିବା ବେଳେ ଏହି ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ପବନ ଫଳରେ ବେଗୁନିଆପଡା ବରିଡା ମୁଖ୍ୟ ପୂର୍ତ୍ତ ରାସ୍ତାର ଗୌଡ଼ ଗୌଡୁଣୀ ମନ୍ଦିର ନିକଟ ଦୁଇଟି ସ୍ଥାନରେ ଗଛ ପଡି ଯିବା ଫଳରେ ଗମନା ଗମନ ଠପ ହୋଇଯାଇଛି। ସ୍ଥାନୀୟ ଲୋକେ ଗଛକୁ କାଟି ଗମନା ଗମନ କରିଥିଲେ। ସେହିପରି ଦିଗପଡା, ସୁମଣ୍ଡଳ ଓ ବେଲପଡା ଠାରେ ବିରାଟ ବିରାଟ ଗଛ ପଡିଥିଲା। ଅଗ୍ନିଶମ ବିଭାଗ ପହଞ୍ଚି ଏହାକୁ ହଟାଇଥିଲା। କୋଦଳାରେ ମଧ୍ୟ କିଛି ସ୍ଥାନରେ ଗଛ ଡାଳ ଭାଙ୍ଗିବା ସହିତ ଘରର ଟିଣ ଉଡିଯାଇଥିବା ଦେଖିବାକୁ ମିଳିଥିଲା।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ଛତ୍ରପୁର,୪।୧୦(ସମିସ): ଛତ୍ରପୁର ଥାନା ଅଧିନ ଅର୍ଜୁନପଲ୍ଲୀ ଗ୍ରାମ ନିକଟରେ ଥିବା ଏକ ପୋଖରୀରେ ବୁଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ସେହି ଗ୍ରାମର ଶଙ୍କର ଦାସଙ୍କ ସ୍ତ୍ରୀ ମାନୁ ଦାସ(୬୫)। ସେ ଆଜି ସକାଳୁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ କୌଣସି କାରଣ ବସତଃ ବୁଡିଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲକୁ ଆଣିଥିଲେ। ଏଠରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାର ଖବର ପାଇ ଛତ୍ରପୁର ପୁଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଶେରଗଡ,୪।୧୦(ସମିସ): ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶେରଗଡ଼ ଥାନା ଧନନ୍ତର ଗ୍ରାମର କାହ୍ନୁ ଦାସ (୭୦)। ସେ ଗାଁ ରାସ୍ତା କଡରେ ଥିବା ପୋଖରୀରୁ କଇଁଫୁଲ ସଂଗ୍ରହ କରି ବିକ୍ରି କରୁଥିଲେ। ୨ ତାରିଖରେ ଦଶହରା ଥିବାରୁ ୧ ତାରିଖରେ କାହ୍ନୁ ଫୁଲ ସଂଗ୍ରହ କରିବାକୁ ଅପରାହ୍ନରେ ପୋଖରୀକୁ ଯାଇଥିଲେ। ଫୁଲ ସଂଗ୍ରହ କରୁଥିବାବେଳେ କୌଣସି କାରଣରୁ ବୁଡ଼ି ପ୍ରାଣ ହରାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ୍ୟ ସନ୍ଧାନ ପାଇନଥିଲେ। ୨ ତାରିଖ ସକାଳୁ ପୋଖରୀରେ ଶବ ଭାସୁଥିବା ଦେଖି ଗ୍ରାମବାସୀ ଉଦ୍ଧାର କରିଥିଲେ। ପରିବାର ଲୋକେ ପହଞ୍ଚି ଶବ ଚିହ୍ନଟ କରିଥିବାବେଳେ ପୁଲିସ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁଙ୍କ ପରଲୋକ

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ଶେଷକୃତ୍ୟ ସମ୍ପନ୍ନ





ଶେରଗଡ଼,୪।୧୦(ସମିସ): କୃଷ୍ଣଲୀଳା ଗୁରୁ ଗୋପୀନାଥ ସ୍ୱାଇଁଙ୍କ ଦଶହରା ଅର୍ଥାତ୍ ଗତ ୨ ତାରିଖ ସକାଳ ପ୍ରାୟ ୭ଟାରେ ପରଲୋକ ଘଟିଛି। କୃଷ୍ଣଲୀଳା ନାଚର ପ୍ରଚାର ପ୍ରସାର ସହିତ ସୁବିଖ୍ୟାତ କରିଥିବା ହେତୁ ତାଙ୍କୁ ୨୦୨୩ରେ ଭାରତ ସରକାରଙ୍କ ତରଫରୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଗୁରୁ ଗୋପୀନାଥ ସ୍ୱାଇଁ ୧୦୭ ବର୍ଷରେ ପଦାର୍ପଣ କରିବା ପରେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇଥିଲେ। କିଛିଦିନ ପୂର୍ବରୁ ସେ ଅସୁସ୍ଥ ଥିବା ଜାଣି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଭେଟିବା ସହ ସରକାରଙ୍କ ତରଫରୁ ସମସ୍ତ ଚିକିତ୍ସା ଦାୟିତ୍ୱ ବହନ କରାଯାଇଥିଲା। ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁଙ୍କ ମୃତ୍ୟୁଖ ବର ପାଇ ରାଜ୍ୟ ସରକାରଙ୍କ ବାଣିଜ୍ୟ, ପରିବହନ ଓ ଖଣିଜ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଆସିକା ଏସଡିପିଓ ସନ୍ତୋଷ କୁମାର ଜେନା, ବିରୋଧୀ ଦଳ ନେତାଙ୍କ ଡିଆରଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ସ୍ଥାନୀୟ ବିଡିଓ ତୃପ୍ତିମୟୀ ଜେନା, ଥାନାଧିକାରୀ ବରେନ୍ଦ୍ର ସିଅଳ, ଆରଡବ୍ଲ୍ୟୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ଶଶାଙ୍କ କୁମାର ପାଢ଼ୀ ପ୍ରମୁଖଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଏହି ଅବସରରେ ସରକାରଙ୍କ ତରଫରୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଗାର୍ଡ ଅଫ ଅନର ଦିଆଯିବା ପରେ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ‘ଏକ୍ ପେଡ୍ ଯବାନ୍‌କେ ନାମ୍’

## ୧୫୬ ପରିବାର ଲଗାଇଲେ୧୫୬ ଗଛ



କବିସୂର୍ଯ୍ୟନଗର,୪।୧୦(ସମିସ): ଅବସରପ୍ରାପ୍ତ ସୈନିକସଂଘଓମା’କ୍ଲିନିକପକ୍ଷରୁ‘ଏକ୍‌ପେଡ୍‌ଯବାନ୍‌କେ ନାମ୍’ ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ନୂତନ ଅବସର ସୈନିକ ସଂଘ ପାଇଁ ଉଦ୍ଦିଷ୍ଟ ଜାଗାରେ ଅନୁଷ୍ଠିତ ହୋଇଛି। ଏଥିରେ ୧୫୬ ଟି ପରିବାର ସାମିଲ ହୋଇ ୧୫୬ଟି ଚାରା ଲଗାଇଥିଲେ। ଏହାର ରକ୍ଷଣାବେକ୍ଷଣ ପାଇଁ ସମସ୍ତ ଦାୟିତ୍ୱ ନିର୍ବାହ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଡା. କଂଗ୍ରେସ ପ୍ରଧାନଙ୍କ ନେତୃତ୍ୱରେ ସରିତା ପ୍ରଧାନ, ମୀରାବାଇ ଦେଓ, ବାଳକୃଷ୍ଣ ପଟ୍ଟନାୟକ, ବିନୁ ବେହେରା, ମନୀଷା ବେହେରା, ପିଙ୍କି ପ୍ରଧାନ, ସନ୍ତୋସୀ କୁମାରି ଡାକୁଆ, ସବିତା ସ୍ୱାଇଁ ସମେତ ୧୫୬ ପରିବାର ଓ ୨୨ ଜଣ ଚାଷୀ ସାମିଲ ହୋଇଥିଲେ।

## ଖଲ୍ଲିକୋଟ ବଡ଼ ଘାଟିରେ ଓଲଟିଲା ଆମ୍ବୁଲାନ୍ସ; ୪ ଗୁରୁତର




ଖଲ୍ଲିକୋଟ,୪।୧୦(ସମିସ): ଖଲ୍ଲିକୋଟ ବଡଘାଟିରେ ଏକ ଘରୋଇ ଆମ୍ବୁଲାନ୍ସ ଆଜି ସନ୍ଧ୍ୟାରେ ଭାରସାମ୍ୟ ହରାଇ ଓଲଟି ପଡିଛି। ଫଳରେ ଆମ୍ବୁଲାନ୍ସରେ ଥିବା ୪ଜଣ ଗୁରୁତର ଆହତ ହୋଇଛନ୍ତି। ଆମ୍ବୁଲାନ୍ସଟି ଚେନ୍ନାଇର ପିଏସପି ହସ୍ପିଟାଲରୁ ଏକ ମୃତଦେହ ନେଇ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା। ୧୬ନମ୍ବର ଜାତୀୟ ରାଜପଥର ଖଲ୍ଲିକୋଟ ବଡ ଘାଟିରେ ଓଲଟି ପଡ଼ିଥିଲା। ଏଥିରେ ବସିଥିବା ପଶ୍ଚିମବଙ୍ଗର ଶେଙ୍କା ମୁଣ୍ଡା, ଆବୁତ୍ ଆଲିଫ୍, ଦୁଃଖୀରାମ ଲାହୋର ଗୁରୁତର ଆହାତ ହୋଇ ଥିବାବେଳେ ଆମ୍ବୁଲାନ୍ସ ଡ୍ରାଇଭର ଆଦନ ଦୀର୍ଘ ସମୟ ଧରି ଦୁର୍ଘଟଣା ଗ୍ରସ୍ତ ଗାଡି ଭିତରେ ଚାପି ହୋଇ ରହିଥିଲେ। ଖଲ୍ଲିକୋଟ ଅଗ୍ନିଶମ ବାହିନୀ ଗ୍ୟାସ କଟରରେ ଗାଡିକୁ କାଟି ଡ୍ରାଇଭରଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ଥିବାରୁ ଏଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲ କୁ ସ୍ଥାନାନ୍ତର କରାଯାଇଛି।

## କାର ଧକ୍କାରେ ଦୁଇ ଆହତ



ଆସିକା,୪।୧୦(ସମିସ): କୋଟିନଡା ଥାନା ଅନ୍ତର୍ଗତ ନୁଆଁପଲ୍ଲି ଛକ ନିକଟରେରେ ଦୁର୍ଘଟଣା ଘଟିଛି। ଆସିକା ପଟୁ କୋଦଳା ଯାଉଥିବା କାରଟି କବିସୂର୍ଯ୍ୟନଗର ପଟୁ ଆସିକା ଅଭିମୁଖେ ଆସୁଥିବା ସ୍କୁଟି ଆରୋହୀଙ୍କୁ ଧକ୍କା ଦେଇଥିଲା। ପ୍ରଥମେ ଏକ ଗାଇକୁ ଧକ୍କା ଦେଇ ଜଣଙ୍କ ଘର ଭିତରକୁ ପଶି ଯାଇଥିଲା। ଫଳରେ କାର ଚାଳକ ଅଳ୍ପକେ ବର୍ତ୍ତିଥିଲେ। ଏହି ରାସ୍ତା ଦେଇ ଯାଉଥିବା ଦୁଇ ସ୍କୁଟି ଚାଳକ ଆହତ ହୋଇଥିଲେ। ସେମାନେ ହେଲେ ଆସିକା ଅଞ୍ଚଳର ଅମ୍ବିକା ପାତ୍ର ଓ ମନୋଜ ପାତ୍ର। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

## ଋଷିକୁଲ୍ୟାରେ ଭାସିଯାଇ ଯୁବକ ନିଖୋଜ

ଧରାକୋଟ,୪।୧୦(ସମିସ): ଧରାକୋଟ ବ୍ଲକ ମୁଣ୍ଡମରାଇ ପଞ୍ଚାୟତ ଅନ୍ତର୍ଗତ ପୋଡ଼ାପଲି ଗ୍ରାମର ବୁଲୁ ପ୍ରଧାନ ଓ ପ୍ରମଦା ପ୍ରଧାନଙ୍କ ପୁଅ ଶୁଭମ୍ କୁମାର ପ୍ରଧାନ (୧୭) ଶନିବାର ଋଷିକୁଲ୍ୟା ନଦୀକୁ ଗାଧୋଇବାକୁ ଯାଇ ଭାସି ଯାଇଥିଲେ। ଖବର ପାଇ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି, ଧରାକୋଟ ଓ ଆସିକା ଦମକଳ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିନଥିଲା। ପ୍ରକାଶ ଯୋଗ୍ୟ ଶୁଭମ ବ୍ରହ୍ମପୁର ସ୍ଥିତ ବେଦବ୍ୟାସ କଲେଜରେ ଯୁକ୍ତ ଦୁଇ ପଢୁଥିଲେ। ଏହି ଘଟଣା ଧରାକୋଟ ଅଞ୍ଚଳରେ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି।

### ● କାଜୁ ଜଙ୍ଗଲରୁ ନାବାଳକ ଶବ ଉଦ୍ଧାର ଘଟଣା

## ବାଳସୁଧାର ଗୃହ ଗଲା ହତ୍ୟାକାରୀ ସାଙ୍ଗ

ଆସିକା/ବେଲଗୁଣ୍ଠା,୪।୧୦(ସମିସ): ଗାଙ୍ଗପୁର ଥାନା ଅନ୍ତର୍ଗତ ଖଣ୍ଡରାବଳୀ ଗ୍ରାମର ନାବାଳକ ଅମର ବିଷୋୟୀ (୧୪)ଙ୍କ ମୃତଦେହ ଉଦ୍ଧାର ଘଟଣାରେ ଗାଙ୍ଗପୁର ପୁଲିସ୍ ଅନ୍ୟ ଜଣେ ନାବାଳକକୁ ବାଳସୁଧାର ଗୃହକୁ ପଠାଇଛି। ସୂଚନା ପ୍ରକାରେ ଗତ ମାସ ୨୮ ତାରିଖରେ ଗାଙ୍ଗପୁର ଥାନା ଖଣ୍ଡରାବଳି ଗ୍ରାମର ମନସା ବିଷୋୟୀଙ୍କ ନାବାଳକ ପୁଅ ଅମର ବିଷୋୟୀ (୧୪)ଘରୁ ନିଖୋଜ ଥିଲେ। ଖୋଜାଖୋଜି କରି ପୁଅକୁ ନ ପାଇବାରୁ ମନସା ଗାଙ୍ଗପୁର ଥାନାରେ ଏକ ନିଖୋଜ ଏତଲା ଦେଇଥିଲେ। ଘଟଣାକୁ ନେଇ ୫୫୪/୨୫ରେ ଏକ ନିଖୋଜ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗତ ୩୦ତାରିଖରେ ଉକ୍ତ ନାବାଳକର ମୃତଦେହ ରାମନାପଲି ଗ୍ରାମ ନିକଟବର୍ତ୍ତୀ କାଜୁ ଜଙ୍ଗଲରୁ ଉଦ୍ଧାର ହୋଇଥିଲା। ଘଟଣାସ୍ଥଳରୁ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ, ଅମରକୁ ତାର ଜଣେ ନାବାଳକ ବନ୍ଧୁ ହତ୍ୟା କରିଛି। ମୃତକକୁ ହତିଆର ସାହାଯ୍ୟରେ ଆକ୍ରମଣ କରିବା ପରେ ମୃତଦେହକୁ ନିକଟସ୍ଥ ବୁଦାରେ ଲୁଚାଇ ରଖାଯାଇଥିଲା। ଅପରାଧରେ ବ୍ୟବହୃତ ହତିଆରକୁ ଜଙ୍ଗଲ ଭିତରୁ ପୁଲିସ ଜବତ କରିବା ସହ ସମ୍ପୃକ୍ତ ନାବାଳକକୁ ଗିରଫ କରି ଛତ୍ରପୁର ଅତିରିକ୍ତ ଜେଜେବି କୋର୍ଟକୁ ଚାଲାଣ କରାଯାଇଥିବା ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ ସୂଚନା ଦେଇଛନ୍ତି।

## କୋଚିଂ ସେଣ୍ଟରରେ ଛାତ୍ରଙ୍କୁ ମାଡ଼!

ଖଲ୍ଲିକୋଟ,୪।୧୦(ସମିସ): କୋଚିଂ ସେଣ୍ଟରରେ ଛାତ୍ରଙ୍କୁ ମାଡ଼ ଅଭିଯୋଗ। କୋଚିଂ ଯାଇ ନଥିବାରୁ ଛାତ୍ରଙ୍କୁ ଆଖି ବୁଜା ମାଡ଼ ମାରିଛନ୍ତି ଶିକ୍ଷକ। ଖଲ୍ଲିକୋଟ ସାମନ୍ତ ସାହିରେ ଥିବା ବିଦ୍ୟାର୍ଥୀ କୋଚିଂ ସେଣ୍ଟରର ଦୁଇ ଜଣ ଶିକ୍ଷକ ଖଲ୍ଲିକୋଟ ବଜାରରୁ ଉଠାଇ ନେଇ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଗୁରୁତର ଛାତ୍ର ଜଣକ ହେଲେ ଖଲ୍ଲିକୋଟର ଉନ୍ନତ ବେହେରା। ଉନ୍ନତ ବିଦ୍ୟାର୍ଥୀ କୋଚିଂ ସେଣ୍ଟରରେ କୋଚିଂ ନେଉଥିଲେ। ସେ କେନ୍ଦ୍ରୀୟ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର। ଦଶହରାରେ ଖଲ୍ଲିକୋଟରେ ରାମାୟଣ ନାଟକ ହେଉଥିବାରୁ ଉନ୍ନତ କୋଚିଂ ଯାଇନଥିଲେ। ଫଳରେ କୋଚିଂ ସେଣ୍ଟର ଶିକ୍ଷକ ତାଙ୍କୁ ଖଲ୍ଲିକୋଟରେ ଖୋଜିଥିଲେ। ରାମାୟଣ ଯାତ୍ରା ପାଖରୁ କୋଚିଂ ସେଣ୍ଟରର ଶିକ୍ଷକ ଉନ୍ନତକୁ ଉଠାଇ ନେଇ କୋଚିଂ ସେଣ୍ଟରରେ ମାଡ଼ ମାରିଥିଲେ। ଉନ୍ନତ ଘରକୁ ଗଲାପରେ ପରିବାର ଲୋକ ତାଙ୍କୁ ଖଲ୍ଲିକୋଟ ମେଡିକାଲରେ ଭର୍ତ୍ତି କରିଛନ୍ତି। ଏନେଇ ଛାତ୍ରଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିଛନ୍ତି।

## ଜୁଆ ଆଡ୍ଡାରେ ଚଢ଼ଉ; ୧୩ ଗିରଫ

ପୋଲସରା,୪।୧୦(ସମିସ): ପୋଲସରା ଥାନା ପୁଲିସ ଦୁଇଟି ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ନଗଦ ୪୧ ହଜାର ୨୦୦ଶହ ୫୦ ଟଙ୍କା ଜବତ କରିବା ସହ ୧୩ ଜଣ ଜୁଆ ଖେଳାଳିଙ୍କୁ ଗିରଫ କରିଛି। ପୋଲସରା ଥାନା ଅନ୍ତର୍ଗତ ରାଣୀପଡ଼ା ଏବଂ ଚିରିକିପଡା ଶାସନ ଗ୍ରାମ ନିକଟରେ ଚାଲିଥିବା ଏହି ବେଆଇନ ଜୁଆ ଆଡ୍ଡା ଉପରେ ପୁଲିସ ଅତର୍କିତ ଚଢ଼ାଉ କରିଥିଲା। ଏନେଇ ପୋଲସରା ଥାନାରେ ଦୁଇଟି ପୃଥକ ପୃଥକ ଭାବେ କେସ ନମ୍ବର ୭୧୧,୭୧୨/୨୫ ମାମଲା ରୁଜୁକରି ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲସରା ଥାନାଧିକାରୀ କୌଶିକ ମାଝୀ କହିଛନ୍ତି।

## ୧୩ ଜୁଆଡ଼ି ଗିରଫ ଟଙ୍କା ଜବତ

ବୁଗୁଡା,୪।୧୦(ସମିସ): ବୁଗୁଡ଼ା ଥାନା ଅନ୍ତର୍ଗତ ନଗୁଡ୍ଡୁ, ଚିଲିଖମା ଓ ସଙ୍କୁରୁ ଆଦି ୩ଟି ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ଉ କରି ପୁଲିସ ୧୩ ଜୁଆଡ଼ିଙ୍କୁ ଗିରଫ କରିବା ସହ ୪୧ ହଜାର ୧୮୦ ଟଙ୍କା, ଅନେକ ମୋବାଇଲ୍ ଓ ତାସ୍‌ମୁଠା ଜବତ କରିଛି। ଗତ ଗୁରୁବାର ରାତିରେ ନଗୁଡ୍ଡୁ ଗ୍ରାମ ଛକରେ ଚାଲିଥିବା ଜୁଆଖେଳ ଉପରେ ଚଢ଼ଉ କରି ୬ ଜୁଆଡ଼ିଙ୍କୁ ଗିରଫ ସହ ୨୮,୪୮୦ ଟଙ୍କା, ୫ଟି ମୋବାଇଲ ଓ ୫ଟି ତାସକାଟା ଜବତ କରିଥିଲା ବେଳେ ସଙ୍କୁରୁ ଗ୍ରାମର ରୋଡସାହିରେ ଚାଲିଥିବା ଜୁଆଖେଳ ଉପରେ ଚଢାଉ କରି ୪ ଜୁଆଡ଼ିଙ୍କୁ ଗିରଫ ସହ ୭,୧୪୦ ଟଙ୍କା ଓ ତାସକାଟା ଜବତ କରାଯାଇଥିଲା। ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ନେତୃତ୍ୱରେ ଏହି ଚଢ଼ଉ ହୋଇଥିବା ବେଳେ ଏଥିରେ ଏସ୍‌ଆଇ ବିନାୟକ ବିଧାର ଓ ଜ୍ୟୋତିଶ୍ରୀ ସାହୁ, ଏଏସ୍‌ଆଇ ସୁମନ୍ତ କୁମାର ବେହେରା, ରାଜକୁମାର ମହାପାତ୍ର ଓ ବାପୁଜୀ ଖଣ୍ଡଗିରିଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ଲଘୁଚାପ ପ୍ରଭାବରେ ବର୍ଷା ପବନ; ଫିକା ପଡ଼ିଲା ଦଶହରା



ଖଲ୍ଲିକୋଟ,୪।୧୦(ସମିସ): ଏହି ଅଞ୍ଚଳରେ ଲଘୁଚାପ ଜନିତ ପ୍ରବଳ ବର୍ଷା ଓ ପବନ ଯୋଗୁଁ ବଡ଼ ବଡ଼ ଗଛ ଉପୁଡି ରାସ୍ତା ଉପରେ ପଡିଯାଇଛି। ଦଶହରା ଉତ୍ସବ ଫିକା ପଡିଛି। ଲଘୁଚାପ ଯୋଗୁଁ ଖଲ୍ଲିକୋଟ ଅଞ୍ଚଳରେ ବୁଧବାର ରାତିରୁ ପ୍ରବଳ ବର୍ଷା ଓ ପବନ ଆରମ୍ଭ ହୋଇଥିଲା। ଗୁରୁବାର ଦିନ ସାରା ବର୍ଷା ଓ ପବନ ଲାଗି ରହିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଗୁରୁବାର ଦଶହରା ଥିବାରୁ ଗାଡି ଓ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ର ପୂଜା ରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ବୁଧବାର ମଧ୍ୟରାତ୍ରୀରୁ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଥିଲା। କହ୍ନେଇପୁର, ସାନ ଘାଟି ସମେତ ବିଭିନ୍ନ ସ୍ଥାନରେ ପବନ ଯୋଗୁଁ ବଡ଼ ବଡ଼ ଗଛ ଉପୁଡି ରାସ୍ତା ଉପରେ ପଡିବାରୁ ସେହି ରାସ୍ତା ଦେଇ ଦୀର୍ଘ ସମୟ ଧରି ଯାତାୟତ ଠପ ହୋଇଯାଇଥିଲା। ଖଲ୍ଲିକୋଟ ଅଗ୍ନିଶମ ବାହିନୀର କର୍ମଚାରୀ ମାନେ ପହଞ୍ଚି ରାସ୍ତା ସଫା କରିଥିଲେ। ସେହିଭଳି ଚଳିତବର୍ଷ ବର୍ଷା ଯୋଗୁଁ ଖଲ୍ଲିକୋଟ ସହର ସମେତ ଅନେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ମଞ୍ଚସ୍ଥ ହୋଇପାରିନି। ବୁଧବାର ରାତିରେ ପ୍ରବଳ ପବନ ଯୋଗୁଁ ଲାଇଟ ତୋରଣ ଭାଙ୍ଗି ଯିବା ସହ କିଛି ଲାଇଟ ପବନ ରେ ଉଡି ତଳେ ପଡି ଯାଇଥିଲା।

## ୪୦ ଜୁଆ ଆଡ୍ଡାରେ ଚଢ଼ଉ; ୭ ଲକ୍ଷ ଟଙ୍କା ଜବତ

ଛତ୍ରପୁର,୪।୧୦(ସମିସ): ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଜୁଆ ଆଡ୍ଡା ଓ ବେଆଇନ ବାଣ କାରବାର ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ସମସ୍ତ ଥାନା ଅଧିକାରୀମାନଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଥାନା ପକ୍ଷରୁ ବେଆଇନ ବାଣ କାରବାର ଓ ଜୁଆ ଆଡ୍ଡା ଉପରେ ଚଢାଉ ଜାରି ରହିଛି। ୧୫ସେପ୍ଟେମ୍ବରରୁ ଅକ୍ଟୋବର ୩ ତାରିଖ ମଧ୍ୟରେ ୪୦ଟି ଜୁଆ ଆଡ୍ଡା ରେ ଚଢାଉ କରାଯିବା ସହ ୭ଲକ୍ଷ ୧୦ ହଜାର ୩୪୨ ଟଙ୍କା ଜବତ ହୋଇଛି। ୧୨୪ଟି ମୋବାଇଲ ଫୋନ, ୨୬ଟି ମଟର ସାଇକେଲ ଜବତ ସହ ୨୬୦ଜଣ ଜୁଆଡିଙ୍କୁ ଗିରଫ କରାଯାଇଛି। ସେହିପରି ବେଆଇନ ବାଣ କାରବାରେ ୩୪ଟି ମାମଲା ରୁଜୁ ହେବା ସହ ସେମାନଙ୍କୁ ଆଇନ ଅନୁସାରେ ନୋଟିସ ଦିଆଯାଇଥିବା ବେଳେ ୨ଜଣ ଗିରଫ ହୋଇଥିଲେ। ସମୁଦାୟ ୫୨ଲକ୍ଷ ୫୨ହଜାର ଟଙ୍କାର ବାଣ ଜବତ କରାଯିବା ସହ ଆଇନ ଅନୁସାରେ ସେଗୁଡିକ ନଷ୍ଟ କରିଥିଲା ପୁଲିସ। ଛତ୍ରପୁର ପୁଲିସ ୩ଟି ମାମଲା ରୁଜୁ କରିବା ସହ ୩୦ଲକ୍ଷ ଟଙ୍କାର ବାଣ ଜବତ କରିଥିଲା। ସେହିପରି ଆସିକା ପୁଲିସ ୫ଟି ମାମଲା ରୁଜୁ କରିବା ସହ ୭ଲକ୍ଷ ଟଙ୍କାର ବାଣ ଜବତ କରିଛି। ଗଞ୍ଜାମ ପୁଲିସ ୪ଟି ମାମଲା ରୁଜୁ କରିବା ସହ ୯୦ହଜାର ଟଙ୍କାର ବାଣ, ରମ୍ଭା ଗୋଟିଏ ମାମଲା ରୁଜୁ ସହ ୩୦ହଜାର ଟଙ୍କାର ବାଣ, ଖଲ୍ଲିକୋଟ ଗୋଟିଏ ମାମଲା ରୁଜୁ ସହ ୧୦ହଜାର, ପୁରୁଷୋତ୍ତମପୁର ଗୋଟିଏ ମାମଲା ରୁଜୁ ସହ ୨୫ହଜାର, କବିସୂର୍ଯ୍ୟନଗର ଗୋଟିଏ ମାମଲା ରୁଜୁ ସହ ୨୦ହଜାର, କୋଦଳା ୨ଟି ମାମଲା ରୁଜୁ ସହ ୧୧ହଜାର, ବେଗୁନିଆପଡା ୨ଟି ମାମଲା ସହ ୩୫ହଜାର, ପୋଲସରା ୨ଟି ମାମଲା ସହ ୪୦ ହଜାର, ହିଞ୍ଜିଳି ୨ଟି ମାମଲା ସହ ୭୫ହଜାର, ଶେରଗଡ ଗୋଟିଏମାମଲା ସହ୨ଲକ୍ଷ, ଭଞ୍ଜନଗର୩ଟି ମାମଲା ସହ ୫.୫୬ ଲକ୍ଷ, ବେଲଗୁଣ୍ଠା ୩ଟି ମାମଲା ସହ ୨.୯୦ ଲକ୍ଷ, ବୁଗୁଡା ଗୋଟିଏ ମାମଲା ସହ ୧.୫ ଲକ୍ଷ ଓ ଗାଙ୍ଗପୁର ପୁଲିସ ପକ୍ଷରୁ ୨ଟି ବେଆଇନ ବାଣ କାରବାର ମାମଲା ରୁଜୁ ସହ ୪୦ ହଜାର ଟଙ୍କାର ବାଣ ଜବତ କରିଛି। ଏହି ଚଢାଉ ମଧ୍ୟ ଜାରି ରହିବ ବୋଲି ଗଞ୍ଜାମ ଏସପି ସୂଚନା ଦେଇଛନ୍ତି।

**ଅପର୍ଣ୍ଣା ହତ୍ୟା ମାମଲା**

# ଡାକ୍ତରଙ୍କ ଚୂଡ଼ାନ୍ତ ରିପୋର୍ଟକୁ ଅପେକ୍ଷା

ଭୁବନେଶ୍ୱର,୪।୧୦(ସମିସ): ମହିଳା ଟ୍ରାଫିକ୍ କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟା ଘଟଣାରେ ଗିରଫ କନେଷ୍ଟବଳ ସ୍ୱାମୀ ଦୀପକର ଅଡୁଆ ବଢ଼ିଛି। ପ୍ରଥମ ପତ୍ନୀ ଅପର୍ଣ୍ଣା ରାଉତ ହତ୍ୟା ମାମଲାର ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଉକ୍ତ ମାମଲାର ତଦନ୍ତ କରୁଥିବା କଟକ ଗ୍ରାମାଞ୍ଚଳ ପୁଲିସ ଘଟଣା ସହ ଜଡ଼ିତ ସମସ୍ତଙ୍କୁ ପଚରାଉଚରା କରି ସାରିଲାଣି। ଆର୍ଥିକ ଖୋଳତାଡ଼ ଜାରି ରହିଥିବା ବେଳେ ଡାକ୍ତରଙ୍କ ଚୂଡ଼ାନ୍ତ ରିପୋର୍ଟକୁ ଅପେକ୍ଷା କରିଛି।

୨୦୨୨ ମସିହା ମାର୍ଚ୍ଚ ୧୭ରେ ଦୀପକ ଓ ପ୍ରଥମ ପତ୍ନୀ ଅପର୍ଣ୍ଣା (ରାଜସ୍ୱ ନିରୀକ୍ଷକ) କାର୍ ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିଲେ। ରାଧାକିଶୋରପୁରଠାରେ ଅପର୍ଣ୍ଣା ପରିସ୍ରା ପାଇଁ କାର୍‌ରୁ ଓହ୍ଲାଇଥିବା ବେଳେ ତାଙ୍କୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ଦୀପକ ତାଙ୍କୁ କଟକସ୍ଥିତ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା ଓ ସେଠାରେ ଅପର୍ଣ୍ଣାଙ୍କ ମୃତ୍ୟୁ ହୋଇଥିଲା। କଟକ ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଦୀପକ ଅଭିଯୋଗ ଆଧାରରେ ସେତେବେଳେ ଖୁଣ୍ଟୁଣି ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲା। କିନ୍ତୁ ଦୀପକ ଟ୍ରକ୍ ମାଲିକଙ୍କୁ ଟଙ୍କା ଦେଇ ମିଛ କହିବାକୁ କହିଥିଲା ବୋଲି ସେତେବେଳେ ଟ୍ରକ୍ ମାଲିକ ବୟାନ ଦେଇଥିଲେ। ଦୀପକ ଦେଇଥିବା ଟ୍ରକ୍‌ର ସଂପୃକ୍ତି ନ ମିଳିବାରୁ ପୁଲିସ ଏଫ୍‌ଆରଟି ନୋ-କ୍ଲୁ କରି ମାମଲାକୁ ବନ୍ଦ କରିଦେଇଥିଲା। ଏବେ ଦ୍ୱିତୀୟ ପତ୍ନୀ ଶୁଭମିତ୍ରା



ହତ୍ୟାକାଣ୍ଡରେ ଦୀପକ ଗିରଫ ହେବା ପରେ ଅପର୍ଣ୍ଣାଙ୍କ ମାମଲା ସାମ୍ନାକୁ ଆସିଛି। ଅପର୍ଣ୍ଣାଙ୍କ ଭଉଣୀ ରୋଜାଲିନଙ୍କ ଅଭିଯୋଗ କରିବାରୁ ଖୁଣ୍ଟୁଣି ଥାନା ପୁଲିସ ମାମଲା ରୁଜୁ କରିଛି।

ତଦନ୍ତକାରୀ ଅଧିକାରୀ ଡିଏସପି ଅଜୟ ଦାସ ଦୁର୍ଘଟଣା ମାମଲାର ସମସ୍ତ ନଥିପତ୍ରକୁ ଜବତ କରିଥିଲେ। ଅପର୍ଣ୍ଣାଙ୍କ ପରିବାରର ୮ ଜଣ ସଦସ୍ୟଙ୍କ ସମେତ ଦୁର୍ଘଟଣା ମାମଲାର ତଦନ୍ତକାରୀ ଅଧିକାରୀ, ସାକ୍ଷୀ ଓ ତତ୍କାଳୀନ ଖୁଣ୍ଟୁଣି ଥାନା ଅଧିକାରୀଙ୍କୁ ପଚରାଉଚରା କରିଛନ୍ତି। ଅପର୍ଣ୍ଣାଙ୍କୁ ମୃତ ଘୋଷଣା କରିଥିବା ଡାକ୍ତର ଓ ମୃତଦେହକୁ ବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିଛି ପୁଲିସ। ଏଥିସହ ବ୍ୟବଚ୍ଛେଦ ସମୟରେ ଉପସ୍ଥିତ ଥିବା ଦୀପକର ଭାଇ, ଭାଉଜଙ୍କ ସମେତ ଅନ୍ୟ ବ୍ୟକ୍ତିଙ୍କୁ

**■ ସରିଲା ୨୯ ଜଣଙ୍କ ବୟାନ ରେକର୍ଡ**
**■ ମହିଳା କନେଷ୍ଟବଳଙ୍କୁ ବି ପଚରାଉଚରା**

ମଧ୍ୟ ପଚରାଉଚରା କରାଯାଇଛି। ମୃତ୍ୟୁ ଦିନ ଅପର୍ଣ୍ଣା କାହା କାହା ସହ କଥା ହୋଇଛନ୍ତି ସେନେଇ ମଧ୍ୟ ପୁଲିସ ଖୋଳତାଡ଼ କରିଛି। ଦୀପକର ଧରମ ଭଉଣୀ ତଥା କମିସନରେଟ ପୁଲିସରେ କାର୍ଯ୍ୟରତ ଜଣେ ମହିଳା କନେଷ୍ଟବଳ ଅପର୍ଣ୍ଣାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ ବୋଲି ରୋଜାଲିନ ଅଭିଯୋଗରେ ଦର୍ଶାଇଛନ୍ତି। ଏସବୁ ଦିଗକୁ ଯାଇ ମଧ୍ୟ ପୁଲିସ ତଦନ୍ତ କରିଛି। ସଂପୃକ୍ତ ମହିଳା କନେଷ୍ଟବଳଙ୍କୁ ଡକାଇ ତାଙ୍କ ବୟାନ ରେକର୍ଡ କରିଛି। ଏଯାବତ୍ ଘଟଣା ସହ ଜଡ଼ିତ ପ୍ରାୟ ୨୯ ଜଣଙ୍କ ବୟାନ ରେକର୍ଡ କରି ସାରିଲାଣି ପୁଲିସ।

ଅପର୍ଣ୍ଣାଙ୍କ ମୃତ୍ୟୁ ପୂର୍ବରୁ ଦୀପକ ତାଙ୍କ ନାମରେ ଋଣ ଆଣିଥିଲା ଓ ସେହି ଟଙ୍କାକୁ ମାଛଚାଷ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ନିବେଶ କରିଥିଲା ବୋଲି ଜଣାପଡ଼ିବା ପରେ ଆର୍ଥିକ ଖୋଳତାଡ଼ ଆରମ୍ଭ ହୋଇଛି। ଅପର୍ଣ୍ଣା ଓ ଦୀପକ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ପୁଲିସ ସ୍କାନର୍‌କୁ ଆସିଛି। ଟଙ୍କା ନେଣଦେଣର ସବିଶେଷ ତଥ୍ୟ ମଗାଯାଇଛି। ଏଥିସହ ଅପର୍ଣ୍ଣାଙ୍କ ମୃତ୍ୟୁ ପରେ ବୀମା ବାବଦରେ ଦୀପକ ପ୍ରାୟ ଦେଢ଼ କୋଟି ଟଙ୍କା ହାତେଇଥିଲା। ସେସବୁର ତଥ୍ୟ ମଧ୍ୟ ମଗାଯାଇଛି। ସେପଟେ ଶବ ଡାକ୍ତରଙ୍କ ବୟାନ ରେକର୍ଡ ପରେ ବ୍ୟବଚ୍ଛେଦ ରିପୋର୍ଟକୁ ପୁନଃଯାଞ୍ଚ କରାଯାଉଛି। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଆଉଥରେ ଯାଞ୍ଚ କରୁଛନ୍ତି। ଡାକ୍ତରଙ୍କ ଚୂଡ଼ାନ୍ତ ରିପୋର୍ଟ ବା ମତାମତ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ କହିଛି।

**■ ପାରିବାରିକ କଳହର କରୁଣ ପରିଣତି**

# ସ୍ତ୍ରୀକୁ ପିଟିପିଟି ହତ୍ୟା

ଔପଦା,୪।୧୦(ସମିସ): ପାରିବାରିକ କଳହର କରୁଣ ପରିଣତି। ନିଜ ପରିବାରଠାରୁ ବି ଅଧିକ ବିଶ୍ୱାସ କରି ଯେଉଁ ମଣିଷର ହାତ ଧରିଥିଲେ, ସେ ହିଁ ପିଟିପିଟି ଜୀବନ ନେଇଗଲା। ଏଭଳି ଏକ ଦୁଃଖଦ ତଥା ଲୋମହର୍ଷକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଔପଦା ଥାନା ତଳକିଆ ପଞ୍ଚାୟତ ପ୍ରତାପପୁର ଗାଁରେ। ସ୍ତ୍ରୀକୁ ପିଟିପିଟି ହତ୍ୟା କରିଛି ସ୍ୱାମୀ। ମୃତ ମହିଳାଜଣଙ୍କ ହେଲେ, ମୟୂରଭଞ୍ଜ ଜିଲ୍ଲା ବାରିପଦା ପୂର୍ଣ୍ଣଚନ୍ଦ୍ରପୁର ଗାଁର କୁନୁ ବାଗଙ୍କ କନ୍ୟା ବିଷମା ବାଗ (୨୫)। ଏହି ଘଟଣାରେ ପୁଲିସ ବିଷମାଙ୍କ ସ୍ୱାମୀ ନିଶାକର ମାଣ (୩୩) ଓରଫ ଜଗାକୁ ଗିରଫ କରିଛି।



୪ବର୍ଷ ତଳେ ନିଶାକରଙ୍କୁ ବିଷମା ପ୍ରେମବିବାହ କରିଥିଲେ। ସେମାନଙ୍କର ଅଢ଼େଇ ବର୍ଷର ଏକ କନ୍ୟା ସନ୍ତାନ ଅଛି। ଗତକାଲି ରୋଷେଇକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ବିଷମାକୁ ନିସ୍ତୁକ ମାଡ଼ ମାରିବା ସହ ଜଗା ତାଙ୍କୁ ତଳେ କଚାଡ଼ି ଦେଇଥିଲା। ତେବେ ସନ୍ଧ୍ୟାରେ ବିଷମାଙ୍କ ଅବସ୍ଥା ଗୁରୁତର ହେବାରୁ ଜଗା ସ୍କୁଟିରେ ତାଙ୍କୁ ଖଇରା ମେଡ଼ିକାଲକୁ ନେଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ଦେଖି ଡାକ୍ତର ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ।

୧୦୮ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ନେବା ରାସ୍ତାରେ ବିଷମାର ମୃତ୍ୟୁ ହେବା ଜାଣି ଭୟରେ ଜଗା ନିଜ ଘର ପ୍ରତାପପୁରକୁ ଫେରାଇ ଆଣିଥିଲା। ଖବର ପାଇ ବିଷମାର ବପା କୁନୁ ବାଗ, ମା' ପାର୍ବତୀ ବାଗ ଓ ସମ୍ପର୍କୀୟ ମାନେ ଆଜି ଭୋର ଆସି ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଜଗା ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ତାକୁ କାବୁ କରିଥିଲା।

**■ ବିଜେଡି ଆଇଟି ଓ ସୋସିଆଲ ମିଡିଆ ସେଲ**

## ଅମରେଶ ପତ୍ରୀଙ୍କୁ ସହ ଆବାହକ ଦାୟିତ୍ୱ

ଭୁବନେଶ୍ୱର, ୪।୧୦(ସମିସ): ବିଜେଡି ଆଇଟି ଓ ସୋସିଆଲ ମିଡିଆ ସେଲ କମିଟିରେ ନୂଆ ନିଯୁକ୍ତ ପ୍ରଦାନ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ନୂଆ ନିଯୁକ୍ତିକୁ ଅନୁମୋଦନ ଦେଇଛନ୍ତି। ଏନେଇ ବିଜେଡି ରାଜ୍ୟ କାର୍ଯ୍ୟାଳୟରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ(ଯୁବ ବ୍ୟାପାର) ଅମରେଶ ପତ୍ରୀଙ୍କୁ ଆଇଟି ଓ ସୋସିଆଲ ମିଡିଆ ସେଲର ସହ-ଆବାହକ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି କ୍ୟାମ୍ପେନ୍ ଟିମ୍ ସଂଯୋଜକ ଭାବେ ଜ୍ୟୋତିରଞ୍ଜନ ଜେନା, ରିସର୍ଚ୍ଚ ଟିମ୍ ସଂଯୋଜକ ଭାବେ ବିଶ୍ୱପ୍ରତାପ ସାହୁ, କଣ୍ଟେଣ୍ଟ ରାଇଟର୍ ସଂଯୋଜକ ଭାବେ କୃଷ୍ଣପ୍ରିୟା ମିଶ୍ର ଓ ଲଗ୍ନଜିତ୍ ମହାନ୍ତିଙ୍କୁ ନିଯୁକ୍ତି ମିଳିଛି। ରାଜ୍ୟସ୍ତରୀୟ ଏବଂ ତୃଣମୂଳସ୍ତରୀୟ ଇନଫ୍ଲୁଏନ୍ସର୍ ସଂଯୋଜକ ଭାବେ ରଶ୍ମିରଞ୍ଜନ ମହାନ୍ତି, ଉମେଶ ଜେନା କାର୍ଯ୍ୟ କରିବେ।

## ବିଜେଡି ଆଇଟି ସେଲର ଷ୍ଟିୟରିଂ ଓ କାର୍ଯ୍ୟାନ୍ୱୟନ କମିଟି ଗଠିତ

ଭୁବନେଶ୍ୱର, ୪।୧୦(ସମିସ): ବିଜେଡି ଆଇଟି ଓ ସୋସିଆଲ ମିଡିଆ ସେଲର ଷ୍ଟିୟରିଂ କମିଟି ଏବଂ କାର୍ଯ୍ୟାନ୍ୱୟନ କମିଟି ଗଠନ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ନୂଆ ନିଯୁକ୍ତିକୁ ଅନୁମୋଦନ ଦେଇଛନ୍ତି। ଷ୍ଟିୟରିଂ କମିଟିରେ ମୋଟ ୧୩ଜଣ ନେତା ସ୍ଥାନ ପାଇଛନ୍ତି। ସେମାନେ ହେଲେ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ପ୍ରତାପ ଜେନା, ସ୍ନେହାଙ୍ଗିନୀ ଛୁରିଆ, ସୁଲତା ଦେଓ, କଳିକେଶ ନାରାୟଣ ସିଂହଦେଓ, ମହେଶ ସାହୁ, ପ୍ରୀତିରଞ୍ଜନ ଘଡାଇ, ତୁଷାରକାନ୍ତି ବେହେରା, ପ୍ରଣବ କୁମାର ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବେଶ ଆଚାର୍ଯ୍ୟ ଓ ଭୃଗୁ ବକ୍ସିପାତ୍ର। ସେହିପରି କାର୍ଯ୍ୟାନ୍ୱୟନ କମିଟିରେ ୧୫ଜଣ ନେତାଙ୍କୁ ସ୍ଥାନ ମିଳିଛି। ସେମାନେ ହେଲେ, ସୁଲୋଚନା ଦାସ, ସୁନୀଲ କୁମାର ମହାନ୍ତି, ଶର୍ମିଷ୍ଠା ସେଠୀ, ଲେଖାଶ୍ରୀ ସାମନ୍ତସିଂହାର, ବର୍ଷା ସିଂ ବରିହା, ରୁଦ୍ରପ୍ରତାପ ମହାରଥୀ, ମନ୍ମଥ କୁମାର ରାଉତରାୟ, ଅବିନାଶ ସାମଲ, ବିଷ୍ଣୁବ୍ରତ ରାଉତରାୟ, ଡ. ଲେନିନ୍ ମହାନ୍ତି, ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ସୁଶ୍ରୀ ରଞ୍ଜିତା ସାହୁ, ଚିନ୍ମୟ କୁମାର ସାହୁ, ଇପ୍ସିତା ସାହୁ ଓ ସ୍ୱୟମପ୍ରକାଶ ମହାପାତ୍ର।

## ଦାଦନ ସର୍ଦ୍ଦାର ଘରୁ ୫୫ ଶ୍ରମିକ ଉଦ୍ଧାର

କଣ୍ଟାବାଞ୍ଜି, ୪ ।୧୦ (ସମିସ): ବଲାଙ୍ଗିର ସହରର ୮ ନମ୍ବର ୱାର୍ଡର ଦୁଇଜଣ ଦାଦନ ସର୍ଦ୍ଦାରଙ୍କ ଘରୁ କଣ୍ଟାବାଞ୍ଜି ପୁଲିସ ୫୫ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଦାଦନ ସର୍ଦ୍ଦାର ପ୍ରକାଶ ବେହେରା (୩୭) ଏବଂ ବ୍ରଜେଶ ବେହେରା (୩୫) ଘରୁ ଏମାନେ ଉଦ୍ଧାର ହୋଇଛନ୍ତି। ଉଦ୍ଧାର ଶ୍ରମିକମାନେ ନୂଆପଡ଼ା ଜିଲ୍ଲା ଓ ତୁରେକେଲା ଥାନା ଅଞ୍ଚଳର। ଏମାନଙ୍କ ମଧ୍ୟରେ ୨୫ଜଣ ପୁରୁଷ, ୧୬ମହିଳା, ୧୪ଜଣ ବାଳକ/ବାଳିକା ରହିଛନ୍ତି। ଘଟଣାସ୍ଥଳରୁ ୧ଲକ୍ଷ ୬୭ ହଜାର ଟଙ୍କା, ଗୋଟିଏ ଲାପ୍‌ଟପ୍, କାଗଜପତ୍ର, ୧ହଜାର ଶ୍ରମିକଙ୍କ ଆଧାର, ଭୋଟର କାର୍ଡ, ଖେଳଣା ବନ୍ଧୁକ ଜବତ ହୋଇଛି। କଣ୍ଟାବାଞ୍ଜି ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଏହି ସୂଚନା ଦେଇଛନ୍ତି। ପୁଲିସ ସୂଚନାନୁଯାୟୀ, ଏ ସମସ୍ତଙ୍କୁ ଦାଦନ ସର୍ଦ୍ଦାରଦ୍ୱୟ ନୂଆଁଖାଇ ପୂର୍ବରୁ ଅଗ୍ରିମ ଟଙ୍କା ଦେଇଥିଲେ। ଏବେ ଦଶହରା ଶେଷ ହେଲା ପରେ ରାଜ୍ୟ ବାହାରକୁ ଚାଲାଣ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ଅନ୍ୟପକ୍ଷେ, ଦୁଇ ଅଭିଯୁକ୍ତଙ୍କ ବାପା ହେଉଛି କଣ୍ଟାବାଞ୍ଜି ଅଞ୍ଚଳର ଜଣାଶୁଣା ଦାଦନ ସର୍ଦ୍ଦାର ଅର୍ଜୁନ ବେହେରା। ଗତବର୍ଷ ତା' ମୃତ୍ୟୁ ଘଟିଛି। ତା' ମୃତ୍ୟୁ ପରେ ଦୁଇ ପୁଅ ଏହି ଦାଦାନ ଚାଲାଣ କାମ ଜାରି ରଖିଛନ୍ତି।

# ଆମ୍ବୁଲାନ୍ସ ଭଡ଼ାକୁ ନେଇ ଗଡ଼ିଲା ମୁଣ୍ଡ; ୩ ଗିରଫ

ଅନୁଗୋଳ, ୪ ।୧୦ (ସମିସ): ଆମ୍ବୁଲାନ୍ସ ଭଡ଼ାକୁ କେନ୍ଦ୍ର କରି ଅନୁଗୋଳ ସହରରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ବୁଧବାର ମହାନବମୀ ରାତିରେ ସହରର ହରିମହୁରି ଛକରେ ଦୁର୍ବୃତ୍ତମାନେ ସଂଘବଦ୍ଧ ଭାବେ ଜଣେ ଯୁବକଙ୍କୁ ଆକ୍ରମଣ କରି ହତ୍ୟା କରିଛନ୍ତି। ହତ୍ୟାର ଶିକାର ଯୁବକଜଣଙ୍କ ହେଲେ, ହରିମହୁରି ଛକର ସୌରଭ ବାସାକ। ଦୁର୍ବୃତ୍ତମାନଙ୍କ ଆକ୍ରମଣରେ ତାଙ୍କ ଭାଇ ଗୌରବ ବାସାକ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣାରେ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ଅନୁଗୋଳ ତାମରିତ କଲୋନୀର ରାହୁଲ ଅନୁରାଗ ସାହୁ (୨୮), ଢେଙ୍କାନାଳ ସହର ଦୋଳମଣ୍ଡପ ସାହିର ମନୋଜ ବେହେରା ଓରଫ୍ ବାଗା (୩୫) ଓ ଅନୁଗୋଳ ହୁଲୁରସିଂଘାର ସମ୍ବିତ ସାହୁ ଓରଫ ବାବା (୨୬)। ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ରମାକାନ୍ତ ମହାଲିକ ଏ ସଂପର୍କରେ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଅଭିଯୁକ୍ତ ରାହୁଲ ତାଙ୍କ ଅସୁସ୍ଥ କୁକୁରର ଚିକିତ୍ସା ପାଇଁ କଟକ ନେବାକୁ ସୌରଭ ବାସାକଙ୍କ ଆମ୍ବୁଲାନ୍ସ ଭଡ଼ାରେ ନେଇଥିଲେ। କଟକ ଯିବା ବାଟରେ ଗୁଡ଼ିଆକଟେଣୀ ନିକଟରେ ଆମ୍ବୁଲାନ୍ସର ଏସିରେ ଯାନ୍ତ୍ରିକ ସମସ୍ୟା ଦେଖାଦେଇଥିଲା। ତେଣୁ ସୌରଭଙ୍କ ସହ ଯୋଗାଯୋଗ କରି ରାହୁଲ ଅନ୍ୟ ଏକ



ଆମ୍ବୁଲାନ୍ସରେ କଟକ ଯାଇଥିଲେ। ତେବେ ପରେ ଦ୍ୱିତୀୟ ଆମ୍ବୁଲାନ୍ସର ଭଡ଼ାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ରାହୁଲ ଏଥିରେ ଉତ୍ୟକ୍ତ ହୋଇ ସୌରଭଙ୍କୁ ହରିମହୁରି ଛକକୁ ଆସିବାକୁ ଫୋନ୍‌ରେ ଡାକିଥିଲେ। ସେଠାରେ ପୂର୍ବରୁ ରାହୁଲଙ୍କ ସମେତ ତାଙ୍କ ସହଯୋଗୀ ମନୋଜ ବେହେରା ଓ ସମ୍ବିତ ସାହୁ ଉପସ୍ଥିତ ଥିଲେ। ସୌରଭ ପହଞ୍ଚିବା ପରେ ଅଭିଯୁକ୍ତମାନଙ୍କ ସହ ତାଙ୍କର ବଚସା ବଢ଼ିଥିଲା। ରାହୁଲ ଓ ତାଙ୍କ ସହଯୋଗୀମାନେ ଏକ ଚାପଡ଼ରେ ସୌରଭଙ୍କୁ ଆକ୍ରମଣ କରିଥିଲେ। ସୌରଭଙ୍କ ଚିତ୍କାର ଶୁଣି ତାଙ୍କ ଭାଇ ଗୌରବ ଆସି ପହଞ୍ଚିଯିବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଦୁଇଭାଇଙ୍କୁ ପ୍ରଥମେ ଅନୁଗୋଳ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୌରଭଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୪ଟି ମୋବାଇଲ୍ ଫୋନ୍, ହତ୍ୟାକାଣ୍ଡରେ ବ୍ୟବହୃତ ଚାପଡ଼, ଅଭିଯୁକ୍ତଙ୍କ ରକ୍ତଛିଟା ଲଗା ପୋଷାକ ଆଦି ଜବତ କରିଛି। ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ରହିଥିବା ଯାଞ୍ଚ ବେଳେ ଜଣାପଡ଼ିଛି। ଅନୁଗୋଳ ଥାନା ଆଇଆଇସି ଧୀରେଶ କୁମାର ଦାସ, ଏସ୍‌ଆଇ ଆଶିଷ କୁମାର ସ୍ୱାଇଁ, ଗୋବିନ୍ଦା ଚନ୍ଦ୍ର ସାହୁ, ଆଦିତ୍ୟ ପଟ୍ଟନାୟକଙ୍କୁ ନେଇ ଗଠିତ ପୁଲିସ ଟିମ୍ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲେ। ଏହି ମାମଲାର ଅଧିକ ତଦନ୍ତ ଜାରି ରହିଥିବା ଏସଡିପିଓ ମହାଲିକ ସୂଚନା ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଛଅ ଘଣ୍ଟିଆ ଦିଲ୍ଲୀ ଗସ୍ତ

ଭୁବନେଶ୍ୱର,୪।୧୦(ସମିସ): ଶନିବାର ଦିନିକିଆ ଗସ୍ତରେ ନୂଆଦିଲ୍ଲୀ ଯାଇ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ସେ ଉପ ରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ସାକ୍ଷାତ କରିଛନ୍ତି। ଏନେଇ ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ

**■ ନବନିର୍ବାଚିତ ଉପରାଷ୍ଟ୍ରପତିଙ୍କୁ ଭେଟି ଜଣାଇଲେ ଶୁଭେଚ୍ଛା**
**■ ବିଜେପି ରାଷ୍ଟ୍ରୀୟ ସଭାପତିଙ୍କ ସହ ସାଙ୍ଗଠନିକ ଆଲୋଚନା**

ଆଜି ନୂଆଦିଲ୍ଲୀରେ ଉପରାଷ୍ଟ୍ରପତିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବାର ସୁଯୋଗ ପ୍ରାପ୍ତ ହେଲା ।ଏହି ଅବସରରେ ରାଜ୍ୟରେ ଆମ ସରକାରଙ୍କ ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣ ଯୋଜନା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କଲି। ଉପରାଷ୍ଟ୍ରପତିଙ୍କୁ 'ଓଡ଼ିଶା ଭିଜନ୍ ୨୦୩୬ ଏବଂ ୨୦୪୭' ପ୍ରଦାନ କରି ରାଜ୍ୟର ଦୀର୍ଘମିଆଦୀ ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଲି । ତାଙ୍କର ପ୍ରେରଣା ଓ ମାର୍ଗଦର୍ଶନ ପାଇଁ କୃତଜ୍ଞ ବୋଲି ସେ ଉଲ୍ଲେଖ କରିଛନ୍ତି। ସେହିପରି ବିଜେପି ରାଷ୍ଟ୍ରୀୟ ସଭାପତି ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କ ସହ ବିଭିନ୍ନ ସାଙ୍ଗଠନିକ ବିଷୟ, ରାଜନୈତିକ ପରିସ୍ଥିତି ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## ବନ୍ଧୁକ ଦେଖାଇ ମହିଳାଙ୍କୁ ଅପହରଣ

ବାରିପଦା, ୪ ।୧୦ (ସମିସ): ଏକ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଜଣେ ମହିଳା କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଅପହରଣ କରାଯାଇଥିବା ନେଇ ଭଞ୍ଜପୁର ଥାନାରେ ଅଭିଯୋଗ ହୋଇଛି। ଅପହରଣର ଶିକାର ମହିଳାଜଣଙ୍କ ହେଲେ, ରଘୁନାଥପୁର ଅଞ୍ଚଳର ସବିତା ପାତ୍ର। ସବିତା ସ୍କୁଲରୁ ଡ୍ୟୁଟି ସାରି ଅପରାହ୍ଣରେ ଘରକୁ ଫେରୁଥିଲେ। ଏହି ସମୟରେ ଲିଟୁ ନାମକ ଜଣେ ବ୍ୟକ୍ତି ତାଙ୍କୁ ଅଟକାଇଥିଲା। ସେ କିଛି ବୁଝିବା ପୂର୍ବରୁ ଲିଟୁ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଏକ ଅଟୋରେ ବସିବାକୁ ବାଧ୍ୟ କରିଥିଲା। ସବିତା ଅଟୋରେ ବସିବା ପରେ ସେ ତାଙ୍କ ଉକ୍ତ ଅଟୋରେ ଅପହରଣ କରିନେଇଥିଲା। ସହର ବାହାରକୁ ତାଙ୍କୁ ନେଇଆସିବା ପରେ ଅନ୍ୟ ସହଯୋଗୀଙ୍କ ସହ ମିଶି ତାଙ୍କୁ ଏକ କାର୍‌ରେ ନେଇଯାଇଥିଲା। ସେମାନେ କାର୍ ଭିତରେ ମହିଳାଙ୍କୁ ଏକ ନିଶ୍ଚେତକ ଇଂଜେକସନ୍ ଦେଇ ଅଚେତ କରି କଟକ ବାଦାମବାଡ଼ି ଅଞ୍ଚଳର ଏକ ଘରେ ବନ୍ଦୀ କରି ରଖିଥିଲେ। ତେବେ ଚେତା ଫେରିବା ପରେ ସବିତା ଜୋରରେ ଚିତ୍କାର କରିବାରୁ ସ୍ଥାନୀୟ ଲୋକଙ୍କ ନଜରକୁ ଆସିଥିଲା। ଖବର ପାଇ ବାଦାମବାଡ଼ି ପୁଲିସ ତାଙ୍କୁ ଉଦ୍ଧାର କରିଥିଲା। ପରିବାରଲୋକ ତାଙ୍କୁ ବାରିପଦା ଆଣିବା ପରେ ସବିତା ଏନେଇ ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଅପହରଣ ଓ ଆର୍ମସ୍ ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ବାଦାମବାଡ଼ିରୁ ଉଦ୍ଧାର**

## ୧୦୮ ୫ଟି ଦୁର୍ଗାମେଢ଼କୁ ମିଳିବ ୭ କୋଟି ୧ ଲକ୍ଷ ୪୦ ହଜାର ଟଙ୍କାର ଅନୁଦାନ

ଭୁବନେଶ୍ୱର,୪।୧୦(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟର ୧୦୮୫ଟି ଦଶହରା ଦୁର୍ଗାମେଢ଼କୁ ୭କୋଟି ୧ଲକ୍ଷ ୪୦ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଦୁର୍ଗାମେଢ଼କୁ ୩ଗୋଟି ବର୍ଗରେ ବିଭକ୍ତ କରାଯାଇ ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ୨୧୫ ଐତିହ୍ୟ ସମ୍ପନ୍ନ ଦୁର୍ଗାମେଢ଼ ପାଇଁ ୨ କୋଟି ୧୭ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। ପ୍ରତ୍ୟେକ ଐତିହ୍ୟ ସମ୍ପନ୍ନ ମେଢ଼କୁ ୧ ଲକ୍ଷ ୧ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ସେହିପରି ୭୫ ବର୍ଷ ପୁରୁଣା ୧୯୭ଟି ମେଢ଼କୁ ୧ କୋଟି ୪୭ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯିବ। ଏହି ବର୍ଗରେ ପ୍ରତ୍ୟେକ ମେଢ଼କୁ ୭୫ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ଅନ୍ୟପକ୍ଷରେ ୫୦ ବର୍ଷ ପୁରୁଣା ୬୭୩ମେଢ଼କୁ ୩ କୋଟି ୩୬ ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରାଯିବ। ଏହି ବର୍ଗର ପ୍ରତ୍ୟେକ ମେଢ଼କୁ ୫୦ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ରାଜ୍ୟର ସମୁଦାୟ ୧୦୮୫ ଦଶହରା ଦୁର୍ଗାମେଢ଼ଙ୍କୁ ୭କୋଟି ୧ଲକ୍ଷ ୪୦ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ ନିମନ୍ତେ ନିଷ୍ପତ୍ତି ନେଇ ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଗାଧୋଇବା ବେଳେ ବୁଡ଼ିଗଲେ ଦୁଇ ଭାଇ

ରାଉରକେଲା, ୪।୧୦(ସମିସ): ସୁନ୍ଦରଗଡ଼ ହେମଗିରି ଥାନା ଝୁମ୍ପୁରୁଙ୍ଗା ଗାଁରେ ପୋଖରୀରେ ଗାଧୋଇବା ବେଳେ ଦୁଇଭାଇ ବୁଡ଼ି ପ୍ରାଣ ହରାଇଛନ୍ତି। ସେମାନେ ହେଲେ, ଗ୍ରାମର ଚିତ୍ତ ମାକର ଓ ଦେବାଶିଷ ମାକର। ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପୁଲିସ ଦୁଇଭାଇଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ଏହି ଅଘଟଣ ଘଟିଥିଲା। ଚିତ୍ତ ଓ ଦେବାଶିଷ ଘରଠୁ ଅନତି ଦୂରରେ ଥିବା ଗାଁ ପୋଖରୀକୁ ଗୋଧୋଇବାକୁ ଯାଇଥିଲେ। ଗୋଧୋଇବା ବେଳେ ଦେବାଶିଷ ବୁଡ଼ି ଯାଉଥିବା ଦେଖି ବଡ଼ ଭାଇ ଚିତ୍ତ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ହେଲେ ସେ ମଧ୍ୟ ବୁଡ଼ି ଯାଇଥିଲେ। ପରିବାରଲୋକେ ସେମାନଙ୍କୁ ଖୋଜାଖୋଜି କରି ନ ପାଇବାରୁ ପୁଲିସକୁ ଜଣାଇଥିଲେ। ହେମଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମବାହିନୀ ସହାୟତାରେ ରାତି ପ୍ରାୟ ୧୦ଟାରେ ୨ ଭାଇଙ୍କ ମୃତଦେହ ଉଦ୍ଧାର କରିଥିଲା। ଏନେଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଇଛି।

## ଅମରେନ୍ଦ୍ର ମାଧବ ଦାଶଙ୍କୁ 'ବସନ୍ତ ମୁଦୁଲି କବିତା ପୁରସ୍କାର'

ଭଦ୍ରକ, ୪ ।୧୦(ସମିସ): ଦିବଂଗତ କବି ବସନ୍ତ ମୁଦୁଲିଙ୍କ ସ୍ମୃତିରେ ଗଠିତ କବି ବସନ୍ତ ମୁଦୁଲି ସ୍ମୃତି ସଂସଦ ତରଫରୁ ପ୍ରଦତ୍ତ କବି ବସନ୍ତ ମୁଦୁଲି କବିତା ପୁରସ୍କାର-୨୦୨୫ ପାଇବା ପାଇଁ କବି ଅମରେନ୍ଦ୍ର ମାଧବ ଦାଶ ଯୋଗ୍ୟ ବିବେଚିତ ହୋଇଛନ୍ତି। ସଂସଦର ସଭାପତି



ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ଚୟନ କମିଟି ବୈଠକରେ ପ୍ରାକ୍ତନ ସଭାପତି ରଜନୀକାନ୍ତ ମହାନ୍ତି, ଆବାହକ ଅରୁଣ ଖିଲାର, କାର୍ଯ୍ୟକାରୀ ସଭାପତି ନିରାକାର ଦାସ, ଉପସଭାପତି କିଶୋର ପାଣିଗ୍ରାହୀ, ଯୁଗ୍ମ ସଂପାଦକ ଅମିତାଭ ଖିଲାର, କବିପୁତ୍ର ପାର୍ଥସାରଥି ମୁଦୁଲିଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟର ୪୩ଜଣ ବରିଷ୍ଠ କବିଙ୍କଠାରୁ ଆସିଥିବା ସୁପାରିସକ୍ରମେ କବି ଅମରେନ୍ଦ୍ର ମାଧବ ଦାଶଙ୍କ ନାମ ଚୂଡ଼ାନ୍ତ ହୋଇଥିଲା।

# ଆଇଆଇଏମ୍ ଓଡ଼ିଶାର ବୌଦ୍ଧିକ ଓ ବ୍ୟାବସାୟିକ ଆବଶ୍ୟକତା ପୂରଣ କରିବ: ଧର୍ମେନ୍ଦ୍ର

ସମ୍ବଲପୁର, ୪।୧୦ (ସମିସ) : ଆଇଆଇଏମ, ସମ୍ବଲପୁର ଧୀରେଧୀରେ ବଟବୃକ୍ଷର ରୂପ ନେବା ଆରମ୍ଭ କରିଛି। ଆଗାମୀ ଦିନରେ ଏହା ଓଡ଼ିଶା ସମେତ ଭାରତବର୍ଷର ବୌଦ୍ଧିକ ଓ ବ୍ୟାବସାୟିକ ଆବଶ୍ୟକତାକୁ ପୂରଣ କରିବ ବୋଲି ଗୁରୁବାର ଆଇଆଇଏମ୍, ସମ୍ବଲପୁରର ୧୧ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏହି ଅବସରରେ ଶ୍ରୀ ପ୍ରଧାନ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମରେ ମାଷ୍ଟର ବୁଣାକାରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଆଇଆଇଏମ ଦ୍ୱାରା ସ୍ଥାନୀୟ ବୁଣାକାରମାନଙ୍କୁ ସିଧାସଳଖ ବ୍ୟବସାୟ ସହ ଯୋଡ଼ିବା ଏବଂ ସେମାନଙ୍କ ଦକ୍ଷତା ବଢ଼ାଇବା ପାଇଁ ତିନିବର୍ଷିଆ ଏକ ଯେଉଁ ବିଶେଷ କାର୍ଯ୍ୟକ୍ରମ ହୋଇଥିଲା, ତାହାର ସମାପନ ହୋଇଛି। ପ୍ରତିଷ୍ଠା ଦିବସରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ୫୦ରୁ ଅଧିକ ବୁଣାକାରଙ୍କୁ ଆଇଆଇଏମ ତରଫରୁ ଦକ୍ଷତା ପ୍ରମାଣପତ୍ର ପ୍ରଦାନ କରାଯାଇଛି। କେବଳ ବୁଣାକାର ନୁହେଁ, ନ୍ୟୁ ଏଜ୍ ଇକୋନୋମି ସମୟରେ



କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) କ୍ଷେତ୍ରର ବ୍ୟବସାୟୀଙ୍କ ଦକ୍ଷତା ବଢ଼ାଇବା ପାଇଁ ପ୍ରଶିକ୍ଷଣ ଦେବା ଦିଗରେ ଯୋଜନା କରିବା ପାଇଁ ଆଇଆଇଏମକୁ ପ୍ରସ୍ତାବ ଦେଇଛନ୍ତି ଶ୍ରୀ ପ୍ରଧାନ। ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର ଚାଷୀ ଏବଂ ସବୁ ବର୍ଗର ବ୍ୟବସାୟୀଙ୍କୁ ଆଇଆଇଏମ ସହ ଯୋଡ଼ି ଏକ ନୂଆ 'ଭେଲ୍ୟୁ ଚେନ୍' ସୃଷ୍ଟି କରାଯିବାର କଳ୍ପନା ରହିଛି।

ଶ୍ରୀ ପ୍ରଧାନ ଶିକ୍ଷାନୁଷ୍ଠାନ ପରିସରରେ "ରଙ୍ଗବତୀ ମଞ୍ଚ', କାବେରୀ ଛାତ୍ରାବାସ ଓ କାଫେ ହବ୍ କମ୍ପ୍ଲେକ୍ସ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଓଡ଼ିଶାର ଗୌରବ 'ରଙ୍ଗବତୀ' ଗୀତର ନାମରେ ନାମିତ ଏହି ମଞ୍ଚ ଆମ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର କଳା, ସଂସ୍କୃତି ଓ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ସୁନ୍ଦର ପ୍ଲାଟଫର୍ମ ଦେବ। ଏହା ସମ୍ବଲପୁରର କଳା ଓ ସଂସ୍କୃତିକୁ ବିଶ୍ୱସ୍ତରରେ ପହଞ୍ଚାଇବାରେ ସହାୟକ ହେବ।

**■ ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷାରେ ଜାଲିଆତି ମାମଲା**

# ବିଜେପି ନେତାଙ୍କ ସମ୍ପୃକ୍ତି ଓ ସରକାରୀ ଷଡ଼ଯନ୍ତ୍ରର ଚିଠା ଖୋଲିଲା ବିଜେଡି

ଭୁବନେଶ୍ୱର,୪।୧୦(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାର ଯୋଜନାବଦ୍ଧ ଷଡଯନ୍ତ୍ର ଏବଂ ସରକାରୀ ସମ୍ପୃକ୍ତିର ରହସ୍ୟ ଖୋଲିବାରେ ଲାଗିଛି। ପରୀକ୍ଷା ପୂର୍ବରୁ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ଓପିଆର୍‌ବିର ଅଧ୍ୟକ୍ଷଙ୍କୁ ଅବ୍ୟାହତି ଦିଆଯାଇ ତାଙ୍କ ସ୍ଥାନରେ ନୂତନ ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦିଆଗଲା। ପରୀକ୍ଷାରେ ସହଯୋଗ କରୁଥିବା ଘରୋଇ ସଂସ୍ଥାକୁ ଅଚାନକ ବଦଳାଗଲା। ଉକ୍ତ ସଂସ୍ଥା ଦକ୍ଷତା ନଥିବା ଆଉ ଏକ ଘରୋଇ ସଂସ୍ଥା ଅନଭିଜ୍ଞ ପଞ୍ଚସଫ୍ଟ ଟେକ୍ନୋଲୋଜିକୁ ସହଯୋଗୀ କରି ଚାକିରି ବିକ୍ରି ପାଇଁ ପୁରା ଷଡ଼ଯନ୍ତ୍ର କରିଛି ବୋଲି ଅଭିଯୋଗ କରିଛି ବିଜେଡି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତୁମ୍ବନାଥ ପଣ୍ଡା ଓ ଛାତ୍ରଶାଖା ସଭାନେତ୍ରୀ ଇପ୍ସିତା ସାହୁ ଏହି ଘଟଣାରେ ରାଜ୍ୟ ସରକାରଙ୍କ ସିଧାସଳଖ ସମ୍ପୃକ୍ତି ଥିବା ଅଭିଯୋଗ କରିଛନ୍ତି। ଏହି ଅବସରରେ ସରକାର ଓ ବିଜେପିର ବହୁ ବରିଷ୍ଠ ନେତାମାନଙ୍କ ମୁଖ୍ୟ ଅଭିଯୁକ୍ତର ଫଟୋକୁ ବିଜେଡି ପ୍ରମାଣ ସ୍ୱରୂପ ଗଣମାଧ୍ୟମ ସାମ୍ନାରେ ଉପସ୍ଥାପନ କରିଛି। ପଞ୍ଚସଫ୍ଟ କମ୍ପାନୀର ମୁଖ୍ୟ ଶଙ୍କର ପୃଷ୍ଟି ବିଜେପି ଦଳର ଜଣେ ସଦସ୍ୟ ହୋଇଥିବାବେଳେ ରାଜ୍ୟ ବିଜେପି ସଭାପତି ଏହି ଘଟଣାରେ ତାଙ୍କ ଦଳର କିଛି ସମ୍ପୃକ୍ତି ନ ଥିବା ମନ୍ତବ୍ୟକୁ ମଧ୍ୟ ବିଜେଡି ସମାଲୋଚନା କରିଛି। ଖୋଦ ରାଜ୍ୟ ସଭାପତିଙ୍କ ଉପସ୍ଥିତିରେ ଚାକିରି ବେପାରର ଅନ୍ୟତମ ଷଡ଼ଯନ୍ତ୍ରକାରୀ ଓ ମୁଖ୍ୟ କାର୍ପଟଦାର ଶଙ୍କର ପୃଷ୍ଟି ବିଜେପିରେ ଯୋଗ ଦେଇଥିଲେ ବୋଲି ବିଜେଡି କହିଛି।

**ଲାଞ୍ଚ ଦେଇଥିବା ଲୋକ ଗିରଫ, ଲାଞ୍ଚ ନେଇଥିବା ଲୋକ ବାହାରେ**

ସେହିପରି ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ପ୍ରସଙ୍ଗରେ ଦେଇଥିବା ଟିପ୍ପଣୀକୁ ମଧ୍ୟ ବିଜେଡି ସମାଲୋଚନା କରିଛି। ତୁମ୍ବନାଥ ଓ ଇପ୍‌ସିତା କହିଛନ୍ତି ଯେ ଚାକିରି ବିକ୍ରି କରିବା ଭଳି ସାଙ୍ଘାତିକ କାର୍ଯ୍ୟ ବିଜେପି ଜିନ୍‌ରେ ଅଛି। ବ୍ୟାପମ ଦୁର୍ନୀତି ଯାହାର ଜ୍ୱଳନ୍ତ ଉଦାହରଣ। ଅପରପକ୍ଷରେ, ଚୌଦ୍ୱାର ଜେଲରୁ ଦୁଇ ଜଣ ଆନ୍ତଃରାଜ୍ୟ ଅପରାଧୀ କାଲି ମଧ୍ୟରାତ୍ରିରେ ଫେରାର ହୋଇଯିବା ଖବର ଆସିଛି। ଯାହା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ଦର୍ଶାଉଛି। ଗୋଟିଏ ପଟେ ରାଜ୍ୟ ସରକାର ପରୀକ୍ଷାଟିଏ ସୁରୁଖୁରୁରେ କରାଇ ପାରୁନାହାନ୍ତି। ଆରପଟରେ ଗିରଫ ଅଭିଯୁକ୍ତ ମାନଙ୍କୁ ଜେଲ ଭିତରେ ରଖିବାରେ ସକ୍ଷମ ହେଉନାହାନ୍ତି। ଗୁରୁତର ତ୍ରୁଟି ଘଟିଥିବା ଏହି ଦୁଇଟି ବିଭାଗର ଦାୟିତ୍ୱରେ ଜଣେ ଅଧିକାରୀ ଅଛନ୍ତି। ଆଶ୍ଚର୍ଯ୍ୟର କଥା ଉଭୟ ବିଭାଗ ଗୃହ ମନ୍ତ୍ରାଳୟ ଅଧୀନରେ ଅର୍ଥାତ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧୀନରେ ରହିଛି। ତେଣୁ ମୁଖ୍ୟମନ୍ତ୍ରୀ ଏହି ଦୁର୍ନୀତି ଅଭିଯୋଗ ବିଷୟରେ ସ୍ପଷ୍ଟୀକରଣ ରଖିବା ଦରକାର। ଏଥିରେ ସମ୍ପୃକ୍ତ ବଡ଼ ମୁଣ୍ଡ ମାନଙ୍କୁ ସରକାର ଖସାଇ ଦେବାକୁ ଉଦ୍ୟମ କରୁଛନ୍ତି ବୋଲି ଉଭୟ ବିଜେଡି ନେତା ଅଭିଯୋଗ କରିଛନ୍ତି ।

# ବାଇସ୍କୋପ୍

ଆଖା ଓ ଢାଡ଼



ରିଆଲିଟି ଶୋ'ରୁ ଓଲିଉଡ୍‌କୁ ଯାତ୍ରା । ହୃଦୟସ୍ପର୍ଶୀ ଓ ଉଚ୍ଚକୋଟୀର ତାଙ୍କ ଅଭିନୟ । ରୋମାଣ୍ଟିକ୍ ସିନ୍ ହେଉ କି ଇମୋସନାଲ ଅବା ଥ୍ରିଲର, ସବୁଠି ସେ ନିଜ ପ୍ରତିଭାର ଚମତ୍କାରିତା ପ୍ରଦର୍ଶନ କରିଛନ୍ତି । ଏମିତି ଜଣେ ଅଭିନେତ୍ରୀ ହେଉଛନ୍ତି ଓଲିଉଡର ଚୁଲ୍‌ବୁଲି ନାୟିକା ଏଲିନା ସାମନ୍ତରାୟ । ସେ ଜଣେ ପ୍ରକୃତି ପ୍ରେମୀ ମଧ୍ୟ । 'ଇସ୍କ ତୁ ହି ତୁ' ଥିଲା ତାଙ୍କର ଡେବ୍ୟୁ ଫିଲ୍ମ । 'କେହି ନୁହଁ କାହାର', 'ମୁଁ ଖାଣ୍ଟି ଓଡ଼ିଆ ଝିଅ', 'ଲଭ୍ ଷ୍ଟେସନ୍', 'ଅଭୟ', 'ପାପ', 'ପ୍ରତିଶୋଧ', 'ପାବାର' ଆଦି ଅନେକ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣି ପାରିଛନ୍ତି । ଏବେ ଦଶହରାରେ ରିଲିଜ୍ ହୋଇଛି ତାଙ୍କ ଅଭିନୀତ 'ଚ୍ୟାଲେଞ୍ଜ' । ଏଥିରେ ସେ 'ସ୍ନେହା' ଚରିତ୍ରରେ ନଜର ଆସିଛନ୍ତି । 'ଚ୍ୟାଲେଞ୍ଜ'କୁ ନେଇ ଏଲିନାଙ୍କ ଅନୁଭୂତି, ତାଙ୍କର ଆଗାମୀ ପ୍ରୋଜେକ୍ଟ ବିଷୟରେ ଜାଣିବା ତାଙ୍କ ମୁହଁରୁ... ।

## "ସିନେମାରେ ବଜେଟ୍ ନୁହେଁ, କାହାଣୀକୁ ଗୁରୁତ୍ୱ ଦିଏ"

ଏଲିନା ସାମନ୍ତରାୟ, ଅଭିନେତ୍ରୀ

**ଏଲିନାଙ୍କ ଆଗାମୀ ଯୋଜନା ?**

● ଖୁବ୍ ଶୀଘ୍ର ଏକ ବଡ଼ ପ୍ରୋଜେକ୍ଟରେ ନଜର ଆସିବି । ଏହା ବାସ୍ତବଧର୍ମୀ ସୁନ୍ଦର କାହାଣୀ ଉପରେ ପର୍ଯ୍ୟବସିତ । ଏମିତି ସିନେମା ଓଲିଉଡ୍ ଇଣ୍ଡଷ୍ଟ୍ରି ପାଇଁ ନିହାତି ଦରକାର । ସିନେମାରେ ଜୟପ୍ରକାଶ ମହାନ୍ତି ( ଟିଲୁ ଭାଇଙ୍କ) ସହିତ ମୋର କେମେଷ୍ଟ୍ରି ଦେଖିବାକୁ ମିଳିବ ।

**'ଚ୍ୟାଲେଞ୍ଜ'କୁ ନେଇ କ'ଣ କହିବେ?**

● ଚ୍ୟାଲେଞ୍ଜ ଗୋଟେ ସୁନ୍ଦର କାହାଣୀ । ମଲ୍ଟିଷ୍ଟାର୍ କାଷ୍ଟ ସିନେମା । ସାଇ କିରଣ ମଙ୍ଗରାଜଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ସମାଜ ପାଇଁ ଭଲ ବାର୍ତ୍ତା ଦେଉଛି ଯେ, ସତ୍ୟ ସହିତ ସବୁବେଳେ ସମସ୍ତେ ଛିଡ଼ା ହେବା ଆବଶ୍ୟକ । ଏହା ବ୍ୟତୀତ ସମାଜ ପାଇଁ କେଉଁଟା ଠିକ୍ ଆଉ ଭୁଲ୍, ଭାଇ-ଭଉଣୀର ସମ୍ପର୍କ, ପ୍ରେମ, ଇମୋସନ୍ ସବୁକିଛି ରହିଛି ଏହି ସିନେମାରେ । ଗୋଟେ ଭଲ କାହାଣୀ ଆଣିବାକୁ ପୂରା ଟିମ୍ ପରିଶ୍ରମ କରିଛୁ । ଗୌରବ ଆନନ୍ଦ ଏବଂ ତାଙ୍କ ଟିମ୍‌ଙ୍କ ଦ୍ୱାରା ଫିଲ୍ମର ଗୀତ ଗୁଡ଼ିକ ଭଲ ହୋଇଛି । ଅମିତ ସାର୍ କୋରିଓଗ୍ରାଫ୍ କରିଛନ୍ତି । ସମସ୍ତ ଟେକ୍ନିସିଆନ୍ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିଛନ୍ତି ଫିଲ୍ମଟିକୁ ଆକର୍ଷଣୀୟ କରିବା ପାଇଁ । ଭିଜିଏମ୍ ବହୁତ ସୁନ୍ଦର ରହିଛି । ପ୍ରତ୍ୟେକ ସିନ୍‌ରେ ବ୍ୟାକଗ୍ରାଉଣ୍ଡ ସାଉଣ୍ଡର ବି ନୂତନତ୍ୱ ରହିଛି । ସିନେମାଟି ସମସ୍ତଙ୍କୁ ମନକୁ ଛୁଇଁବ ବୋଲି ମୋର ଆଶା ।

**ଡ୍ରିମ୍ ରୋଲ ?**

● ନୂଆ କରି ଇଣ୍ଡଷ୍ଟ୍ରିକୁ ଆସିବାବେଳେ ଡ୍ରିମ୍ ରୋଲ୍‌କୁ ନେଇ ମନରେ ଖୁସି ଥିଲା । ଏବେ ଭଲ କାହାଣୀରେ କାମ କରିବାକୁ ଇଚ୍ଛା ଅଛି । ମୁଁ ସିନେମାର ବଜେଟ ନୁହେଁ, ମୌଳିକତାକୁ ହିଁ ଗୁରୁତ୍ୱ ଦିଏ । କାହାଣୀକୁ ସୁଟ୍ କରିବା ପରି ନୃତ୍ୟଭିତ୍ତିକ ଗୀତ କରେ ।

**'ସ୍ନେହା' ଚରିତ୍ର ପାଇଁ କେମିତି ପ୍ରସ୍ତୁତ ହୋଇଥିଲେ?**

● ସ୍ନେହା ଜଣେ ସରଳ ଝିଅର କାହାଣୀ । ସେ ପ୍ରତ୍ୟେକ ପରିସ୍ଥିତିରେ ନିଜର ଭାଇ-ଭାଉଜଙ୍କ ସହିତ ରହୁଛି । ଆଦିତ୍ୟକୁ ସେ ଭଲ ପାଉଛି । ସହରର ପ୍ରତିଷ୍ଠିତ ବ୍ୟକ୍ତି ଜେଡି କିପରି ଡାକ୍ତରଖାନା ତିଆରି କରି ସାଧାରଣ ଜନତାଙ୍କୁ ଶୋଷଣ କରୁଛି ଆଉ ନେତା ମନ୍ତ୍ରୀଙ୍କ ସହଯୋଗ ପାଉଛି, ଆଦିତ୍ୟ ସହିତ ମିଶି ସ୍ନେହା ତା'ର ପର୍ଦ୍ଦାଫାସ କରୁଛି । ଜେଡିକୁ ଚ୍ୟାଲେଞ୍ଜ ଦେବାକୁ ଆଦିତ୍ୟକୁ ସ୍ନେହା ସାହସ ଦେଉଛି । ସୁଖଶାନ୍ତି ସବୁକୁ ହରାଇ ବି ଆଦିତ୍ୟ ଶେଷରେ ଜେଡିକୁ ଧ୍ୱଂସ କରୁଛି । ତେଣୁ ବହୁତ ସୁନ୍ଦର ଭାବେ ମୋର ଚରିତ୍ରକୁ ସଜାଇଛନ୍ତି ପୁଚୁ ଭାଇ । ଅର୍ଦ୍ଧେନ୍ଦୁଙ୍କ ସହିତ କାମ କରିବାର ଅନୁଭୂତି ବି ନିଆରା । ସୁନ୍ଦର ଦେଖାଯିବା ପାଇଁ ଧନ୍ୟବାଦ ଦେବି ଡିଓପି ପ୍ରତାପ ଭାଇଙ୍କୁ । "ଦୁଲ୍‌ଦୁଲି' ଗୀତକୁ ବହୁତ ଭଲ ପାଇବା ମିଳୁଛି । ରୋମାଣ୍ଟିକ୍ ଗୀତ "ମଖମଲି ମିଶିରି' ବି ଭଲ ହୋଇଛି । ସ୍ନେହା ଚରିତ୍ରକୁ ମୁଁ କେତେ ପ୍ରତିଶତ ଭଲ କରି ପାରିଛି, ତାହା ଦର୍ଶକ ହିଁ କହି ପାରିବେ । ଏହି ବାସ୍ତବଧର୍ମୀ ସିନେମାଟି ନିଶ୍ଚିତ ଦର୍ଶକଙ୍କୁ ଛୁଇଁବ । ଦର୍ଶକଙ୍କ ପ୍ରତିକ୍ରିୟାରେ ଆମ ଭୁଲ୍ ଠିକ୍ ସଜାଡ଼ି ହୋଇ ପାରିବ ।

**ଆପଣଙ୍କ ପ୍ରାୟ ସିନେମାରେ ଟ୍ରେନ୍ ସିନ୍ ଥାଏ, ଏହାକୁ ନେଇ କିଛି ସ୍ମରଣୀୟ ମୁହୂର୍ତ୍ତ ଅଛି?**

● ଟ୍ରେନ୍‌ରେ ସିନ୍ ଭଗବାନଙ୍କ ଆଶୀର୍ବାଦ । ସାଇ କିରଣ ମଙ୍ଗରାଜ ଭାଇଙ୍କୁ ଧନ୍ୟବାଦ ଦେବି । ସେ 'ଚ୍ୟାଲେଞ୍ଜ'ରେ ପ୍ଲାଟଫର୍ମରେ ମୋ ପାଇଁ 'ଡିଡିଏଲ୍' ସିନ୍ ତିଆରି କରିଛନ୍ତି । 'ଡିଡିଏଲ' ଗୀତ ସାଙ୍ଗକୁ ହଠାତ୍ ମୋ ଉପରେ ଫୁଲ ବର୍ଷୁଛି । ହିରୋ ମୋ' ହାତକୁ ଭିଡ଼ି ଟ୍ରେନ୍‌କୁ ନେଉ ଯାଉଛନ୍ତି । ଡିଡିଏଲ୍ ସିନ୍ କରିବା ସୌଭାଗ୍ୟର ବିଷୟ । ଏହା ମୋ' ପାଇଁ ସ୍ମରଣୀୟ ରହିବ ।

**ଆପଣଙ୍କ ନୃତ୍ୟଭିତ୍ତିକ ଗୀତର ସବୁବେଳେ କ୍ରେଜ୍ ଥାଏ । ସେନେଇ କ'ଣ କହିବେ?**

● ଧନ୍ୟବାଦ ଦେବି ଅମିତ ସାର୍‌ଙ୍କୁ । 'ଦୁଲ୍‌ଦୁଲି', 'ମଖମଲି ମିଶିରି' ଆଦି ଗୀତ ସବୁ ସେ କରାଇଛନ୍ତି । ତା' ପୂର୍ବରୁ 'ଲାଲ୍ ଟହ ଟହ...' ଗୀତ ବି ଟ୍ରେଣ୍ଡରେ ରହିଥିଲା । ପ୍ରାୟତଃ ନୃତ୍ୟଭିତ୍ତିକ ଗୀତ ବ୍ୟାବସାୟିକ ସଫଳତା ପାଇଛି । ମୁଁ ନାଚକୁ ଏନ୍‌ଜଏ କରେ । ହେଲେ ମୋତେ ଗାଇଡାନ୍ସ ନିହାତି ଦରକାର ଥାଏ । ସବୁ ଶ୍ରେୟ ଅମିତ ସାର୍‌ଙ୍କୁ ଦେବି । ମୋର ଲୁକ୍ ତିଆରି ପାଇଁ ଟିମ୍ ମଧ୍ୟ ବହୁତ ପରିଶ୍ରମ କରନ୍ତି ।

**ଫିଟ୍ ରହିବାକୁ କ'ଣ କରନ୍ତି?**

● କଳାକାରଙ୍କୁ ସବୁବେଳେ ଫିଟ୍ ରହିବାକୁ ହୁଏ । ସେଥିପାଇଁ ମୁଁ ଘର ପ୍ରସ୍ତୁତ ସନ୍ତୁଳିତ ଖାଦ୍ୟ ଖାଏ । ୱାର୍କଆଉଟ୍ କରେ । ଏକ ସୁସ୍ଥ ଜୀବନଶୈଳୀ ହିଁ ଜଣଙ୍କୁ ସୁସ୍ଥ ରଖିବାରେ ଭୂମିକା ଗ୍ରହଣ କରେ ।

**ଦର୍ଶକଙ୍କୁ କ'ଣ ମେସେଜ ଦେବେ?**

● ଦର୍ଶକ ହେଉଛନ୍ତି ଭଗବାନ । ମୁଁ ସୌଭାଗ୍ୟଶାଳୀ ଯେ ଓଡ଼ିଶାର ଦର୍ଶକ ମୋତେ ଭଲପାଇବା ଦେଇଆସିଛନ୍ତି । ଯେବେ ବି କିଛି ସିନେମା ନେଇ ଆସିଛି , ସମସ୍ତେ ଭଲ ପାଇବା ଦେଉଛନ୍ତି । ସାମାଜିକ ଗଣମାଧ୍ୟମ ଜରିଆରେ ମୋତେ ମେସେଜ୍ କରୁଛନ୍ତି । ତେଣୁ ଦର୍ଶକଙ୍କ ଭଲ ପାଇବା ଏମିତି ରହିଥାଉ ।



## ଷ୍ଟାଇଲିସ୍ ହିରୋ ଲୋହିତାକ୍ଷ

ଷ୍ଟାଇଲ ଯେମିତି, ସ୍ମାଇଲ ସେମିତି । ହାଇଟ୍ ଯେମିତି, ଫାଇଟ୍ ସେମିତି । ଯେମିତି କନ୍ଦେଇ ପାରନ୍ତି, ସେମିତି ହସେଇ ବି ପାରନ୍ତି । ଆଗାମୀ ଚଳଚ୍ଚିତ୍ର 'ଲଢ଼େଇ' ଜରିଆରେ ଇଣ୍ଡଷ୍ଟ୍ରିରେ ଆଉ ଜଣେ ନାୟକଙ୍କର ଆବିର୍ଭାବ ଘଟିବାକୁ ଯାଉଛି । ସେ ହେଉଛନ୍ତି ଲୋହିତାକ୍ଷ ପଟ୍ଟନାୟକ । ତାଙ୍କର ଷ୍ଟାଇଲ ଷ୍ଟେଟ୍‌ମେଣ୍ଟ ଦେଖି ନୂଆପିଢ଼ିର ସବୁ ନାୟିକା ଫିଦା । ଯଦିଓ ଆଗରୁ ସେ ଅନେକ ଚଳଚ୍ଚିତ୍ରରେ ଶିଶୁ କଳାକାର ଭାବେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତି ପାରିଛନ୍ତି । ତେବେ ନାୟକ ଭାବରେ ଏହା ତାଙ୍କର ପ୍ରଥମ ସିନେମା । 'ହୋମ୍ ପ୍ରଡକ୍ସନ' ବ୍ୟାନରର ଏହି ଚଳଚ୍ଚିତ୍ରରେ ତାଙ୍କୁ ଉପସ୍ଥାପିତ କରାଯାଉଛି । ତେଣୁ ନିର୍ମାତା ଦେବାଶିଷ ପଟ୍ଟନାୟକ କୌଣସିଥିରେ କିଛି ଊଣା କରି ନାହାଁନ୍ତି ଏବଂ ଏ ଗୁରୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି ନିର୍ଭରଯୋଗ୍ୟ ନିର୍ଦ୍ଦେଶକ ଅଶୋକ ପତିଙ୍କ ହାତରେ । ଲୋହିତାକ୍ଷଙ୍କୁ ଆଖିରେ ରଖି କାହାଣୀ ଲେଖା ଯାଇଛି ଏବଂ ତାଙ୍କ ବିପକ୍ଷରେ ଜଣେ ନବାଗତାଙ୍କୁ ସୁଯୋଗ ମିଳିଛି । ସେହି ନାୟିକାଙ୍କ ନାଁ ହେଉଛି ଅଭିଲିପ୍ସା । ନିଜର ନୂଆ ଲୁକ, ନୂଆ ଇମେଜ ଓ ନୂଆ ଅନ୍ଦାଜରେ ଲୋହିତାକ୍ଷ ସମସ୍ତଙ୍କର ମନ ଜିଣିବେ ବୋଲି ପ୍ରଯୋଜନା ସଂସ୍ଥା ଦୃଢ ଆଶାବାଦୀ ଅଛନ୍ତି । 'ଲଢେଇ' ଆଗାମୀ ଦୀପାବଳିରେ ମୁକ୍ତିଲାଭ କରିବ ବୋଲି କୁହାଯାଉଛି ।

## ନଭେମ୍ବରରେ 'ଦର୍ପଣ'



ଦର୍ପଣ ଭିତରେ ଦିଶିବ ଏକ ଭୟଙ୍କର ଚେହେରା । ମଣିଷ ଭିତରର ରାକ୍ଷସ ଚରିତ୍ର ପଦାକୁ ଫୁଟି ଆସିବ । ଯାହାକୁ ଦେଖି ହଲରେ ଥରିବେ ଦର୍ଶକ । ଭରପୂର କମେଡ଼ି ସହିତ ଡ୍ରାମା ବି ଜବରଦସ୍ତ । ଏମିତି ଏକ ନିଆରା ରହସ୍ୟଭରା କାହାଣୀକୁ ନେଇ ନଭେମ୍ବରରେ ପରଦାକୁ ଆସିବ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଦର୍ପଣ' । ନିତିଦିନିଆ ଜୀବନରେ ଦର୍ପଣ ହିଁ ଦେଖାଏ ପ୍ରତିଛବି । ବେଳେବେଳେ ମଣିଷ ସାମ୍ନାରେ ଏହାକୁ ରଖିଦେଲେ ହୁଏତ ମୁହଁ ତଳେ ଲୁଚିଥିବା ଭିନ୍ନ ଏକ ଭୟଙ୍କର ରୂପ ସାମ୍ନାକୁ ଆସିଯାଏ । ଏହିଭଳି ଏକ ରହସ୍ୟଭରା କାହାଣୀକୁ ଚଳଚ୍ଚିତ୍ରର ରୂପ ଦେଇଛନ୍ତି ସିନେମାର ନିର୍ଦ୍ଦେଶକ ଭରତ ପୁଷ୍ପରାଗ । ପ୍ରଥମ ଥର 'ସାୟନ୍ ପ୍ରଡକ୍ସନ ହାଉସ୍' ବ୍ୟାନରରେ ନିର୍ମାଣ ହୋଇଛି ପ୍ରଥମ ଓଡ଼ିଆ ହରର୍ ସହ ସାଇକୋ ଥ୍ରିଲର୍ ସିନେମା 'ଦର୍ପଣ' । ଯାହା ଏକ ଭୟାନକ କାହାଣୀ ଉପରେ ଆଧାରିତ । ଯେଉଁଥିରେ ହରର୍, ସସ୍‌ପେନ୍ସ ଓ ଫାମିଲି ଡ୍ରାମା ସହ ଭରପୂର କମେଡି ମଧ୍ୟ ରହିଛି । ଏହି ଚଳଚ୍ଚିତ୍ରରେ ନାୟକ ଭାବରେ ନଜର ଆସୁଛନ୍ତି ଅଙ୍କିତ କୁମାର । ଅଙ୍କିତଙ୍କ ବିପକ୍ଷରେ ଅଛନ୍ତି ସୁନ୍ଦରୀ ନାୟିକା ତୃପ୍ତି ମୀରାମ୍ବିକା । ଆଗରୁ ତୃପ୍ତି ଓ ଅଙ୍କିତ୍ ଅନେକ ସିନେମା ସହ ବଡ଼ ପରଦାରେ ମଧ୍ୟ ଅଭିନୟ କରିସାରିଛନ୍ତି । ଏହି ଦର୍ପଣ ସିନେମା ମାଧ୍ୟମରେ ଏ ଦୁହିଁଙ୍କୁ ଦମଦାର ଚରିତ୍ରରେ ଦର୍ଶକ ଦେଖିବାକୁ ପାଇବେ । ଏତଦ୍ ବ୍ୟତୀତ ଏହି ସିନେମାରେ ନୂଆ ଓ ପୁରୁଣା ଉଭୟ କଳାକାରମାନଙ୍କୁ ଦର୍ଶକ ଦେଖିବାକୁ ପାଇବେ । ହିରଣ୍ମୟୀ, ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀ ଚରଣ, ଲଲାଟ, ପ୍ରଜ୍ଞା, ଏମିତି ବହୁତ କଳାକାରଙ୍କୁ ଦେଖିବାକୁ ମିଳିବ । ଏହି ଚଳଚ୍ଚିତ୍ରର କାହାଣୀ ଓ ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ଦିଲ୍ଲୀପ କୁମାର ସାହୁ । ଏହାର ସୁଟିଂ ଓଡ଼ିଶା ସମେତ ଓଡ଼ିଶା ବାହାରେ ମଧ୍ୟ ବିଭିନ୍ନ ସ୍ଥାନରେ ହେଉଛି । 'ଦର୍ପଣ' ଚଳଚ୍ଚିତ୍ରରେ ମ୍ୟୁଜିକ୍ ଦେଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ ଓ ଟୁନୁ ପଟ୍ଟନାୟକ । ସେହିପରି ଅସୀମା ପଣ୍ଡା, ହ୍ୟୁମାନ ସାଗର, ଅନ୍ତରା ଚକ୍ରବର୍ତ୍ତୀ, ଅନନ୍ୟା ଶ୍ରୀତମ ନନ୍ଦ ଓ ନାଭ୍ୟା ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି । ଏହାର ସଂଳାପ ଲେଖିଛନ୍ତି କମେଶ ଶୁକ୍ଲା ଓ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ । ଉକ୍ତ ଚଳଚ୍ଚିତ୍ରରେ ଦର୍ଶକମାନେ ନିହାତି ଭାବରେ କିଛି ଭିନ୍ନ ଦେଖିବାକୁ ପାଇବେ ବୋଲି ପ୍ରଯୋଜକ ଆଶା ରଖିଛନ୍ତି ।



## ଓଟିଟିରେ 'ଘମାଘୋଟ୍'ର ରେକର୍ଡ

ଓଡ଼ିଆ ହାଇ-ଆକ୍ସନ ଫିଲ୍ମ 'ଘମାଘୋଟ୍' ଗତ ସେପ୍ଟେମ୍ବର ୨୨ରେ ଓଡ଼ିଶାର ଲୋକପ୍ରିୟ ଷ୍ଟ୍ରିମିଂ ପ୍ଲାଟଫର୍ମ ଆଓ ନେକ୍ସଟରେ ଡିଜିଟାଲ୍ ପ୍ରିମିୟର ହୋଇଥିଲା । ଯାହାକି ଓଟିଟିରେ ରେକର୍ଡ ବ୍ରେକ୍ କରିଛି । ମାତ୍ର ୨୧ ଦିନରେ ୪ ଲକ୍ଷ ଭିୟୁଜ୍ ଏହା ସଂଗ୍ରହ କରିଛି । 'କୌସ୍ତବ ଡ୍ରିମୱାର୍କ୍ସ ଷ୍ଟୁଡିଓ' ଅଧୀନରେ ତଥା କୌଶିକ ଦାସଙ୍କ ଦ୍ୱାରା ପ୍ରଯୋଜିତ ଓ ରାଜା. ଡି.ଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଘମାଘୋଟ୍' ଗତ ମାର୍ଚ୍ଚ ମାସରେ ଓଡ଼ିଶାର ଫିଲ୍ମ ହଲ୍‌ରେ ରିଲିଜ ହୋଇ ବକ୍ସ ଅଫିସ୍‌ରେ ହିଟ୍ ହୋଇଥିଲା । ଜବରଦସ୍ତ ଡ୍ରାମା ଏବଂ ଆକର୍ଷଣୀୟ କାହାଣୀ ସହିତ ଏହି ଫିଲ୍ମଟି ରାଜ୍ୟରେ ଗ୍ୟାଙ୍ଗ ୱାରର ଅନ୍ଧାର ଦୁନିଆର ଗଭୀରତାକୁ ଅତି ସରଳ ଭାବରେ ଦର୍ଶକଙ୍କ ପାଖରେ ପହଞ୍ଚାଇ ଥିଲା ନିର୍ଦ୍ଦେଶକ ରାଜା ଡି. କହିଛନ୍ତି ଯେ, ଆକ୍ସନ୍ ସିକ୍ୱେନ୍ସଗୁଡ଼ିକ ରଶି ବିନା ପ୍ରଦର୍ଶନ କରାଯାଇଥିଲା । ଫଳରେ ଏହା ଫାଇଟ୍ ଦୃଶ୍ୟଗୁଡ଼ିକକୁ ଅତ୍ୟନ୍ତ ନିଚ୍ଛକ ଏବଂ ବାସ୍ତବବାଦୀ କରିଥିଲା । ଫିଲ୍ମରେ ଅଭିଷେକ ପଣ୍ଡା, ଦୀପକ ପରିଡ଼ା, ବିଶ୍ୱଜିତ ରାଉତ, ଜୋଣ୍ଟି, ଆକାଶ ହୋତା, ଆକାଶ ରାଉତ, ସନ୍ଦୀପ ମିଶ୍ର, ସନୋଜ କୁମାର, ଗୋଲ୍‌ଡି ଦାସ, ଶକ୍ତି, ରାଜେଶ କୁମାର ସାହୁ, ତପି ମିଶ୍ର, ଆଇମନ୍ ପ୍ରଧାନ, ଶୈଳେନ୍ଦ୍ର ସାମନ୍ତରାୟ ଏବଂ କ୍ରୀଷ୍ଟା କରଙ୍କ ପରି ପ୍ରତିଭାଶାଳୀ କଳାକାରମାନେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି ।






## 'ହେ ମା'ର ଶୁଭମୁକ୍ତି

ଶାରଦୀୟ ଦୁର୍ଗାପୂଜା ଅବସରରେ 'ମଞ୍ଜୟ ଏଣ୍ଟରଟେନମେଣ୍ଟ' ପ୍ରସ୍ତୁତ ଆଧୁନିକ ମ୍ୟୁଜିକ୍ ଭିଡିଓ 'ହେ ମା'ର ଶୁଭମୁକ୍ତି ହୋଇଯାଇଛି । ଏହାର ପରିକଳ୍ପନା କରିଛନ୍ତି ମଙ୍ଗଲ ଜ୍ୟୋତି ଦାସ । ଗୀତ ଲେଖିଛନ୍ତି ବିଶିଷ୍ଟ ଗୀତିକାର ସତି ମହାନ୍ତି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶାନ୍ତନୁ ନାୟକ । କଣ୍ଠଦାନ କରିଛନ୍ତି ବିଖ୍ୟାତ କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା । ଏହାର ପ୍ରଯୋଜନା ଭାର ନନ୍ଦିତା ଦାସ ନେଇଥିବା ବେଳେ କାର୍ଯ୍ୟନିର୍ବାହୀ ପ୍ରଯୋଜନା କରିଛନ୍ତି ଚିତ୍ରଶିଳ୍ପୀ ଓ କଥାକାର ସଂଜୟ ଭଟ୍ଟ । ତେବେ ଏହି ଆଧୁନିକ ମ୍ୟାଜିକ୍ ଭିଡିଓକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି ।

ପରଦା ପଛର କାହାଣୀ

## ଗୁଳି ବର୍ଷଣ ମଧ୍ୟରେ ଫିଲ୍ମ ସୁଟିଂ

ହିନ୍ଦୀ ସିନେମା ଜଗତରେ ଜଣେ ସାହସୀ ଅଭିନେତା ତଥା ନିର୍ଦ୍ଦେଶକ ଭାବେ ପରିଚିତ ଫିରୋଜ ଖାନ୍ । ବଲିଉଡ୍‌ର ଜଗତରେ ସେ 'କାଓବୟ' ଭାବେ ପରିଚିତ । ସେ ଜଣେ ଲୋକପ୍ରିୟ ଅଭିନେତା, ନିର୍ଦ୍ଦେଶକ ଓ ପ୍ରଯୋଜକ ଥିଲେ । ଫିରୋଜ ଖାନ୍ ତାଙ୍କ ଷ୍ଟାଇଲିସ୍ ଅନ୍ଦାଜ ପାଇଁ ବେଶ୍ ଜଣାଶୁଣା । ତାଙ୍କ ନିର୍ମିତ ଫିଲ୍ମରେ ଗ୍ଲାମର୍, ବୋଲ୍‌ଡ ଦୃଶ୍ୟ ଅଧିକ ଥାଏ । ସେ ଫିଲ୍ମରେ ପରଫେକ୍ଟ ସଟ୍ ଦେବା ପାଇଁ ଯେ କୌଣସି ବିପଦପୂର୍ଣ୍ଣ ସ୍ଥାନରେ ମଧ୍ୟ ସୁଟିଂ କରିବାକୁ ଆଗେଇ ଆସୁଥିଲେ । ତାଙ୍କ ଫିଲ୍ମ 'ଧର୍ମାତ୍ମା'କୁ ନେଇ ଏକ ରୋଚକୀୟ କାହାଣୀ ରହିଛି । ସେ ଏହି ଫିଲ୍ମକୁ ଗୁଳି ବର୍ଷଣ ମଧ୍ୟରେ ସୁଟିଂ କରିଥିଲେ । ନିର୍ଦ୍ଦେଶକ ଭାବେ ତାଙ୍କ ପ୍ରଥମ ଫିଲ୍ମ 'ଧର୍ମାତ୍ମା'ର ଯୋଜନା କରୁଥିଲେ, ଏହି ଫିଲ୍ମଟିକୁ ସେ କୌଣସି ସାଧାରଣ ସ୍ଥାନ ନୁହେଁ,ବରଂ ସୁନ୍ଦର ଓ ସାଂସ୍କୃତିକ ପରିବେଶ ମଧ୍ୟରେ ସୁଟିଂ କରିବେ । ଏହାରି ମଧ୍ୟରେ ତାଙ୍କ ନଜର ଆଫଗାନିସ୍ତାନ ଉପରେ ପଡ଼ିଥିଲା । କିନ୍ତୁ ସେତେବେଳେ ସେଠାରେ ରାଜନୈତିକ ଅସ୍ଥିରତା ଲାଗି ରହିଥିଲା । ସ୍ଥିତି ଏତେ ଖରାପ ଥିଲା ଯେ, ଫିଲ୍ମ ନିର୍ମାତାମାନେ ସେଠାକୁ ଯିବାକୁ ଭୟ କରୁଥିଲେ । କିନ୍ତୁ ଫିରୋଜ ଖାନ୍ ଆଫଗାନିସ୍ତାନର ମରୁଭୂମି ଓ ପାହାଡ଼ରେ ଫିଲ୍ମ ସୁଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ତାଙ୍କ ଫିଲ୍ମର କାହାଣୀ ଅନୁସାରେ ଏହି ସ୍ଥାନ ପରଫେକ୍ଟ ବୋଲି ସେ କହିଥିଲେ । ସୁଟିଂ ସମୟରେ ତାଙ୍କ ଟିମ୍ ଉପରେ ଅଚାନକ ଗୁଳି ମାଡ଼ ହୋଇଥିଲା । ସୁଟିଂ ସେଟ୍‌ରେ ଥିବା ସମସ୍ତ କଳାକାର ଭୟଭୀତ ହୋଇପଡ଼ିଥିଲେ । ସେଠାରୁ ପ୍ରତ୍ୟାବର୍ତ୍ତନ କରିବାକୁ ଭାବିଥିଲେ । କିନ୍ତୁ ଫିରୋଜ ଖାନ୍ ହାର ମାନି ନଥିଲେ । ସେଠାକାର ତତ୍କାଳୀନ ରାଷ୍ଟ୍ରପତି ମୋହମ୍ମଦ ଦାଉଦ ଖାନଙ୍କୁ ଭେଟିଥିଲେ । ରାଷ୍ଟ୍ରପତିଙ୍କୁ ତାଙ୍କ ଫିଲ୍ମର କାହାଣୀ କହିବା ସହ ଆଫଗାନିସ୍ତାନ ସୌନ୍ଦର୍ଯ୍ୟକୁ ସମଗ୍ର ବିଶ୍ୱରେ ଦେଖାଇବାକୁ ଚାହୁଁଥିବା କହିଥିଲେ । ଫିରୋଜ ଖାନ୍‌ଙ୍କ ସାହସ ଓ ନିଷ୍ଠା ଦେଖି ପ୍ରଭାବିତ ହୋଇଥିଲେ ରାଷ୍ଟ୍ରପତି । ତାଙ୍କୁ ଓ ତାଙ୍କ ଟିମ୍‌କୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଯୋଗାଇଥିଲେ । ଫଳରେ ଫିରୋଜ ଖାନ୍ ନିର୍ଭୟରେ ନିଜ ଫିଲ୍ମ ସୁଟିଂ କରିଥିଲେ । ତେଣୁ ସେ ନିଜ ଫିଲ୍ମ ପାଇଁ କିଛି ବି କରିପାରନ୍ତି ବୋଲି ଏଥିରୁ ପ୍ରମାଣିତ ହୋଇଥିଲା ।



### ପ୍ରଥମ ଟେଷ୍ଟରେ ଜାଡେଜା ଶ୍ରେଷ୍ଠ, ୧୦ରୁ ଦ୍ୱିତୀୟ ମୁକାବିଲା

# ଭାରତ ଇନିଂସ ଓ ୧୪୦ ରନରେ ବିଜୟୀ

**ଅହମ୍ମଦାବାଦ, ୪।୧୦ (ଏଜେନ୍ସି):** ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଟେଷ୍ଟମ୍ୟାଚ୍‌କୁ ଘରୋଇ ଭାରତ ଅଢ଼େଇ ଦିନରେ ଜିତିନେଇଛି। ପ୍ରଥମ ଦିନରୁ ଏକତରଫା ହୋଇଥିବା ଏହି ମ୍ୟାଚ୍ ଶନିବାର ୩ୟ ଦିନରେ ସମାପ୍ତ ହୋଇଥିଲା। ଅହମ୍ମଦାବାଦ ଟେଷ୍ଟକୁ ଭାରତ ଇନିଂସ ଓ ୧୪୦ ରନ୍‌ରେ ଜିତିବାରେ ସଫଳ ହୋଇଛି। ରବୀନ୍ଦ୍ର ଜାଡ଼େଜା ଓ ମହମ୍ମଦ ସିରାଜ୍‌ଙ୍କ ବୋଲିଂ ସଫଳତା ବଳରେ ଭାରତ ଏହି ବିଜୟ ହାସଲ କରିଛି। ପ୍ରଥମ ଇନିଂସରେ ୨୮୬ ରନ୍ ପଛରେ ରହିଥିବା ୱେଷ୍ଟଇଣ୍ଡିଜ୍ ୨ୟ ଇନିଂସରେ ମାତ୍ର ୧୪୬ ରନ୍‌କରି ଅଲ୍‌ଆଉଟ ହୋଇ ଯାଇଥିଲା। ଫଳରେ ୨ ମ୍ୟାଚ୍‌ର ଟେଷ୍ଟ ଶୃଙ୍ଖଳାରେ ଭାରତ ଅପରାଜେୟ ୧-୦ ଲିଡ୍ ନେଇପାରିଛି। ଆସନ୍ତା ୧୦ରୁ ଦିଲ୍ଲୀରେ ଉଭୟ ଦଳଙ୍କ ମଧ୍ୟରେ ୨ୟ ତଥା ଅନ୍ତିମ ଟେଷ୍ଟମ୍ୟାଚ୍ ଖେଳାଯିବ। ଅପରାଜିତ ଶତକ ସହ ୪ଟି ୱିକେଟ୍ ନେଇଥିବା ରବୀନ୍ଦ୍ର ଜାଡ଼େଜା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।




ଏହି ମ୍ୟାଚ୍‌ର ଶୁକ୍ରବାର ୨ୟ ଦିନ ଶେଷରେ ଭାରତ ପ୍ରଥମ ଇନିଂସ୍‌ରେ ୫ ୱିକେଟ୍‌ରେ ୪୪୮ ରନ୍ କରିଥିଲା। ଶନିବାର ତୃତୀୟ ଦିନ ସକାଳୁ ସେହି ସ୍କୋର୍‌ରେ ଭାରତ ପ୍ରଥମ ଇନିଂସ ଘୋଷଣା କରିଥିଲା। ଫଳରେ ଭାରତ ୨୮୬ ରନ୍ ଆଗରେ ରହିଥିଲା। ରବୀନ୍ଦ୍ର ଜାଡ଼େଜା ୧୦୪ ଓ ୱାଶିଂଟନ ସୁନ୍ଦର ୯ ରନ୍‌କରି ଅପରାଜିତ ଥିଲେ। ପ୍ରଥମ ଇନିଂସ ପରି ଦ୍ୱିତୀୟ ଇନିଂସରେ ମଧ୍ୟ ୱେଷ୍ଟଇଣ୍ଡିଜ୍ ନିମ୍ନମାନର ବ୍ୟାଟିଂ କରିଥିଲା। ଉଭୟ ଇନିଂସ୍‌କୁ ମିଶାଇ ୱେଷ୍ଟଇଣ୍ଡିଜ୍‌ର ଜଣେ ମାତ୍ର ବ୍ୟାଟ୍‌ସମ୍ୟାନ୍ ଅର୍ଦ୍ଧଶତକ ହାସଲ କରି ପାରିନଥିଲେ। ଦୁଇ ଓପ୍‌ନର ଜନ୍ କ୍ୟାମ୍ପବେଲ୍ ୧୪ ଓ ତ୍ୟାଗନାରାୟଣ ଚନ୍ଦ୍ରପଲ ୮ ରନ୍ କରିଥିଲେ। ମଧ୍ୟକ୍ରମରେ ବ୍ରାଣ୍ଡନ୍ କିଙ୍ଗ୍ (୫) ଏବଂ ଅଧିନାୟକ ରୋଷ୍ଟନ୍ ଚେଜ୍ ଓ ସାଇ ହୋପ୍ ୧ ରନ୍ ଲେଖାଏଁ କରିଥିଲେ। ୪୬ ରନ୍‌ରେ ଇଣ୍ଡିଜ୍ ୫ଟି ୱିକେଟ୍ ହରାଇବା ପରେ ଆଲିକ୍ ଆଥାନେଜ୍ ଓ ଜଷ୍ଟିନ୍ ଗ୍ରିଭ୍‌ସ ୪୬ ରନ୍ ଯୋଗ କରିଥିଲେ। ଆଥାନେଜ୍ ୩ଟି ଚୌକା ସହ ସର୍ବାଧିକ ୩୮ ରନ୍ କରିଥିଲେ। ଜଷ୍ଟିନ୍ ଗ୍ରିଭ୍‌ସ ୪ଟି ଚୌକା ସହ ୨୫ ରନ୍ କରିଥିଲେ। ଶେଷ ୱିକେଟ୍‌ରେ ୨୬ ରନ୍ ହୋଇଥିବା ବେଳେ ଏଥିରୁ ଜେଡେନ୍ ସିଲ୍‌ସ ୧୨ ବଲ୍‌ରୁ ୨ଟି ଛକା ଓ ଗୋଟିଏ ଚୌକା ସହ ୨୨ ରନ୍ କରିଥିଲେ। ଯୋହାନ୍ ଲେନ୍ ୧୪ ରନ୍ କରିଥିବା ବେଳେ ଖାରି ପିଏରେ ୧୩ ରନ୍‌କରି ଅପରାଜିତ ଥିଲେ। ରବୀନ୍ଦ୍ର ଜାଡ଼େଜା ୫୪ ରନ୍ ଦେଇ ୪ଟି ୱିକେଟ୍ ନେଇଥିଲେ। ମହମ୍ମଦ ସିରାଜ୍ ୩୧ ରନ୍‌ରେ ୩ଟି ଓ କୁଲଦୀପ ଯାଦବ ୨୩ ରନ୍‌ଦେଇ ୨ଟି ୱିକେଟ୍ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ**
୧୬୨/୧୦ (ଜଷ୍ଟିନ୍ ଗ୍ରୀଭସ୍-୩୨, ଶାଇ ହୋପ୍-୨୬, ରୋଷ୍ଟୋନ ଚେଜ୍-୨୪, ସିରାଜ-୪/୪୦, ବୁମ୍‌ରା-୩/୪୨, କୁଲଦୀପ ଯାଦବ-୨/୨୫)।

**ଭାରତ ପ୍ରଥମ ଇନିଂସ**
୪୪୮/୫, ଘୋଷିତ (ଧ୍ରୁବ ଜୁରେଲ-୧୨୫, ରବୀନ୍ଦ୍ର ଜାଡେଜା-୧୦୪ ନଟ୍‌ଆଉଟ, ଲୋକେଶ ରାହୁଲ-୧୦୦, ଚେଜ୍-୨/୯୦)।

**ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ**
୧୪୬/୧୦ (ଆଲିକ୍ ଆଥାନାଜେ-୩୮, ଗ୍ରୀଭ୍ସ-୨୫, ଜେଡେନ ସିଲ୍ସ-୨୨, ଜାଡେଜା-୪/୫୪, ସିରାଜ-୩/୩୧, କୁଲଦୀପ-୨/୩୧)।

● ୧୪୮ ବର୍ଷର କ୍ରିକେଟ ଇତିହାସରେ ପ୍ରଥମ

## ଗୋଟିଏ ବର୍ଷରେ ୨ଥର ୧୦୦ରେ ଆଉଟ ହେଲେ ରାହୁଲ

**ଅହମ୍ମଦାବାଦ, ୪।୧୦ (ଏଜେନ୍ସି):** ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟକୁ ଘରୋଇ ଭାରତ ଏକ ଇନିଂସ ଓ ୧୪୦ ରନରେ ବିଜୟୀ ହୋଇଛି। ଏହି ମ୍ୟାଚରେ ଲୋକେଶ ରାହୁଲ ଶତକୀୟ ଇନିଂସ ଖେଳି ଦଳକୁ ବଡ଼ ବିଜୟ ଦେବାରେ ସହାୟତା କରିଥିଲେ। ଇନିଂସ ଓପନ କରିଥିବା ରାହୁଲ ଠିକ୍ ୧୦୦ ରନ କରି ଆଉଟ୍ ହୋଇଥିଲେ। ଏଥିସହ ସେ ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଟେଷ୍ଟ କ୍ରିକେଟରେ ଦୁଇଥର ଠିକ୍ ୧୦୦ ରନରେ ଆଉଟ୍ ହେବାରେ ସେ ବିଶ୍ୱର ପ୍ରଥମ କ୍ରିକେଟର୍। ରାହୁଲ ଏଥିପୂର୍ବରୁ ଚଳିତ ବର୍ଷ ଇଂଲଣ୍ଡ ବିପକ୍ଷ ସିରିଜରେ ଲର୍ଡ୍ସରେ ଠିକ୍ ୧୦୦ ରନ କରିବା ପରେ ଆଉଟ୍ ହୋଇଥିଲେ। ୧୮୭୭ ମସିହାରୁ ଟେଷ୍ଟ କ୍ରିକେଟ୍ ଆରମ୍ଭ ହୋଇଥିବାବେଳେ ଅଦ୍ୟାବଧି ୧୪୮ ବର୍ଷ ମଧ୍ୟରେ କୌଣସି କ୍ରିକେଟର ଗୋଟିଏ ବର୍ଷରେ ଦୁଇଥର ଟେଷ୍ଟରେ ୧୦୦ ରନରେ ଆଉଟ ହୋଇ ନ ଥିଲେ। ସେହିଭଳି ବିଶ୍ୱର ୭ମ କ୍ରିକେଟର୍ ଭାବେ ରାହୁଲ ଟେଷ୍ଟ କ୍ରିକେଟରେ ଦୁଇଥର ୧୦୦ ରନରେ ଆଉଟ୍ ହୋଇଛନ୍ତି।

## କ୍ରିକେଟ୍‌ରୁ ରସନାରାଙ୍କ ଅବସର

**ଭୁବନେଶ୍ୱର, ୪।୧୦ (ସମିସ):** ଓଡ଼ିଶାର ଆନ୍ତର୍ଜାତିକ ମହିଳା କ୍ରିକେଟର ରସନାରା ପରୱିନ ସମସ୍ତ ଫର୍ମାଟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ୩୩ ବର୍ଷ ବୟସ୍କା ରାସନାରା ୨୦୧୨ ଟ୍ୱେଣ୍ଟି୨୦ ବିଶ୍ୱକପ୍‌ରେ ଭାରତ ପାଇଁ ପାକିସ୍ତାନ ଓ ଶ୍ରୀଲଙ୍କା ବିପକ୍ଷରେ ୨ଟି ଟ୍ୱେଣ୍ଟି୨୦ ମ୍ୟାଚ୍ ଖେଳି ୪ଟି ୱିକେଟ୍ ନେଇଥିଲେ।



୨୦୧୩ରେ ୱେଷ୍ଟଇଣ୍ଡିଜ୍ ମହିଳା ଦଳ ବିପକ୍ଷରେ ରାସନାରା ଏକମାତ୍ର ଦିନିକିଆ ମ୍ୟାଚ୍ ଖେଳି ୱିକେଟ୍ ପାଇନଥିଲେ। ବଲାଙ୍ଗିରର ଅଫ୍‌ସ୍ପିନର ରାସନାରା ପରୱିନ ପାଖାପାଖି ୨ ଦଶନ୍ଧି ଓଡ଼ିଶା ମହିଳା ଦଳ ପାଇଁ ଖେଳିଥିଲେ। ଓଡ଼ିଶା ଓ ଭାରତୀୟ କ୍ରିକେଟ୍ ପ୍ରତି ରାସନାରାଙ୍କ ଅବଦାନ ପାଇଁ ଓସିଏ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ତାଙ୍କ ଉଲ୍ଲେଖନୀୟ କ୍ରିକେଟ୍ ଜୀବନର ଲାଗି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତା ରାସନାରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶା ରଣଜୀ ଦଳରୁ ବିପ୍ଳବ, ସୂର୍ଯ୍ୟକାନ୍ତ, ଶାନ୍ତନୁ ବାଦ୍

**ଭୁବନେଶ୍ୱର, ୪।୧୦ (ସମିସ):** ରଣଜୀ ଟ୍ରଫିର ୨୦୨୫-୨୬ ଋତୁ ଚଳିତମାସ ୧୫ରୁ ଆରମ୍ଭ ହେଉଛି। ରଣଜୀ ଟ୍ରଫିରେ ଓଡ଼ିଶା ଏଲିଟ୍ ଗ୍ରୁପ୍ 'ଏ'ରେ ରହିଛି। ପ୍ରଥମ ୩ଟି ମ୍ୟାଚ୍ ଲାଗି ୧୫ ଜଣିଆ ଓଡ଼ିଶା ଦଳ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ଘୋଷଣା କରିଛି। ଗତବର୍ଷ ଓଡ଼ିଶା ଛାଡ଼ି ମଧ୍ୟପ୍ରଦେଶ ଚାଲି ଯାଇଥିବା ବ୍ୟାଟ୍‌ସମ୍ୟାନ ଶୁଭ୍ରାଂଶୁ ସେନାପତି ପୁଣି ଓଡ଼ିଶା ଫେରିବା ପରେ ତାଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ଓପ୍‌ନର ସ୍ୱସ୍ତିକ ସାମଲ ଉପଅଧିନାୟକ ହୋଇଛନ୍ତି। ଗତବର୍ଷ ଓଡ଼ିଶାର ନେତୃତ୍ୱ ନେଇଥିବା ଓପ୍‌ନର ଶାନ୍ତନୁ ମିଶ୍ର ଦଳରୁ ବାଦ୍ ପଡ଼ିଛନ୍ତି। ଶାନ୍ତନୁଙ୍କ ସହ ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟ ଓ ପେସ୍ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ଦଳରେ ସ୍ଥାନ ମିଳିନାହିଁ। ଶାନ୍ତନୁ ଓ ବିପ୍ଳବ ଷ୍ଟାଣ୍ଡବାଇ ତାଲିକାରେ ଅଛନ୍ତି। ଦଳରେ ୩ ଜଣ ନୂଆ ମୁହଁ ସାମିଲ ହୋଇଛନ୍ତି। ସେମାନେ ହେଲେ ଓପ୍‌ନିଂ ବ୍ୟାଟ୍‌ସମ୍ୟାନ ଗୌରବ ଚୌଧୁରୀ, ଅଲ୍‌ରାଉଣ୍ଡର ସମ୍ବିତ ବରାଳ ଓ ବାମହାତି ସ୍ପିନର ବାଦଲ ବିଶ୍ୱାଳ। ଓଡ଼ିଶା ଅକ୍ଟୋବର ୧୫ରୁ ବାରବାଟୀ ଷ୍ଟାଡିୟମ୍‌ରେ ବରୋଦାର ମୁକାବିଲା କରିବ। ଅକ୍ଟୋବର ୨୫ରୁ କାନପୁରରେ ଉତ୍ତର ପ୍ରଦେଶ ଓ ନଭେମ୍ବର ୧ରୁ ବାରବାଟୀରେ ଆନ୍ଧ୍ରପ୍ରଦେଶ ବିପକ୍ଷରେ ଓଡ଼ିଶା ଏହି ୩ଟି ମ୍ୟାଚ୍ ଖେଳିବ। ଗତବର୍ଷ ଏଲିଟ୍ ଗ୍ରୁପ୍ 'ଏ'ରେ ଥିବା ଓଡ଼ିଶା ଦଳ ଦୁର୍ବଳ ପ୍ରଦର୍ଶନ କରି ୭ଟି ମ୍ୟାଚ୍‌ରୁ ୨ଟି ବିଜୟ ସହ ୧୭ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଥିଲା। ଘୋଷିତ ଦଳ: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପଅଧିନାୟକ), ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୁପର (ଉଭୟେ ୱିକେଟ୍ ରକ୍ଷକ), ଅନୀଲ ପରିଡ଼ା, ସମ୍ବିତ ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ ରାଉଳ, ରାଜେଶ ମହାନ୍ତି, ତାରିଣୀ ସ' ଓ ତାପସ ଦାସ।

## ଶ୍ରୀଲଙ୍କା-ଅଷ୍ଟ୍ରେଲିଆ ମ୍ୟାଚ୍ ବାତିଲ

**କଲମ୍ବୋ, ୪।୧୦ (ଏଜେନ୍ସି):** ମହିଳା ଦିନିକିଆ ବିଶ୍ୱକପ୍‌ରେ ଶନିବାର ଏଠାରେ ହେବାକୁ ଥିବା ଶ୍ରୀଲଙ୍କା-ଅଷ୍ଟ୍ରେଲିଆ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଯାଇଛି। ବର୍ଷା ଲାଗି ରହିବାରୁ ଟସ୍ ମଧ୍ୟ ପଡ଼ିନଥିଲା। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଏହି ଫଳାଫଳରେ ଶ୍ରୀଲଙ୍କା ଲାଭବାନ ହୋଇଛି। ଚାମ୍ପିଅନ ଅଷ୍ଟ୍ରେଲିଆକୁ ହରାଇବା ଘରୋଇ ଦଳ ପକ୍ଷେ ବେଶ୍ କଷ୍ଟକର ହୋଇଥାନ୍ତା। ଭାରତଠାରୁ ପ୍ରଥମ ମ୍ୟାଚ୍ ହାରିଥିବା ଶ୍ରୀଲଙ୍କା ୧ ପଏଣ୍ଟ ପାଇ ଖାତା ଖୋଲିପାରିଛି। ୨ଟି ମ୍ୟାଚ୍‌ରୁ ୩ ପଏଣ୍ଟ ପାଇ ଅଷ୍ଟ୍ରେଲିଆ ଟେବୁଲ ଶୀର୍ଷରେ ପହଞ୍ଚିଛି। ଚଳିତ ବିଶ୍ୱକପ୍‌ରେ ପ୍ରଥମଥର ଏକ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଛି। ଆସନ୍ତା ୮ରେ କଲମ୍ବୋରେ ପାକିସ୍ତାନର ମୁକାବିଲା କରିବ ଅଷ୍ଟ୍ରେଲିଆ। ଅଷ୍ଟ୍ରେଲିଆ ଖେଳିଥିବା ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୮୯ ରନ୍‌ରେ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା।

### ଇରାନୀ କପ୍ କ୍ରିକେଟ

## ଲକ୍ଷ୍ୟ ୩୬୧; ଅବଶିଷ୍ଟ ଭାରତ ଏକାଦଶ ୩୦/୨

**ନାଗପୁର, ୪।୧୦ (ଏଜେନ୍ସି):** ଚଳିତ ଇରାନୀ କପ୍ କ୍ରିକେଟ୍ ମ୍ୟାଚ୍‌ରେ ଅବଶିଷ୍ଟ ଭାରତ ବିପକ୍ଷରେ ରଣଜୀ ଟ୍ରଫି ଚମ୍ପିଆନ୍ ବିଦର୍ଭ ଦୃଢ଼ ସ୍ଥିତିରେ ରହିଛି। ବିଦର୍ଭ ପ୍ରଥମ ଇନିଂସରେ ୩୪୨ ରନ୍ କରିଥିଲା। ପ୍ରଥମ ଇନିଂସରେ ୧୨୮ ରନ୍ ଆଗରେ ଥିବା ବିଦର୍ଭ ଶନିବାର ୪ର୍ଥ ଦିନରେ ୨ୟ ଇନିଂସରେ ୨୩୨ ରନ୍‌କରି ଅଲ୍‌ଆଉଟ୍ ହୋଇଯାଇଛି।

ଫଳରେ ଅବଶିଷ୍ଟ ଭାରତକୁ ୨ୟ ଇନିଂସରେ ୩୬୧ ରନ୍‌ର ବିଜୟଲକ୍ଷ୍ୟ ମିଳିଛି। ଏହାର ପିଛାକରି ୪ର୍ଥ ଦିନ ଶେଷରେ ଅବଶିଷ୍ଟ ଭାରତ ୨ ୱିକେଟ୍ ହରାଇ ୩୦ ରନ୍ କରିପାରିଛି। ୮ଟି ୱିକେଟ୍ ବାକିଥାଇ ଅବଶିଷ୍ଟ ଭାରତ ଆଉ ୩୩୧ ରନ୍ ଆବଶ୍ୟକ କରୁଛି। ରବିବାର ମ୍ୟାଚ୍‌ର ୫ମ ତଥା ଅନ୍ତିମ ଦିନ। ଯଦି ଅବଶିଷ୍ଟ ଭାରତ ମ୍ୟାଚ୍ ଡ୍ର ରଖେ; ତେବେ ପ୍ରଥମ ଇନିଂସରେ ଆଗୁଆ ରହିଥିବା ବିଦର୍ଭ ଦଳ ଚମ୍ପିଆନ୍ ହେବ। ଅବଶିଷ୍ଟ ଭାରତର ୨ୟ ଇନିଂସରେ ଅଭିମନ୍ୟୁ ଈଶ୍ୱରନ୍ ୧୭ ଓ ଆର୍ଯ୍ୟନ୍ ଜୁୟାଲ ୬ ରନ୍‌କରି ଆଉଟ୍ ହୋଇଥିଲେ। ଈଶାନ୍ କିଷନ୍ ୫ ଓ ଅଧିନାୟକ ରଜତ ପଟିଦାର ୨ ରନ୍‌କରି ଅପରାଜିତ ଅଛନ୍ତି। ୩ୟ ଦିନ ଶେଷରେ ବିଦର୍ଭ ୨ୟ ଇନିଂସରେ ୨ ୱିକେଟ୍‌ରେ ୯୬ ରନ୍ କରିଥିଲା। ୪ର୍ଥ ଦିନରେ ଧ୍ରୁବ ସୋରେ ୨୭ ଓ ଡାନିସ୍ ମାଲେୱାର ୧୬ ରନ୍‌କରି ଆଉଟ୍ ହୋଇଥିଲେ। ଅଧିନାୟକ ଅକ୍ଷୟ ୱାଡ୍‌କର ୪ଟି ଚୌକା ସହ ୩୬ ଓ ହର୍ଷ ଦୁବେ ୩ଟି ଚୌକା ସହ ୨୯ ରନ୍ କରିଥିଲେ। ତଳ ଅର୍ଡରରେ ଦର୍ଶନ ନାଲ୍‌କାଣ୍ଡେ ୩୫ ଓ ଯଶ ଠାକୁର ୧୩ ରନ୍ କରିଥିଲେ। ଭାରତ ପାଇଁ ଟେଷ୍ଟ ଖେଳିଥିବା ଅଂଶୁଳ କାମ୍ବୋଜ ୪ଟି ଏବଂ ସାରାଂଶ ଜୈନ, ମାନବ ସୁତାର ଓ ଗୁରନୁର ବ୍ରାର ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।

### ଭାରତ-ଅଷ୍ଟ୍ରେଲିଆ ଦିନିକିଆ ସିରିଜ୍ ୧୯ରୁ

## ରୋହିତଙ୍କ ସ୍ଥାନରେ ଗିଲ୍ ଅଧିନାୟକ

**ଶର୍ମା ସ୍ଥାନ ବଜାୟ ରଖିଲେ**
**କୋହଲି ସାମିଲ, ବୁମ୍‌ରାଙ୍କୁ ବିଶ୍ରାମ**
**ବାଦ୍ ପଡ଼ିଲେ ରବୀନ୍ଦ୍ର ଜାଡେଜା**

**ମୁମ୍ବଇ,୪।୧୦(ଏଜେନ୍ସି):** ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ଶୁବମନ ଗିଲ୍ ଅଧିନାୟକ ମନୋନୀତ ହୋଇଛନ୍ତି। ସେ ନିୟମିତ ଅଧିନାୟକ ଥିବା ରୋହିତ ଶର୍ମାଙ୍କ ସ୍ଥାନରେ ପ୍ରଥମଥର ଭାରତୀୟ ଦଳର ନେତୃତ୍ୱ ନେବେ। ଅଷ୍ଟ୍ରେଲିଆରେ ଏହି ଦିନିକିଆ ସିରିଜ୍ ଅକ୍ଟୋବର ୧୯, ୨୩ ଓ ୨୫ରେ ଖେଳାଯିବ। ୨୬ ବର୍ଷୀୟ ଗିଲ୍ ମଧ୍ୟ ରୋହିତ ଶର୍ମାଙ୍କ ଅବସର ପରେ ଟେଷ୍ଟ ଦଳର ନେତୃତ୍ୱ ନେଉଛନ୍ତି। ଏବେ ୨୦୨୭ ବିଶ୍ୱକପ୍ ଆଉ ଦୁଇ ବର୍ଷ ରହିଛି। ଏଣୁ ଗିଲଙ୍କୁ ତାଙ୍କ ଟିମ୍ ଚୟନ କରିବାକୁ ପର୍ଯ୍ୟାପ୍ତ ସମୟ ମିଳିବ ବୋଲି ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ହେଡ୍ କୋଚ୍ ଗୌତମ ଗମ୍ଭୀର, ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆଙ୍କ ସହ ପରାମର୍ଶ ପରେ ଗିଲଙ୍କୁ ଦିନିକିଆ ଦଳର ନେତୃତ୍ୱ ଦିଆଯାଇଛି।

ଏହି ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଲାଗି ଚାମ୍ପିଅନ୍ସ ଟ୍ରଫିରେ ଶେଷଥର ଭାରତ ପକ୍ଷରୁ ଖେଳିଥିବା ଦୁଇ ସୁପରଷ୍ଟାର ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ସ୍ଥାନ ମିଳିଛି। ଅନ୍ୟ ସମସ୍ତ ଖେଳାଳି ଆଶାଅନୁଯାୟୀ ଦଳରେ ସ୍ଥାନ ପାଇଛନ୍ତି। କେବଳ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଏହି ସିରିଜ୍‌ରେ ବିଶ୍ରାମ ଦିଆଯାଇଛି। କିନ୍ତୁ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ବାଦ୍ ଦିଆଯାଇଛି। ଏହା ପରେ ନଭେମ୍ବର-ଡିସେମ୍ବରରେ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ସହ ଓ ୨୦୨୬ ଜାନୁଆରୀରେ ନ୍ୟୁଜିଲାଣ୍ଡ ସହ ଦିନିକିଆ ସିରିଜ୍ ଖେଳାଯିବ। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଅକ୍ଟୋବର ୨୯ରୁ ଆରମ୍ଭ ହୋଇ ନଭେମ୍ବର ୮ରେ ଶେଷ ହେବ। ଏହି ସିରିଜ୍ ଲାଗି ପରେ ଭାରତୀୟ ଦଳ ଘୋଷଣା କରାଯିବ।

**ଘୋଷିତ ଦଳ**
ଶୁବମନ ଗିଲ୍ (ଅଧିନାୟକ), ଶ୍ରେୟସ ଆୟର (ଉପଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ ଓ ଧ୍ରୁବ ଜୁରେଲ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, ଅର୍ଶଦୀପ ସିଂହ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣା।

## ମାର୍ଶଙ୍କ ଶତକ; ଅଷ୍ଟ୍ରେଲିଆ ଟି୨୦ ସିରିଜ୍ ବିଜୟୀ

**ମାଉଣ୍ଟ ମୌଙ୍ଗନୁଇ, ୪।୧୦:** ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ଟ୍ୱେଣ୍ଟି୨୦ ସିରିଜ୍ ଜିତିନେଇଛି ଅଷ୍ଟ୍ରେଲିଆ। ଅଧିନାୟକ ମିଚେଲ ମାର୍ଶଙ୍କ ଅପରାଜିତ ଶତକ ବଳରେ ଶନିବାର ୩ୟ ତଥା ଅନ୍ତିମ ଟ୍ୱେଣ୍ଟି୨୦ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୩ ୱିକେଟ୍‌ରେ ଜିତିନେଇଛି। ବ୍ୟାଟିଂ ବିଫଳତା ଭୋଗି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ୧୫୬ ରନ୍ କରିଥିଲା। ପରେ ଅଷ୍ଟ୍ରେଲିଆର ବ୍ୟାଟ୍‌ସମ୍ୟାନ ମଧ୍ୟ ବିଫଳ ହୋଇଥିଲେ ହେଁ ମାର୍ଶ ଗୋଟିଏ ପଟେ ଛିଡ଼ାହୋଇ ଅପରାଜିତ ଶତକ ମାରି ଦଳକୁ ଜିତାଇଥିଲେ।




୧୨ଟି ବଲ୍ ବାକିଥାଇ ୭ ୱିକେଟ୍ ହରାଇ ଅଷ୍ଟ୍ରେଲିଆ ଜିତିଥିଲା। ୨ୟ ଟ୍ୱେଣ୍ଟି୨୦ ବାତିଲ ହୋଇଥିବା ବେଳେ ଏହି ମ୍ୟାଚ୍ ଜିତି ଅଷ୍ଟ୍ରେଲିଆ ୨-୦ରେ ଶୃଙ୍ଖଳା ଜିତିବାରେ ସଫଳ ହୋଇଛି। ଜୀବନର ପ୍ରଥମ ଟି-୨୦ ଶତକ ହାସଲ କରିଥିବା ମାର୍ଶ ୫୨ ବଲ୍‌ରୁ ୭ଟି ଛକା ଓ ୮ଟି ଚୌକା ସହ ୧୦୩ ରନ୍‌କରି ଅପରାଜିତ ଥିଲେ। ମିଚେଲ ମାର୍ଶ ଏହି ମ୍ୟାଚ୍‌ର ଓ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମାର୍ଶ ଉଭୟ ବ୍ୟାଟିଂ ଓ ନେତୃତ୍ୱ ନେଇ ଅଷ୍ଟ୍ରେଲିଆକୁ ବିଜୟୀ କରାଇଥିଲେ।

## ନକ୍‌ଭୀଙ୍କୁ ମିଳିବ ସ୍ୱର୍ଣ୍ଣ ପଦକ

**କରାଚି, ୪।୧୦ (ଏଜେନ୍ସି):** ଏସିଆ କପ୍ ଫାଇନାଲରେ ଜିତିବା ପରେ ଭାରତୀୟ ଖେଳାଳି ଜିଦ୍ ଧରିଥିଲେ ଯେ ପାକିସ୍ତାନ ସରକାରରେ ମନ୍ତ୍ରୀ ଥିବା ଏସୀୟ କ୍ରିକେଟ୍ ପରିଷଦ (ଏସିସି) ଅଧ୍ୟକ୍ଷ ମୋହସିନ ନକ୍‌ଭିଙ୍କଠାରୁ ସେମାନେ ଟ୍ରଫି ଗ୍ରହଣ କରିବେ ନାହିଁ। ପରେ ନକ୍‌ଭି ଟ୍ରଫି ଧରି ତାଙ୍କ ହୋଟେଲ ରୁମ୍‌କୁ ଚାଲି ଯାଇଥିଲେ। ତାଙ୍କର ଏହି ନୀତି ପାଇଁ ନକ୍‌ଭିଙ୍କୁ ସ୍ୱତନ୍ତ୍ର ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। କରାଚିରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନକ୍‌ଭିଙ୍କୁ ସହିଦ୍ ଜୁଲ୍‌ଫିକର ଅଲୀ ଭୁଟ୍ଟୋ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। ପିପିପି ଅଧ୍ୟକ୍ଷ ବିଲାୱଲ ଭୁଟ୍ଟୋ ଜର୍ଦାରି ଉତ୍ସବରେ ମୁଖ୍ୟ ଅତିଥି ହେବେ। ପୁଣି ନକ୍‌ଭି କହିଛନ୍ତି ଯେ ଭାରତୀୟ ଦଳ ଦୁବାଇସ୍ଥିତ ଏସିସି କାର୍ଯ୍ୟାଳୟକୁ ଆସି ତାଙ୍କଠାରୁ ହିଁ ଟ୍ରଫି ଗ୍ରହଣ କରିପାରିବେ। ସେ ନିଜେ ଟ୍ରଫି ପ୍ରଦାନ କରିବେ ବୋଲି ନକ୍‌ଭି ଜିଦ୍ ଧରିଛନ୍ତି। ବିସିସିଆଇକୁ ସେ କ୍ଷମା ମାଗିଛନ୍ତି ବୋଲି ଭାରତ ଯେଉଁ ଦାବିକରୁଛି; ତାହା ମିଥ୍ୟା ବୋଲି ନକ୍‌ଭି କହିଛନ୍ତି।

## ୱାର୍ଲ୍ଡ ପାରା ଆଥଲେଟିକ୍ସ: ଭାରତର ଶ୍ରେଷ୍ଠ ପ୍ରଦର୍ଶନ

**ନୂଆଦିଲ୍ଲୀ,୪।୧୦(ଏଜେନ୍ସି):** ଏଠାରେ ଚାଲିଥିବା ୱାର୍ଲ୍ଡ ପାରାଆଥଲେଟକ୍ସ ଚାମ୍ପିଅନସିପ୍‌ରେ ଏକତା ଭାୟାନ ଭାରତ ଲାଗି ୧୮ଶ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ୱାର୍ଲ୍ଡ ପାରା ଆଥଲେଟିକ୍ସରେ ଭାରତ ତାହାର ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଏହି ପ୍ରତିଯୋଗିତାର ୭ମ ଦିନରେ ଭାରତ ୩ଟି ପଦକ ଜିତିଛି। ଏକତା ଏଫ୍‌୫୧ କ୍ଲବ୍ ଥ୍ରୋ କାଟାଗୋରୀରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ବିଜୟୀ ହୋଇଥିଲେ। ତାଙ୍କ ଛଡ଼ା ଟି୬୪ ହାଇଜମ୍ପରେ ପ୍ରବୀଣ କୁମାର ଓ ସଟ୍‌ପୁଟ ଏଫ୍‌୫୭ରେ ସୋମନ ରାଣା କାଂସ୍ୟ ପଦକ ବିଜୟୀ ହୋଇଥିଲେ।

### ମହିଳା ଦିନିକିଆ ବିଶ୍ୱକପ୍

# ଆଜି ଭାରତ-ପାକିସ୍ତାନ ଲଢ଼େଇ

**କଲମ୍ବୋ, ୦୪।୧୦ (ଏଜେନ୍ସି):** ଭାରତରେ ଚାଲିଥିବା ଆଇସିସି ମହିଳା ଦିନିକିଆର ୧୩ତମ ସଂସ୍କରଣରେ ରବିବାର ଏକ ହାଇଭୋଲଟେଜ ମୁକାବିଲା ଖେଳାଯିବ। ଏଥିରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ସାମ୍ନା କରିବେ। ଟୁର୍ଣ୍ଣାମେଣ୍ଟର ସହ-ଆୟୋଜକ ରହିଥିବା ଶ୍ରୀଲଙ୍କାର ଆର୍ ପ୍ରେମଦାସ ଷ୍ଟାଡିୟମରେ ଏହି ମ୍ୟାଚ୍ ରବିବାର ଅପରାହ୍ଣ ୩ଟାରୁ ଆରମ୍ଭ ହେବ। ରାଜନୈତିକ କାରଣ ଲାଗି ଭାରତରେ ମ୍ୟାଚ୍ ଖେଳିବାକୁ ରାଜି ନ ହେବାରୁ ଆଇସିସି ପାକିସ୍ତାନର ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଆୟୋଜିତ କରିବାକୁ ନିଷ୍ପତ୍ତି ନେଇଥିଲା।

ପୂର୍ବରୁ ଆୟୋଜକ ଭାରତ ଉଦ୍‌ଘାଟନୀ ଦିବସରେ ପ୍ରଥମ ମ୍ୟାଚରେ ୫୯ ରନରେ ଶ୍ରୀଲଙ୍କାକୁ ମାତ୍ ଦେଇ ଅଭିଯାନ ଆରମ୍ଭ କରିଥିଲା। ଅପରପକ୍ଷରେ ପାକିସ୍ତାନ ପ୍ରଥମ ମ୍ୟାଚରେ ୭ ୱିକେଟରେ ବାଂଲାଦେଶ ନିକଟରୁ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା। ତେଣୁ ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଏହି ବିଜୟଧାରାକୁ ବଜାୟ ରଖିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ମଧ୍ୟ ଓ ନିମ୍ନକ୍ରମରେ ଅମନଜୋତ୍ କୌର ଓ ଦୀପ୍ତି ଶର୍ମା ଲଢ଼ୁଆ ଅର୍ଦ୍ଧଶତକୀୟ ଇନିଂସ ଖେଳିବା ଯୋଗୁ ଭାରତ ୮ ୱିକେଟରେ ୨୬୯ ରନ କରିବାକୁ ସକ୍ଷମ ହୋଇଥିଲା। ଏହି ମ୍ୟାଚରେ କିନ୍ତୁ ସ୍ମୃତି ମନ୍ଧାନା (୮ ରନ), ଅଧିନାୟିକା ହରମନପ୍ରୀତ୍ କୌର (୨୧ ରନ) ଓ




ଜେମିମା ରୋଡ୍ରିଗ୍ସ (୦) ନିରାଶ କରିଥିଲେ। ତେଣୁ ଆସନ୍ତାକାଲି ପାକିସ୍ତାନ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଦଳ ଏହି ୩ ବରିଷ୍ଠ ଖେଳାଳିଙ୍କ ନିକଟରୁ ବଡ଼ ସ୍କୋର ଆଶାରେ ରହିଛି।

**ଭାରତ ସପକ୍ଷରେ ରେକର୍ଡ:**

ରେକର୍ଡ ଉପରେ ନଜର ପକାଇଲେ ମହିଳା ଦିନିକିଆ କ୍ରିକେଟରେ ଭାରତ ଓ ପାକିସ୍ତାନ ୧୧ଥର ସାମ୍ନାସାମ୍ନି ହୋଇଛନ୍ତି। ଏଥିରେ ଭାରତୀୟ ମହିଳା ଦଳ ସମସ୍ତ ୧୧ଟି ଯାକ ମ୍ୟାଚ୍ ଜିତି ଅଗ୍ରଣୀ ରହିଛି। ତେଣୁ ରେକର୍ଡ ଭାରତ ସପକ୍ଷରେ ରହିଛି। ଶେଷଥର ଲାଗି ଦୁଇ ଦଳ ୨୦୨୨ରେ ଏକ ଦିନିକିଆ ମ୍ୟାଚରେ ମୁହାଁମୁହିଁ ହୋଇଥିଲେ। ଏଥିରେ ଭାରତ ୧୦୭ ରନର ବଡ଼ ବ୍ୟବଧାନରେ ବିଜୟୀ ହୋଇଥିଲା।

## ଖେଳାଳି ହାତ ମିଳାଇବେ ନାହିଁ

**ନୂଆଦିଲ୍ଲୀ, ୪।୧୦ (ଏଜେନ୍ସି):** ରବିବାର ମହିଳା ବିଶ୍ୱକପ୍‌ରେ ଭାରତ-ପାକିସ୍ତାନ ମୁକାବିଲା ହେବ। ଏସିଆ କପ୍‌ରେ ପୁରୁଷ କ୍ରିକେଟରଙ୍କ ପରି ଏହି ମ୍ୟାଚ୍‌ରେ ପାକିସ୍ତାନ ଖେଳାଳିଙ୍କ ସହ ଭାରତୀୟ ମହିଳା ଖେଳାଳି ହାତ ମିଳାଇବେ ନାହିଁ ବୋଲି ଜାଣିବାକୁ ମିଳିଛି। ଏହା ବିଷୟରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି, ଭାରତ ଉକ୍ତ ମ୍ୟାଚ୍ ଖେଳିବ ଏବଂ କ୍ରିକେଟ୍‌ର ସମସ୍ତ ନିୟମ ପାଳନ କରାଯିବ। ତେବେ ଉଭୟ ଦଳର ଖେଳାଳି ହାତ ମିଳାଇବେ କିମ୍ବା କୋଳାକୋଳି ହେବ; ତାହା ମୁଁ କହିପାରିବି ନାହିଁ। ଆମର ଧ୍ୟାନ ଖେଳ ଉପରେ ରାଜନୀତି ଉପରେ ନୁହେଁ। ଗତ ସପ୍ତାହକ ମଧ୍ୟରେ ଦୁଇ ଦେଶର ସମ୍ପର୍କରେ ସେପରି କିଛି ପରିବର୍ତ୍ତନ ହୋଇନାହିଁ; ବରଂ ଏହା ଖରାପ ହୋଇଛି। ଏଣୁ କ୍ରିକେଟ୍ ବୋର୍ଡ ଏଭଳି ଘଟଣାରୁ ଦୂରେଇ ରହିବାକୁ ଉଚିତ ମନେ କରୁଛି। କୌଣସି ନିୟମ ଭଙ୍ଗ କିମ୍ବା କାହାରିକୁ ଅପମାନିତ କରିବା ବିସିସିଆଇର କାମ ନୁହେଁ। ଖେଳୁଆଡ଼ ମନୋଭାବ ଓ ନିୟମ ଅନୁଯାୟୀ ଖେଳିବାକୁ ଆମେ ଗୁରୁତ୍ୱ ଦେଇଛୁ ଏବଂ ଦେବୁ ମଧ୍ୟ ବୋଲି ସାଇକିଆ କହିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS